- Vol.- 46, Issue No. 217
- Sunday, 8 November 2026
- ରବିବାର, ୮ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ଶବାରୂଢ଼ାଂ ମହାଭୀମାଂ
ଘୋରଦଂଷ୍ଟ୍ରା ବରପ୍ରଦାଂ
ହାସ୍ୟଯୁକ୍ତାଂ ତ୍ରିନେତ୍ରାଞ୍ଚ
କପାଲ କର୍ତ୍ତିକା କରାମ୍
ମୁକ୍ତ କେଶାଂ ଲଲଜ୍ଜିହ୍ୱାଂ।
ପିବଂତୀଂ ରୁଧିରଂ ମୁହୁଃ
ଚତୁର୍ବାହୁଯୁତାଂ ଦେବୀ
ବରାଭୟକରାଂ ସ୍ମରେତ।

ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ ରାଜ୍ୟବାସୀଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।
- ସଂପାଦକ

ପବିତ୍ର ଦୀପାବଳି ଓ କାଳୀପୂଜା ଅବସରରେ 'ଦିନଲିପି' କାର୍ଯ୍ୟାଳୟ ଏବଂ ପ୍ରେସ୍ ନଭେମ୍ବର ୮ରେ ବନ୍ଦ ରହିବ। 'ଦିନଲିପି'ର ପରବର୍ତ୍ତୀ ସଂସ୍କରଣ ୯ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇଛି।
- ପରିଚାଳକ

ମୁଖ୍ୟମନ୍ତ୍ରୀ ନିବାସରେ ମନାଯିବନି ଦୀପାବଳି

'ଜ୍ଞାନର ଆଲୋକ ଦୀପ ଦୂର କରିଥାଏ ଅନ୍ଧାର'

ଭୁବନେଶ୍ୱର, ୭।୧୧: ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳ, ବିଶେଷକରି ଦକ୍ଷିଣଓଡ଼ିଶାରେ ଉପୁଜିଥିବା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ନିବାସରେ ଦୀପାବଳି ଉତ୍ସବ ପାଳିତ ହେବ ନାହିଁ।ଏହି ପରିପ୍ରେକ୍ଷୀରେ, ଦୀପାବଳି ଅବସରରେ ମୁଖ୍ୟମନ୍ତ୍ରୀ ନିବାସକୁ କୌଣସି ପ୍ରକାର ଉପହାର କିମ୍ବା ଫୁଲତୋଡ଼ା ନେଇ ନ ଆସିବା ପାଇଁ ସମସ୍ତ ଶୁଭେଚ୍ଛୁ ତଥା ନାଗରିକମାନଙ୍କୁ ଅନୁରୋଧ କରାଯାଇଛି। ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ରହିବା ଓ ପ୍ରଭାବିତଙ୍କ ସହାୟତାରେ ସହଯୋଗର ହାତ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ଆଲୋକର ପର୍ବ ଦୀପାବଳି ଅବସରରେ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇ ଉଲ୍ଲେଖ କରିଛନ୍ତି ଯେ ଦୀପାବଳିର ଅମ୍ଳାନ ଦୀପ ମଣିଷ ଜୀବନରେ ଜ୍ଞାନର ଆଲୋକ ଦୀପ ପ୍ରଜ୍ୱଳିତ କରି ଅଜ୍ଞାନର ଅନ୍ଧାରକୁ ଦୂର କରିଥାଏ।

କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ ଆରମ୍ଭ କଲେ

କୃଷି, ସ୍ୱାସ୍ଥ୍ୟ ଓ ଭିତିଭୂମିର କାୟାକଳ୍ପ



- ୩ ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ପଡ଼ିଲା ଭିତି
- ବିକାଶଧାରାରେ ଯୋଡ଼ି ହେଲା ସ୍ୱର୍ଣ୍ଣିମ ଫର୍ଦ୍ଦ
- କହିଲେ,ରାଇକଳା ମୋ ପାଇଁ ତୀର୍ଥ କ୍ଷେତ୍ର
- ପୂର୍ବ ୨୪ ବର୍ଷର ସରକାରକୁ କଲେ କଡ଼ା ସମାଲୋଚନା

କେନ୍ଦୁଝର, ୭।୧୧ : ରାଜ୍ୟର କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କିଙ୍ଗ୍ ଏବଂ ଗ୍ରାମାଞ୍ଚଳର ମୌଳିକ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଶନିବାର କେନ୍ଦୁଝରରେ ଆଉ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାର ରାଇକଳା ଗ୍ରାମପଞ୍ଚାୟତ ତଥା ସମଗ୍ର କେନ୍ଦୁଝର ଓ ମୟୂରଭଞ୍ଜ କ୍ଲଷ୍ଟରର ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଅଢ଼େଇ ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ବିକାଶର ଯେଉଁ ଧାରା ଜାରି ରହିଛି, ଆଜି ସେଥିରେ ଆଉ ଏକ ସ୍ୱର୍ଣ୍ଣିମ ଫର୍ଦ୍ଦ ଯୋଡ଼ି ହୋଇଛି।ଏ ସରକାର ହେଉଛି ଗରିବ, ଚାଷୀ ଓ ମୂଲିଆଙ୍କ ସରକାର ଏବଂ ରାଜ୍ୟର ପ୍ରତ୍ୟେକଟି କୋଣକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରାଯିବ। ଏହି ଐତିହାସିକ କାର୍ଯ୍ୟକ୍ରମରେ କେନ୍ଦୁଝର ଏବଂ ମୟୂରଭଞ୍ଜ କ୍ଲଷ୍ଟରକୁ ସଂଯୋଗ କରୁଥିବା ତିନୋଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୧୨୦ କୋଟି ଟଙ୍କାର ଏହି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଅଧୀନରେ ରାଇକଳା, ସତିକୁଦର ଏବଂ ଜାରକାଣି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉଛି, ଯାହାର କାର୍ଯ୍ୟ ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୃହତ ପ୍ରକଳ୍ପଗୁଡ଼ିକ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ୪ ହଜାର ୨୮୦ ହେକ୍ଟର ଶୁଷ୍କ ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ କଲ୍ୟାଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି କହିଛନ୍ତି ଯେ, ଆମର କୃଷକ ଭାଇର କ୍ଷେତକୁ ପାଣି ମିଳିନାହିଁ, ସେପର୍ଯ୍ୟନ୍ତ ଗାଁର ଅର୍ଥନୀତି ମଜଭୁତ ହୋଇପାରିବ ନାହିଁ। ପୂର୍ବ ୨୪ ବର୍ଷର ସରକାରକୁ କଡ଼ା ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତୀତରେ ପ୍ରତି ବ୍ଲକକୁ ଅତି କମ୍‌ରେ ୩୫ ପ୍ରତିଶତ ଜମିକୁ ପାଣି ଯୋଗାଇଦେବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି କେବଳ କାଗଜ କଲମରେ ରହିଯାଇଥିଲା । ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନର ସରକାର ଆସନ୍ତା ପାଞ୍ଚ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ପାଣି ଯୋଗାଇଦେବା ପାଇଁ ବ୍ୟବସ୍ଥା କରୁଛନ୍ତି । ରାଜ୍ୟରେ ଜଳସେଚନ ଭିତିଭୂମିର ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ଚଳିତ ବର୍ଷ ବଜେଟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ପାଇଁ ୧୪ ହଜାର ୫୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆସନ୍ତା ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲାର ବହୁପ୍ରତୀକ୍ଷିତ କାନୁପୁର ଜଳସେଚନ ପ୍ରକଳ୍ପର ଆନୁଷ୍ଠାନିକ ଉଦ୍ଘାଟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ଝୁମ୍ପୁରା ଠାରେ ୧୭ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍ଘାଟନ କରିଛନ୍ତି, ଯାହାଦ୍ୱାରା ଗ୍ରାମାଞ୍ଚଳର ଆଦିବାସୀ ଓ ଚାଷୀ ଭାଇଭଉଣୀମାନେ ଉନ୍ନତ ଚିକିତ୍ସା ସେବା ନିଜ ଘର ପାଖରେ ପାଇପାରିବେ ।ଏହାସହିତ ରାଇକଳାଠାରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖାର ଉଦ୍ଘାଟନ କରାଯାଇଛି, ଯାହା ସ୍ଥାନୀୟ ଚାଷୀ ଓ ବ୍ୟବସାୟୀଙ୍କୁ ସରକାରୀ ଋଣ ଏବଂ ବ୍ୟାଙ୍କିଙ୍ଗ୍ ସେବା ପାଇବାରେ ବିଶେଷ ସହାୟକ ହେବ । ମୁଖ୍ୟମନ୍ତ୍ରୀ ଏହାମଧ୍ୟ ଘୋଷଣା କରିଛନ୍ତି ରାଇକଳା ଓ ସ୍ଥାନୀୟ ଯୁବକ ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ବୃହତ୍ ପ୍ରକଳ୍ପର ଘୋଷଣା କରିଛନ୍ତି । ରାଇକଳାଠାରେ ୨୪ କୋଟି ଟଙ୍କାର ବ୍ୟୟବରାଦରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରାଯିବ । ୩୦ କୋଟି ଟଙ୍କାର ବ୍ୟୟରେ ଏକ ଅତ୍ୟାଧୁନିକ 'ଏସ.ସି/ଏସ.ଟି ଆବାସିକ ବିଦ୍ୟାଳୟ' ସ୍ଥାପନ କରାଯିବ । ରାଇକଳାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଇକଳାର ବିକାଶ ପାଇଁ ୮ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୧୦ଟି ତୃଣମୂଳ ସ୍ତରର ପ୍ରକଳ୍ପ ହାତକୁ ନିଆଯାଇଛି । ନିଜ ଜନ୍ମମାଟିରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇ କହିଥିଲେ, ରାଇକଳା କେବଳ ମୋର ଜନ୍ମମାଟି ନୁହେଁ, ଏହା ମୋ ପାଇଁ ଏକ ତୀର୍ଥ କ୍ଷେତ୍ର ।

ଯାଜପୁରରେ ଘରପୋଡ଼ି, ୪ ଜୀବନ୍ତ ଦଗ୍ଧ



ବଡଚଣା,୭।୧୧: ଦୀପାବଳି ପର୍ବର ପୂର୍ବଦିନ ଯାଜପୁରଜିଲ୍ଲା ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଗ୍ରାମରେ ହୃଦୟ ବିଦାରକ ଘଟଣା ଘଟିଛି । ଗୋଟିଏ ପରିବାରର ୪ ଜଣ ଜୀବନ୍ତ ଜଳିଯାଇଛନ୍ତି । ସୂଚନା ମୁତାବକ ନଳିପୁର ଗ୍ରାମର ସେକ୍ ନିଜାମ ଉଦ୍ଦିନଙ୍କ ଆଜବେଷ୍ଟ ଘରେ ଶନିବାର ରାତି ପ୍ରାୟ ୮ ସମୟରେ କୌଣସି କାରଣରୁ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡରେ ନିଜାମ ଉଦ୍ଦିନଙ୍କ ଆଜବେଷ୍ଟ ଘର ସମ୍ପୂର୍ଣ୍ଣ ପୋଡ଼ି ଛାରଖାର ହୋଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ତେବେ ନିଆଁରେ ତାଙ୍କ ବଡ଼ବୋହୂ , ଶାଶୁଘରୁ ଆସିଥିବା ତାଙ୍କ ଝିଅ, ତାଙ୍କର ୧୦ ବର୍ଷର ଗୋଟିଏ ନାତୁଣୀ ଓ ୮ ମାସର ଗୋଟିଏ ନାତି ଜଳି ପୋଡି ପାଉଁଶ ହୋଇଯାଇଛନ୍ତି । ଘଟଣା ସ୍ଥଳରେ ହିଁ ଏ ସମସ୍ତଙ୍କ ମୃତ୍ୟୁ ଘଟିଛି । ତେବେ ଅନ୍ୟ ଜଣେ ୨୨ ବର୍ଷୀୟ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ମେଡ଼ିକାଲକୁ ପଠା ଯାଇଛି ।ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଓ ବାଲିଚନ୍ଦ୍ରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି । ଏହି ଦୁଃଖଦ ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇଦେଇଛି ।

୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ମିଳିବ ଭତ୍ତା !

ଭୁବନେଶ୍ୱର,୭।୧୧: ଗରିବ, ଅସହାୟ, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମଙ୍କ ପାଇଁ ଖୁସି ଖବର। ରାଜ୍ୟରେ ଭତ୍ତା ତାଲିକାରେ ଯୋଡ଼ି ହୋଇଛନ୍ତି ଆଉ ୫ ଲକ୍ଷ ୫ ହଜାର ୮୧୨ ଜଣ ନୂଆ ଯୋଗ୍ୟ ହିତାଧିକାରୀ। ନଭେମ୍ବର ୧୦ରୁ ଏହି ସମସ୍ତ ହିତାଧିକାରୀଙ୍କୁ ପିଛିଲା ଭାବେ ଅକ୍ଟୋବର ମାସରୁ ଭତ୍ତା ପ୍ରଦାନ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି ।

'ସାଧୁତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଅ'



ଭୁବନେଶ୍ୱର,୭।୧୧: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସ୍ୱଚ୍ଛତା, ସାଧୁତା, ସମ୍ବେଦନଶୀଳତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚ୍ଚୋଟ ଏବଂ ନିଷ୍ଠାବାନ ରହିବାକୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ। ନିକଟରେ ଜଣେ ଯୁବ ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀ ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ତାଙ୍କୁ ଗଭୀର ଭାବେ ମର୍ମାହତ ଓ ବ୍ୟଥିତ କରିଛି ବୋଲି ବିଭାଗର ସମସ୍ତ ସହକର୍ମୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ଏକ ଚେତାବନୀ ଭାବେ ଗ୍ରହଣ କରି ସରକାରୀ ସେବାରେ ନୈତିକତା, ସାଧୁତା ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନହେବା ଦିଗରେ ସମସ୍ତଙ୍କୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

ବାୟୁ ପ୍ରଦୂଷଣ ଯନ୍ତାରେ ଆମେ ଅଛୁ କି ନାହୁଁ ?

ଭୁବନେଶ୍ୱର,୭।୧୧: ଆପଣ ଯଦି ରାଜଧାନୀ ଭୁବନେଶ୍ୱରରେ ବାଇକ,ଅଟୋ ଅବା ଚାରିଚକିଆରେ ସନ୍ଧ୍ୟାରେ ଜନଗହଳିପୂର୍ଣ୍ଣ ଜନପଥ ହେଉ କି ଭୁବନେଶ୍ୱର-ନନ୍ଦନକାନନ ରାସ୍ତାର କେଉଁଠାରେ ଟ୍ରାଫିକ ଜାମ୍‌ରେ ଫସିଛନ୍ତି ସହଜେ ବାହାରିପାରିବେ ନାହିଁ। ଅଧିକ ବ୍ୟତିବ୍ୟସ୍ତ କରିଥାଏ ଗାଡ଼ିଗୁଡ଼ିକରୁ ନିର୍ଗତ ଧୂଆଁ,ଯାହା ନିରନ୍ତର ପ୍ରଦୂଷିତ କରିଚାଲିଥାଏ ହୃତ୍‌ପିଣ୍ଡକୁ। ପ୍ରାୟ ପାଞ୍ଚ ଦଶନ୍ଧି ପୂର୍ବେ ଭୁବନେଶ୍ୱର ସହରକୁ ଯେଉଁମାନେ ଦେଖିଛନ୍ତି ତାହାର ସବୁଜିମା ସର୍ବଦା ଝୁରିବେ ହିଁ ଝୁରିବେ। ସରକାର ପରେ ସରକାର ବଦଳି ଚାଲିଛନ୍ତି କିନ୍ତୁ ସେହି ସବୁଜିମା ସ୍ୱପ୍ନପ୍ରାୟ ରହିଛି।ପୁରୁଖା ଲୋକେ ଏବେ ବି ମନେ ପକାଉଛନ୍ତି। ରାଜ୍ୟର ଝାରସୁଗୁଡ଼ା, ତାଳଚେର, ଅନୁଗୁଳ, ରାଉରକେଲା ପ୍ରଭୃତି ଅଞ୍ଚଳରେ ବାୟୁ ପ୍ରଦୂଷଣ କିଭଳି ସ୍ତରରେ ପହଞ୍ଚିଛି ତାହା ସେଠାକାର ଲୋକେ ପ୍ରତ୍ୟହ ଅଙ୍ଗେ ନିଭାଉଛନ୍ତି। ଯଦି ପ୍ରଦୂଷିତ ବାୟୁ ଭରା ଅଞ୍ଚଳରେ ନିତ୍ୟ ଯାତାୟାତ କରୁଥିବା ଲୋକଙ୍କ ହିମୋଗ୍ଲୋବିନ ସ୍ତର ଯାଞ୍ଚ କରାଯାଏ ତେବେ ଅଧିକାଂଶଙ୍କ ଠାରେ ଏହି ସ୍ତର କମିଥିବା ଲକ୍ଷ୍ୟ କରାଗଲେ ବିସ୍ମିତ ହେବା ଅନାବଶ୍ୟକ। ରାଜଧାନୀ ନୂଆଦିଲ୍ଲୀ କଥାକୁ ଉଦାହରଣ ଭାବରେ ନିଆଯାଏ, ବଡ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ନିକଟରେ ଏହି ମହାନଗରୀର ବାୟୁ ଗୁଣବତ୍ତା ଉଦ୍‌ବେଗଜନକ ଭାବରେ ହ୍ରାସ ପାଇଛି ବୋଲି କର୍ତ୍ତୃପକ୍ଷ ଗ୍ରେଡେଡ୍ ରେସପନସ ଆକ୍ସନ ପ୍ଲାନ ବା ଗ୍ରାପ-୩ କଟକଣା ଲଗାଇସାରିଲେଣି। ଗତ ବର୍ଷ ଦୀପାବଳି ବେଳକୁ ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ସ୍ତର ଥିଲା ୩୫୦ରୁ ଅଧିକ। ସାଧାରଣ ଭାବରେ ୧୨୦ରୁ ୧୬୦ ରହିଲେ ବି ଅସୁସ୍ଥତା ଆଣିଥାଏ ।ବାଣ ଦୋକାନ ହେଉ କି ବାଣଫୁଟା ହେଉ ; ଲୋକଦେଖାଣିଆ କଟକଣା ଅଧିକ ,ମାତ୍ର ଉତ୍ସବ ନାଁରେ ବାୟୁକୁ ନଷ୍ଟଭ୍ରଷ୍ଟ କରୁଥିବା ଲୋକ ପ୍ରତିଯୋଗୀ ସାଜି ବାଣ ଫୁଟାରେ ଦେଖାଯିବା, କି ପ୍ରକାର ମାନସିକତା ? ଜନତାଙ୍କ କ୍ଷତି ଉତ୍ସବ ବା ପର୍ବ ଲାଗି ନ ହେଉ,ସଚେତନ ନାଗରିକମାନେ ଏପରି ଇଚ୍ଛା କରନ୍ତି। ମାତ୍ର ସରକାର ଏ ଦିଗରେ କେତେ ସଚେତନ ? ତାହା ହିଁ ବଡ଼ ପ୍ରଶ୍ନ।

15001/134/2627

ସାରମେୟ ଜୟତେ



ପବିତ୍ର ଦୀପାବଳି ଉପଲକ୍ଷେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ବ୍ରଜମୋହନ ରାମ)

OIPR-15001/15001/2/26-27/0133



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଜୀବନରୁ ଅଜ୍ଞାନତାକୁ ଅପସାରିତ କରି ଜ୍ଞାନର ପରିପ୍ରକାଶ କରିବାର ମହାନ ପ୍ରତୀକ ହେଉଛି ପବିତ୍ର ଦୀପାବଳି । ଏହା ହେଉଛି ସମାଜିକ ସଂପ୍ରୀତି ଓ ସକାରାତ୍ମକ ମନୋଭାବର ଏକ ଉତ୍ସବ ।

ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

ଆସନ୍ତୁ, ଏହି ପର୍ବକୁ ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ ୍ୟମନ୍ତ୍ରୀ, ଓଡ଼ିଶା



ନିଜ ଭିତରେ ଦୀପ ଜାଳିବା

ଅନ୍ଧକାର ଉପରେ ଆଲୋକର ବିଜୟ, ଅଜ୍ଞାନ ଉପରେ ଜ୍ଞାନର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟର ପର୍ବ ହେଉଛି ଦୀପାବଳି। ଏହା କେବଳ ଏକ ପର୍ବ ନୁହେଁ, ଏହା ଭାରତୀୟ ସଂସ୍କୃତିର ଆତ୍ମା।

ଅନ୍ଧକାର ଉପରେ ଆଲୋକର ବିଜୟ, ଅଜ୍ଞାନ ଉପରେ ଜ୍ଞାନର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟର ପର୍ବ ହେଉଛି ଦୀପାବଳି। ଏହା କେବଳ ଏକ ପର୍ବ ନୁହେଁ, ଏହା ଭାରତୀୟ ସଂସ୍କୃତିର ଆତ୍ମା।

ଦୀପାବଳି ଶବ୍ଦଟି ଆସିଛି ସଂସ୍କୃତ ଶବ୍ଦ 'ଦୀପାବଳି'ରୁ ଦୀପ + ଆବଳି ଅର୍ଥାତ ଦୀପର ଧାଡି। କାର୍ତ୍ତିକ ମାସ ଅମାବାସ୍ୟା ଦିନ ଏହି ପର୍ବ ପାଳନ କରାଯାଏ। ପାଞ୍ଚ ଦିନ ବ୍ୟାପୀ ଏହି ପର୍ବ - ଧନତେରସ, ନରକ ଚତୁର୍ଦ୍ଦଶୀ, ଦୀପାବଳି, ଗୋବର୍ଦ୍ଧନ ପୂଜା ଓ ଭାଇ ଦୂଜ। ଏହାର ପୌରାଣିକ ତଥ୍ୟ ଉପରେ ବିଚାର କଲେ ଏହା ଏକ ପର୍ବ, କିନ୍ତୁ ଧରି ରଖିଛି ଅନେକ କାହାଣୀକୁ, ଆସନ୍ତୁ ଜାଣିବା । କ) ରାମାୟଣ ଯୁଗ ର କଥା ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ: ସବୁଠାରୁ ଲୋକପ୍ରିୟ କାହାଣୀ। ପ୍ରଭୁ ଶ୍ରୀରାମ ପିତୃ ସତ୍ୟ ପାଳନ କରି ୧୪ ବର୍ଷ ବନବାସ ଯାତ୍ରା କରିଥିଲେ, ଦଣ୍ଡକାରଣ୍ୟରେ ଲଙ୍କାଧିପତି ରାବଣ ସୀତାଙ୍କୁ ଅପହରଣ କରି ନେଇ ଯାଇଥିଲା ଓ ପ୍ରଭୁ ଭ୍ରାତା ଲକ୍ଷ୍ମଣଙ୍କ ସହ ବାନର ଓ ଭାଲୁଙ୍କ ସହଯୋଗରେ ରାବଣକୁ ନିଧନ କରି ଅଯୋଧ୍ୟା ଫେରିଥିଲେ ଏହି ଦିନ। ଅଯୋଧ୍ୟାବାସୀ ତାଙ୍କ ପ୍ରିୟ ରାଜାଙ୍କ ସ୍ୱାଗତ ପ । ଇଁ ସମଗ୍ର ନଗରୀକୁ ଦୀପରେ ସଜାଇ ଦେଇଥିଲେ। ସେହି ଦିନଠାରୁ ଦୀପାବଳି ଆରମ୍ଭ। ଏହା ଅନ୍ଧକାରରୁ ଆଲୋକକୁ ଫେରିବାର ପ୍ରତୀକ। ଖ) ମହାଭାରତ ଯୁଗ - ପାଣ୍ଡବଙ୍କ ପ୍ରତ୍ୟାବର୍ତ୍ତନ: ୧୨ ବର୍ଷ ବନବାସ ଓ ୧ ବର୍ଷ ଅଜ୍ଞାତବାସ ପରେ ପାଣ୍ଡବମାନେ ହସ୍ତିନାପୁର ଫେରିଥିଲେ। ପ୍ରଜାମାନେ ଖୁସିରେ ଦୀପ ଜାଳି ତାଙ୍କୁ ସ୍ୱାଗତ କରିଥିଲେ। ଗ) ସମୁଦ୍ର ମନ୍ଥନ ଓ ମା' ଲକ୍ଷ୍ମୀଙ୍କ ଜନ୍ମ: ପୁରାଣ ଅନୁସାରେ, ସମୁଦ୍ର ମନ୍ଥନ ସମୟରେ କାର୍ତ୍ତିକ ଅମାବାସ୍ୟା ଦିନ ଧନର ଦେବୀ ମା' ଲକ୍ଷ୍ମୀ ପ୍ରକଟ ହୋଇଥିଲେ। ସେଥିପାଇଁ ଏହି ଦିନ ଲକ୍ଷ୍ମୀ ପୂଜା କରାଯାଏ। ଯିଏ ଏହି ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରେ, ତା' ଘରେ ବର୍ଷ ସାରା ଧନ ଧାନ୍ୟ ପୁରି ରହେ। ଘ) ନରକାସୁର ବଧ: ନରକ ଚତୁର୍ଦ୍ଦଶୀ ଦିନ ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହ ନରକାସୁରକୁ ବଧ କରି ୧୬,୦୦୦ ନାରୀଙ୍କୁ ମୁକ୍ତ କରିଥିଲେ। ସେହି ଖୁସିରେ ଦୀପ ଜଳା ଯାଇଥିଲା। ଏହା ଅତ୍ୟାଚାର ଉପରେ ନ୍ୟାୟର ବିଜୟ। ଙ) ଓଡ଼ିଶାର ଏହି ଦିନରେ ବଡ଼ବଡୁଆ ଡାକର ପରମ୍ପରା ରହିଛି। ଓଡ଼ିଶା ପାଇଁ ଦୀପାବଳି ଆହୁରି ଭିନ୍ନ। ଏହି ଦିନ ଆମେ ଆମ ପିତୃପୁରୁଷଙ୍କୁ ମନେ ପକାଉ। କାଉଁରିଆ କାଠି ଜାଳି ଆମେ କହୁ - 'ଅନ୍ଧାରେ ଆସ, ଆଲୁଅରେ ଯାଅ, ..'। ଏହା ଆମ ସଂସ୍କୃତିରେ ପିତୃ ପୂଜାର ଅନନ୍ୟ ପରମ୍ପରା। ଶାସ୍ତ୍ର କୁହେ, ଏହି ଦିନ ପିତୃପୁରୁଷ ମାନେ ଆକାଶ ମାର୍ଗରେ ଆସନ୍ତି, ଦୀପର ଆଲୋକ ଦେଖି ସେମାନେ ତୃପ୍ତ ହୁଅନ୍ତି। ୨. ଶାସ୍ତ୍ରୀୟ ମାନ୍ୟତା - ବିଜ୍ଞାନ ଓ ଆଧ୍ୟାତ୍ମିକତାର ମିଶ୍ରଣ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଦେଖିଲେ ଶାସ୍ତ୍ରରେ କୁହାଯାଇଛି 'ତମସୋ ମା ଜ୍ୟୋତିର୍ଗମୟ' - ଅନ୍ଧକାରରୁ ଆଲୋକକୁ ଯାଅ। ମଣିଷ ମନ ଭିତରେ ଯେଉଁ କାମ, କ୍ରୋଧ, ଲୋଭ, ଅହଂକାରର ଅନ୍ଧକାର ଅଛି, ତାକୁ ଜ୍ଞାନର ଦୀପ ଜାଳି ହଟାଇବାର ପର୍ବ ହେଉଛି ଦୀପାବଳୀ। 'ମାଟି ଦୀପରେ ତେଲ ହେଉଛି ଆମର ବାସନା, ସଳିତା ହେଉଛି ଆମର ଆତ୍ମା, ଆଲୋକ ହେଉଛି ପରମାତ୍ମା'। ଖ) ବୈଜ୍ଞାନିକ ଓ ଋତୁ ଦୃଷ୍ଟିକୁ ବିବେଚନା କଲେ, ବର୍ଷା ଋତୁ ପରେ ଚାରିଆଡେ ମଶା, କୀଟ, ଅପରିଷ୍କାର ବଢେ। ଦୀପାବଳି ପୂର୍ବରୁ ଆମେ ଘର ସଫା କରୁ, ଚୂନ ମାରୁ। ଦୀପରେ ସୋରିଷ ତେଲ ଓ ଘିଅ ଜଳିଲେ ବାୟୁ ଶୁଦ୍ଧ ହୁଏ, କୀଟ ମରନ୍ତି। ଝୋଟି ଚିତା ପକାଇବା, ଧୂପ ଦେବା - ଏହା ସବୁ ବାୟୁ ଶୁଦ୍ଧିର ବୈଜ୍ଞାନିକ ପ୍ରକ୍ରିୟା। ଗ) ଆୟୁର୍ବେଦ ଦୃଷ୍ଟି କୋଣରୁ ବିଚାର କଲେ କାର୍ତ୍ତିକ ମାସରେ ଶରୀରରେ ବାତ, ପିତ୍ତ ବଢ଼େ। ଏହି ସମୟରେ ଘିଅ ଦୀପ ଜାଳିବା, ଲକ୍ଷ୍ମୀ ପୂଜାରେ ବ୍ୟବହୃତ ହେଉଥିବା ଧୂପ, କର୍ପୂର, ଲବଙ୍ଗର ବାସ୍ନା ମନକୁ ଶାନ୍ତ କରେ ଓ ରୋଗ ପ୍ରତିରୋଧକ ଶକ୍ତି ବଢାଏ। ଘ) ଲକ୍ଷ୍ମୀ-ଗଣେଶ ପୂଜାର ତତ୍ତ୍ୱ:-- ଦୀପାବଳିରେ ଲକ୍ଷ୍ମୀଙ୍କ ସହ ଗଣେଶଙ୍କୁ ପୂଜା କରାଯାଏ। ଏହାର ଶାସ୍ତ୍ରୀୟ ଅର୍ଥ ହେଉଛି - ଲକ୍ଷ୍ମୀ ହେଉଛନ୍ତି ଧନ, ଗଣେଶ ହେଉଛନ୍ତି ବୁଦ୍ଧି। ଧନ ସହ ବୁଦ୍ଧି ନ ଥିଲେ ଧନ ଅପଚୟ ହୁଏ। ତେଣୁ ଉଭୟଙ୍କୁ ଏକାଠି ପୂଜା କରାଯାଏ। ଙ) କାର୍ତ୍ତିକ ମାସରେ କାଳୀ ପୂଜାର ମହତ୍ତ୍ୱ: ବଙ୍ଗଳା ଓ ଓଡ଼ିଶାର ଅନେକ ସ୍ଥାନରେ ଏହି ଦିନ ମା' କାଳୀଙ୍କୁ ପୂଜା କରାଯାଏ। କାଳୀ ହେଉଛନ୍ତି ଅନ୍ଧକାର ବିନାଶିନୀ। ଅମାବାସ୍ୟାର ଘୋର ଅନ୍ଧକାରରେ କାଳୀଙ୍କ ଆରାଧନା କଲେ ସମସ୍ତ ନକାରାତ୍ମକ ଶକ୍ତି ନଷ୍ଟ ହୁଏ ବୋଲି ତନ୍ତ୍ର ଶାସ୍ତ୍ରରେ କୁହାଯାଇଛି। ଶେଷ କଥାରେ ଏତିକି କହିବି ଆଜି ଦୀପାବଳି ଜ୍ଞାନାଲୋକ ବିତରଣ ପରିବର୍ତ୍ତେ ଅନେକ ଜାଗାରେ ଏହା କେବଳ ବାଣ ଫୁଟା ଓ ମଦ୍ୟପାନର ପର୍ବ ହୋଇଯାଇଛି। କିନ୍ତୁ ଏହାର ମୂଳ ତତ୍ତ୍ୱ ହେଉଛି - 'ନିଜ ଭିତରେ ଏକ ଦୀପ ଜାଳିବା।' ଆସନ୍ତୁ, ଏହି ଦୀପାବଳିରେ ଆମେ ଗୋଟିଏ ମାଟି ଦୀପ ନୁହେଁ, ନିଜ ମନରେ ଦୟା, ପ୍ରେମ, କ୍ଷମାର ଦୀପ ଜାଳିବା। କାରଣ ଶାସ୍ତ୍ର କହେ - 'ଦୀପୋ ଜ୍ୟୋତି ପରଂ ବ୍ରହ୍ମ' - ଦୀପର ଜ୍ୟୋତି ହିଁ ପରମ ବ୍ରହ୍ମ।



-ଉମା ଶଙ୍କର ପ୍ରସାଦ,
ସଂସ୍କୃତି ଗବେଷକ, ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

କାଳୀ ପୂଜାର ମହତ୍ତ୍ୱ



କାଳୀ ପୂଜା ହେଉଛି ଭାରତୀୟ ସଂସ୍କୃତି ଓ ହିନ୍ଦୁ ଧର୍ମର ଏକଆଡ଼ମ୍ବର ପ୍ରଧାନ ଓ ଗୁରୁତ୍ୱପୂର୍ଣ୍ଣ ପର୍ବ । ବିଶେଷ କରି ଓଡ଼ିଶା , ପଶ୍ଚିମବଙ୍ଗ, ଆସାମ ଓ ତ୍ରିପୁରା ପ୍ରଦେଶରେ ଏହି ପୂଜା ଅତ୍ୟନ୍ତ ନିଷ୍ଠା ଓ ଆଡମ୍ବରରେ ପାଳନ କରାଯାଏ । ଆମ ରାଜ୍ୟର ଭଦ୍ରକ ସହରରେ ଏହା ବହୁତ୍ ଧୂମଧାମରେ ପାଳନ କରାଯାଏ। କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ଯେତେବେଳେ ସାରା ଦେଶରେ ଆଲୋକରେ ଝଲସି ଉଠେ ସେତେବେଳେ ଅନ୍ଧାର ରାତିରେ ମାଶକ୍ତି ସ୍ୱରୂପିଣୀ କାଳୀଙ୍କ ଆରାଧନା କରାଯାଏ। ଏହି ପୂଜାର ଆଧ୍ୟତ୍ମିକ, ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱ ଅତି ବ୍ୟାପକ । କାଳୀ ଶବ୍ଦର ଅର୍ଥ ହେଉଛି କାଳ ବା ସମୟ । ଯିଏ ସମୟକୁ ନିଜ ଅକ୍ତିଆରରେ ନିୟନ୍ତ୍ରଣରେ ରଖନ୍ତୁ ସେ ହିଁ ମହାକାଳୀ ବା ମା କାଳୀଙ୍କ ରୂପଙ୍କ ରୂପ । ମାଙ୍କ ରୂପ ଭୟଙ୍କର ହେଲେ ମଧ୍ୟ ମା କରୁଣାମୟୀ ଓ ମଙ୍ଗଳମୟୀ । ତାଙ୍କର କୃଷ୍ଣ ବର୍ଣ୍ଣ ଶୂନ୍ୟତା ଓ ଅନନ୍ତ ଆକାଶର ପ୍ରତୀକ ହୋଇଥାଏ । ମାଙ୍କ ଚତୁର୍ଭୁଜ ମଧ୍ୟରୁ ଦୁଇଟି ହାତରେ ସେ ଦୁଷ୍ଟମାନଙ୍କୁ ସଂହାର ବା ଦମନ କରନ୍ତି ଓ ଅନ୍ୟ ଦୁଇଟି ହାତରେ ଭକ୍ତମାନଙ୍କୁ ଅଭୟ ଓ ବରଦାନ କରନ୍ତି। ମାଙ୍କ ଚରଣ ତଳେ ଦେବାଧିଦେବ ମହାଦେବ ଶାନ୍ତ ହୋଇ ଶୋଇ ରହିଥାନ୍ତି ଯାହା ପ୍ରକୃତି ଓ ପୁରୁଷ ସହିତ ମିଳନକୁ ଦର୍ଶାଇଥାଏ ।

ପୌରାଣିକ କଥା ଅନୁଯାୟୀ ଅସୁର ରାଜା ରକ୍ତବୀର୍ଯ୍ୟର ଅତ୍ୟାଚାରରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ଦେବୀ ଦୁର୍ଗାଙ୍କ କ୍ରୋଧରୁ ମା କାଳୀଙ୍କ ସୃଷ୍ଟି । ଟୋପାଏ ରକ୍ତ ଯଦି ଭୂମିରେ ପଡ଼େ ତେବେ ସେଥିରୁ ଲକ୍ଷ ଲକ୍ଷ ଅସୁର ଜନ୍ମ ନେଉଥିଲେ । ମା କାଳୀ ରକ୍ତବୀର୍ଯ୍ୟକୁ ବଧ କରି ତାର ସମସ୍ତ ରକ୍ତକୁ ନିଜ ଜିହ୍ୱା ମଧ୍ୟମରେ ଶୋଷଣ କରି ନେଇ ସୃଷ୍ଟିକୁ ତାର କେବଳରୁ ରକ୍ଷା କରିଥିଲେ । କାଳୀ ପୂଜାର ସବୁଠାରୁ ବଡ ଆଧ୍ୟାତ୍ମିକ ଓ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଅଧର୍ମ ଉପରେ ଧର୍ମର ବିଜୟ ଅନ୍ଧକାର ଉପରେ ଆଲୋକର ବିଜୟ । କାର୍ତ୍ତିକ ଅମାବାସ୍ୟାର ଘନ ଅନ୍ଧକାର ରାତିରେ ମନୁଷ୍ୟ ମନରେ ଥିବା ଅଜ୍ଞାନତା, ଅହଙ୍କାର, କ୍ରୋଧ, ଲୋଭର ପ୍ରତୀକ । କିନ୍ତୁ ଏହି ସମୟରେ ମା କାଳୀଙ୍କ ପୂଜା ଆରାଧନା ଦ୍ୱାରା ମନୁଷ୍ୟ ଭିତରେ ଥିବା ପାଶବିକ ପ୍ରବୃତ୍ତି ବିନାଶ ହୋଇ ଜ୍ଞାନର ଆଲୋକ ଆଡ଼କୁ ଅଗ୍ରସର ହୋଇଥାଏ । ମା ହେଉଛନ୍ତି ମୋକ୍ଷଦାୟିନୀ,ସେ ଭକ୍ତର ସମସ୍ତ ଭୟକୁ ଦୂରକରି ତାକୁ ମୁକ୍ତିର ମାର୍ଗ ଦର୍ଶନ କରିଥାନ୍ତି। ତେଣୁ ଏହି ରାତି ରେ ସାଧକମାନେ ତନ୍ତ୍ର ସାଧନା ଓ ସାଧାରଣ ଲୋକମାନେ ଭକ୍ତିପୂତ ଚିତ୍ତରେ ମାଙ୍କ ଶରଣାପନ୍ନ ହୋଇଥାନ୍ତି । ଓଡ଼ିଶାରେ କାଳୀ ପୂଜାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବିଶେଷ କରି ଭଦ୍ରକ ଓ ଯାଜପୁରରେ ମା ସମଗ୍ର ରାଜ୍ୟରେ ପ୍ରସିଦ୍ଧ । କଟକ ସହରରେ ମଧ୍ୟ ବିଭିନ୍ନ ମଣ୍ଡପ ରେ ମାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ପୂଜା କରାଯାଏ । ଏହି ପର୍ବ ସମାଜରେ ଏକତା, ଅଖଣ୍ଡତା ଓ ଭାଇଚାରାର ଏକ ବିରାଟ ନିଦର୍ଶନ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ପୂଜା ମଣ୍ଡପ ଗୁଡିକରେ ପୂଜା ଅନୁଷ୍ଠିତ କରନ୍ତି ଓ ଏକାଠି ଦୀପ ପ୍ରଜ୍ୱଳନ କରି ଆତସବାଜିର ମଜା ନିଅନ୍ତି ଯାହା କି ମାନବ ସମାଜକୁ ଏକ ସୂତ୍ର ରେ ବାନ୍ଧି ରଖିବାର ଏକ ସୁନ୍ଦର୍ ନମୁନା । ଆଜିର ଆଧୁନିକ ସମାଜରେ ଥିବା ମନୁଷ୍ୟ ମାନଙ୍କ ଭିତରେ କାମ, କ୍ରୋଧ, ହିଂସା ଓ ଅସୁର ପ୍ରବୃତ୍ତି ଅନେକ ପରିମାଣରେ ଭରି ରହିଛି ସେସବୁକୁ ମାଙ୍କ ଆଶୀର୍ବାଦରୁ ଦୂର କରିବା ପାଇଁ ଆମେ ସମସ୍ତେ ବଦ୍ଧପରିକର ହେବା ଉଚିତ୍। ମା'ଙ୍କ କରୁଣା ସମଗ୍ର ଜୀବ ଜଗତକୁ ଦୁଃଖ, କଷ୍ଟ, ଅଜ୍ଞାତକୁ ଦୂରକରି ଆଲୋକ ଆଡ଼କୁ ଟାଣି ନେଉ।




ପ୍ରଦୀପ୍ତ କୁମାର କର
ମୋ: ୯୪୩୭୦୮୪୩୧୨

ମା କାଳୀ ପୂଜା

ଆମ ଓଡ଼ିଶା ଦେବ ଦେବୀଙ୍କ ଦେଶ। ଶାରଦୀୟ ଦୁର୍ଗା ପୂଜା ପରେ ପରେ ଆସେ ଦୀପାବଳି ଓ ମା କାଳୀ ପୂଜା। ମା କାଳୀ ହେଉଛନ୍ତି ଶକ୍ତିର ଅଧିଷ୍ଠାତ୍ରୀ ଦେବୀ। ସେ ଅନ୍ଧକାର ବିନାଶିନୀ, ଭୟ ନାଶିନୀ ଓ ଜଗତ ଜନନୀ। ମାଆଙ୍କ କରାଳ ରୂପ ଦେଖି ଅସୁର ଭୟ କରେ, କିନ୍ତୁ ଭକ୍ତ ପାଇଁ ସେ ଅତ୍ୟନ୍ତ କରୁଣାମୟୀ ଓ ସ୍ନେହମୟୀ ମାଆ। କାଳୀ ଶବ୍ଦର ଅର୍ଥ ହେଉଛି କାଳକୁ ଜୟ କରିଥିବା ଦେବୀ, ଯିଏ ସମୟକୁ ମଧ୍ୟ ନିୟନ୍ତ୍ରଣ କରନ୍ତି। ତେଣୁ ତାଙ୍କୁ କାଳୀ କୁହାଯାଏ। ଓଡ଼ିଶାର ପ୍ରତ୍ୟେକ ଗାଁରେ, ପ୍ରତ୍ୟେକ ସହରରେ ମା କାଳୀଙ୍କ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୁଏ। ବିଶେଷ କରି ଜଗତସିଂହପୁର, କଟକ, ଭଦ୍ରକ, କେନ୍ଦ୍ରାପଡା ଅଞ୍ଚଳରେ କାଳୀ ପୂଜାର ପରମ୍ପରା ବହୁ ପୁରାତନ। ପୁରାଣ ଅନୁସାରେ ମା କାଳୀଙ୍କ ଜନ୍ମ ବୃତ୍ତାନ୍ତ ଅତ୍ୟନ୍ତ ରୋମାଞ୍ଚକର। ଥରେ ଶୁମ୍ଭ ଓ ନିଶୁମ୍ଭ ନାମକ ଦୁଇ ଅସୁର ସ୍ୱର୍ଗ ଅଧିକାର କରି ଦେବତାମାନଙ୍କୁ ବହୁ କଷ୍ଟ ଦେଉଥିଲେ। ଦେବତାମାନେ ମା ଦୁର୍ଗାଙ୍କ ଶରଣ ନେଲେ। ମା ଦୁର୍ଗାଙ୍କ ଲଲାଟରୁ ଏକ ଭୟଙ୍କର ତେଜ ବାହାରି ମା କାଳୀଙ୍କ ରୂପ ନେଲା। ସେ କୃଷ୍ଣ ବର୍ଣ୍ଣା, ମୁକ୍ତ କେଶୀ, ଚତୁର୍ଭୁଜା, ଗଳାରେ ମୁଣ୍ଡ ମାଳା, ହାତରେ ଖଡ୍ଗ ଓ ରକ୍ତ ପାତ୍ର ଧାରଣ କରି ଅସୁର ସଂହାର କଲେ। ସେହି ଦିନଠୁ ମା କାଳୀ ଅଶୁଭ ବିନାଶିନୀ ରୂପେ ପୂଜିତା ହୋଇ ଆସୁଛନ୍ତି। ମାର୍କଣ୍ଡେୟ ପୁରାଣର ଦୁର୍ଗା ସପ୍ତଶତୀରେ ମା କାଳୀଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ମା କାଳୀ ପୂଜାର ଆଧ୍ୟାତ୍ମିକ ଓ ଦାର୍ଶନିକ ତାତ୍ପର୍ଯ୍ୟ ବହୁତ ଗଭୀର। ମାଆଙ୍କ କଳା ରଙ୍ଗ ଅନ୍ତ ଓ ଅନାଦିର ପ୍ରତୀକ। ଯେମିତି ଆକାଶ କଳା ଓ ଅନନ୍ତ, ସେମିତି ମା କାଳୀ ମଧ୍ୟ ଅନନ୍ତ। ମାଆଙ୍କ ଜିଭ ଲାଲ ରଙ୍ଗ ରଜ ଗୁଣର ପ୍ରତୀକ, ଦାନ୍ତ ସତ୍ତ୍ୱ ଗୁଣର ପ୍ରତୀକ। ମାଆ ଶିବ ଉପରେ ଛିଡା ହୋଇଛନ୍ତି, ଏହାର ଅର୍ଥ ଶକ୍ତି ବିନା ଶିବ ଶବ, ଶକ୍ତି ହିଁ ଜଗତକୁ ଚଳାଏ। ମଣିଷ ଭିତରେ ଥିବା ଅହଙ୍କାର, ଲୋଭ, କ୍ରୋଧ ରୂପକ ଅସୁରକୁ ମା କାଳୀ ସଂହାର କରନ୍ତି। ତେଣୁ କାଳୀ ପୂଜା କେବଳ ବାହ୍ୟ ପୂଜା ନୁହେଁ, ଏହା ଆତ୍ମ ଶୁଦ୍ଧିର ପୂଜା। ଓଡ଼ିଶାରେ କାଳୀ ପୂଜାର ସ୍ୱତନ୍ତ୍ର ପରମ୍ପରା ଅଛି। ଦୀପାବଳି ଅମାବାସ୍ୟା ରାତିରେ ମା କାଳୀ ପୂଜା ଅନୁଷ୍ଠିତ ହୁଏ। ଏହି ରାତିକୁ ମହାନିଶା କୁହାଯାଏ। ସାରା ବର୍ଷର ସବୁଠୁ ଅନ୍ଧକାର ରାତିରେ ମା ଆଲୋକ ରୂପେ ଆବିର୍ଭୂତା ହୁଅନ୍ତି। ଏହି ଦିନ ଘରେ ଘରେ ଦୀପ ଜଳେ, ଆଲୋକର ପର୍ବ ଦୀପାବଳୀ ପାଳନ କରାଯାଏ। ଓଡ଼ିଶାରେ କାଳୀ ପୂଜା ଦୁଇ ପ୍ରକାରରେ ହୁଏ। ଗୋଟିଏ ହେଉଛି ଶ୍ମଶାନ କାଳୀ ପୂଜା, ଅନ୍ୟଟି ହେଉଛି ଗୃହ ବା ସାର୍ବଜନୀନ କାଳୀ ପୂଜା। ଶ୍ମଶାନ କାଳୀ ପୂଜା ତନ୍ତ୍ର ମତେ ହୁଏ, ଏଥିରେ ସାଧକମାନେ ସିଦ୍ଧି ଲାଭ ପାଇଁ ପୂଜା କରନ୍ତି। ସାର୍ବଜନୀନ କାଳୀ ପୂଜାରେ ସାଧାରଣ ଲୋକେ ମାଆଙ୍କୁ ଭକ୍ତିରେ ପୂଜା କରନ୍ତି। କଟକ, ଭଦ୍ରକ, ଜଗତସିଂହପୁରର ବିଭିନ୍ନ ସ୍ଥାନରେ ବଡ ବଡ ମଣ୍ଡପ କରି ମାଆଙ୍କ ବିଶାଳ ମୂର୍ତ୍ତି ସ୍ଥାପନ କରାଯାଏ। ପୂଜା ତିନି ଦିନ ଧରି ଚାଲେ। ସପ୍ତମୀ, ଅଷ୍ଟମୀ ଓ ଦୀପାବଳୀ ରାତିରେ ମହା ଆଡମ୍ବରରେ ପୂଜା ହୁଏ। ଜଗତସିଂହପୁର ଜିଲ୍ଲାରେ ମା କାଳୀ ପୂଜାର ସ୍ୱତନ୍ତ୍ର ମହତ୍ତ୍ୱ ଅଛି। ଏଠାରେ ପ୍ରାୟ ପ୍ରତ୍ୟେକ ଗାଁରେ ଗ୍ରାମ ଦେବତୀ ରୂପେ ମା କାଳୀ ପୂଜିତା। କୁଜଙ୍ଗ, ନାଉଗାଁ, ତିର୍ତୋଲ, ଏରସମା, ବାଲିକୁଦା ଅଞ୍ଚଳରେ ଶହ ଶହ ବର୍ଷ ପୁରୁଣା କାଳୀ ମନ୍ଦିର ଅଛି। ପାରାଦୀପର ନୋଳିଆ ସମାଜରେ ସମୁଦ୍ର ଯାତ୍ରା ପୂର୍ବରୁ ମା କାଳୀଙ୍କୁ ପୂଜା କରିବାର ପରମ୍ପରା ଅଛି। ସେମାନେ ବିଶ୍ୱାସ କରନ୍ତି ଯେ ମା କାଳୀ ସମୁଦ୍ରରେ ସେମାନଙ୍କୁ ରକ୍ଷା କରିବେ। ସାରଳା ପୀଠ ନିକଟରେ ମଧ୍ୟ ମା କାଳୀଙ୍କ ଉପପୀଠ ରହିଛି। ଏଠାରେ ମା ସାରଳା ଓ ମା କାଳୀ ଏକା ସାଙ୍ଗରେ ପୂଜା ପାଆନ୍ତି। କାଳୀ ପୂଜାର ସାମାଜିକ ଗୁରୁତ୍ୱ ମଧ୍ୟ ବହୁତ। ଏହି ପୂଜା ଲୋକଙ୍କୁ ଏକାଠି କରେ। ଗାଁର ସମସ୍ତ ଲୋକ ଏକାଠି ହୋଇ ଚାନ୍ଦା କରି ମଣ୍ଡପ କରନ୍ତି, ମୂର୍ତ୍ତି ଆଣନ୍ତି, ପୂଜା କରନ୍ତି। ଏହା ଦ୍ୱାରା ସାମାଜିକ ଏକତା ବଢେ। କାଳୀ ପୂଜା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରା, ପାଲା, ଭଜନ ସମାରୋହ ଅନୁଷ୍ଠିତ ହୁଏ। ଏହା ଆମ ଲୋକ ସଂସ୍କୃତିକୁ ବଞ୍ଚାଇ ରଖେ। ଆଜିକାଲି କାଳୀ ପୂଜାରେ ଧ୍ୱନି ପ୍ରଦୂଷଣ ଓ ବାୟୁ ପ୍ରଦୂଷଣ ବଢୁଛି, ବାଣଫୁଟା ଯୋଗୁଁ ପରିବେଶ ନଷ୍ଟ ହେଉଛି। ତେଣୁ ଆମେ ସଚେତନ ହେବା ଦରକାର। ମା କାଳୀ ପ୍ରକୃତିର ଦେବୀ, ପ୍ରକୃତିକୁ ନଷ୍ଟ କରି ତାଙ୍କୁ ପୂଜା କରିବା ଅର୍ଥହୀନ। ଆମେ ମାଟି ଦୀପ ଜାଳି, ପରିବେଶ ଅନୁକୂଳ ମୂର୍ତ୍ତି ବ୍ୟବହାର କରି ଓ ଶବ୍ଦ କମ କରି ପୂଜା କରିବା ଉଚିତ। ବଙ୍ଗଳାରେ ମହାକବି ରାମପ୍ରସାଦ ଓ ଶ୍ରୀ ରାମକୃଷ୍ଣ ପରମହଂସ ମା କାଳୀଙ୍କ ପରମ ଭକ୍ତ ଥିଲେ। ଓଡ଼ିଶାରେ ମଧ୍ୟ ଅନେକ ସାଧକ ମା କାଳୀଙ୍କ ସାଧନା କରି ସିଦ୍ଧି ଲାଭ କରିଛନ୍ତି। କାଳୀ ପୂଜା ଆମକୁ ଶିଖାଏ ଯେ ଅନ୍ଧକାର ଯେତେ ଘନ ହେଲେ ବି ଆଲୋକ ଆସିବ, ଅନ୍ୟାୟ ଯେତେ ବଢିଲେ ବି ନ୍ୟାୟ ଜିତିବ। ମା କାଳୀ ଆମକୁ ନିଡର ହେବାକୁ ଶିଖାନ୍ତି। ଆଜି ସମାଜରେ ନାରୀ ନିର୍ଯାତନା, ଅନ୍ୟାୟ, ଦୁର୍ନୀତି ବଢୁଛି, ଏହି ସମୟରେ ମା କାଳୀଙ୍କ ଶକ୍ତି ରୂପକୁ ସ୍ମରଣ କରିବା ଅତ୍ୟନ୍ତ ଜରୁରୀ। ମା କାଳୀ ପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ନାରୀ ଶକ୍ତିର ପୂଜା। ଶେଷରେ ଏତିକି କହିବାର ଅଛି ଯେ ମା କାଳୀ ହେଉଛନ୍ତି ମଙ୍ଗଳମୟୀ। ତାଙ୍କ ଭୟଙ୍କର ରୂପ ଭିତରେ ମଧ୍ୟ ମାଆର ମମତା ଲୁଚି ରହିଛି। ଆସନ୍ତୁ ,ଏହି କାଳୀ ପୂଜାରେ ଆମେ ସମସ୍ତେ ମାଆଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସେ ଆମ ମନରୁ ଅନ୍ଧକାର ଦୂର କରି ଆଲୋକ ଭରି ଦିଅନ୍ତୁ, ଆମ ସମାଜରୁ ଅନ୍ୟାୟ ଦୂର କରି ନ୍ୟାୟ ପ୍ରତିଷ୍ଠା କରନ୍ତୁ।





- ଦାଶରଥୀ ଶତପଥୀ
ମୋ: ୯୩୩୭୪୪୯୩୭୩

ଦିନଲିପି

୮ .୧୧. ୨୦୨୬ ରବିବାର

ମଙ୍ଗଳପୁର, ଗଙ୍ଗାପୁର, ନଳବଣ୍ଟା ପଞ୍ଚାୟତରେ ନାମକୁ ମାତ୍ର ରିଲିଫ ଚାଉଳ ବଣ୍ଟନ

ଆସିକା,(ନିପ୍ର): ମଙ୍ଗଳପୁର, ଗଙ୍ଗାପୁର, ନଳବଣ୍ଟା ପଞ୍ଚାୟତରେ ନାମକୁ ମାତ୍ର ରିଲିଫ ଚାଉଳ ବଣ୍ଟନ। ବାତ୍ୟା ପରବର୍ତ୍ତୀ ବନ୍ୟାରେ ରିଲିଫ,ଉଦ୍ଧାର,ଥଇଥାନ ରେ ସରକାର ବିଫଳ ହୋଇଛନ୍ତି। ଆସିକା ସହର ଓ ପଞ୍ଚାୟତରେ ବିଧାୟକ ଓ ପ୍ରଶାସନକୁ ଜନସାଧାରଣ ତୀବ୍ର ବିରୋଧ କରି ଆନ୍ଦୋଳନ କରିଛନ୍ତି। ବନ୍ୟାକୁ ଏକ ସପ୍ତାହ ବିତି ଯାଇଥିଲେ ସରକାର କ୍ଷତିର ପ୍ରାଥମିକ ଆକଳନ କରିପାରିନାହିଁ ନାହାନ୍ତି। ଚୂଡାନ୍ତ ଆକଳନ ପାଇଁ ସରକାର କେତେଦିନ ନେବେ ତାହାର ଠିକ୍ ଠିକଣା ନାହିଁ। ବର୍ତ୍ତମାନ ସୁଦ୍ଧା ଲୋକଙ୍କ ପାଖକୁ ୱାର୍ଡ ମେମ୍ବର, ଅଙ୍ଗନବାଡି, ପଞ୍ଚାୟତ ଇଓ, ତହସିଲର ରାଜସ୍ୱ ନିରୀକ୍ଷକ ଲୋକଙ୍କ ପାଖରେ ପହଞ୍ଚି ପାରିନାହାନ୍ତି। କୌଣସି ଆବେଦନ ପତ୍ର ଦେଇନାହାନ୍ତି କି ଲୋକ ନିଜ ଆଡୁ ଦରଖାସ୍ତ ଦେଲେ ରଖୁନାହାନ୍ତି। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଘରପିଛା ୨୫୦୦ ଟଙ୍କା ଓ ୫୦କେଜି ଚାଉଳ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ଏଯାବତ ଲାକଙ୍କୁ ଚାଉଳ କି ଟଙ୍କା କିଛି ମିଳିପାରିହିଁ। ଗତକାଲି କେନ୍ଦ୍ରୀୟ ଟିମ ଆସିକା ପହଞ୍ଚି ପରିଦର୍ଶନ କରି ଫେରିବା ପରେ ଲୋକଙ୍କୁ ବନ୍ୟା ସହାୟତା ମିଳିନଥିବା ଯୋଗୁଁ ବିରକ୍ତି ପ୍ରକାଶ କରିବା ଯୋଗୁ ଅତି ତରବାରିଆ ଭାବେ ଆସିକା ବ୍ଲକ ନବରନ୍ପୁର, ନଳବଣ୍ଟା , ମଙ୍ଗପୁର ଗଙ୍ଗାପୁର ପଞ୍ଚାୟତରେ ଖାଲି ୫୦କିଲୋ ଚାଉଳ ଗ୍ରାମର କିଛି ବ୍ୟକ୍ତିଙ୍କୁ ପ୍ରଦାନ କରିଦେଇଥିବା ଜଣାଯାଇଛି।

ଅର୍ଣ୍ଣବ ବାତ୍ୟା ପ୍ରଭାବରେ ବୃଦ୍ଧାଙ୍କ ଘର ଛାରଖାର

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ପଞ୍ଚାୟତର ପୂର୍ଣ୍ଣାଗୁଡ଼ା ଗ୍ରାମରେ ଜଣେ ବୃଦ୍ଧା ଏମ ଲକ୍ଷ୍ମଣ ରାଓଙ୍କ ଘର ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ହେବା ହେତୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ବିଧାୟକ ରୂପେଶ ପାଣିଗ୍ରାହୀ କାଶୀନଗର ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ତ୍ରିପାଠୀଙ୍କ ସହ ଗ୍ରାମକୁ ପହଞ୍ଚି କ୍ଷତିଗ୍ରସ୍ତ ଘରର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ବୃଦ୍ଧାଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଅବଗତ ହୋଇ ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଏବଂ ସରକାରୀ ଯୋଜନାରେ ଗୃହ ସହାୟତା ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏ ବି ଡ଼ି ଓ ଶ୍ରୀ ପ୍ରଧାନ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି କହିଥିଲେ।

ବ୍ୟାପକ ଧାନ ଫସଲ ନଷ୍ଟ: ସହାୟତା ଦାବି

ଗୋଲାମୁଣ୍ଡା,(ନିପ୍ର): ବାତ୍ୟାଜନିତ ପ୍ରବଳ ପବନ ଓ ବର୍ଷା ଯୋଗୁଁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ନକଟିକାନୀ ପଞ୍ଚାୟତରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଅମଳ ସମୟରେ ପାଚିଲା ଧାନ ଗଛ ଜମିରେ ଶୋଇପଡ଼ିଥିବା ବେଳେ କେତେକ ସ୍ଥାନରେ ପାଣି ଜମି ଧାନ ଗଜା ହେବା ସହ ପଚିବାକୁ ଲାଗିଛି। ଫଳରେ ଚାଷୀମାନେ ଗୁରୁତର ଆର୍ଥିକ କ୍ଷତି ଆଶଙ୍କାରେ ଚିନ୍ତିତ ହୋଇପଡ଼ିଛନ୍ତି। ଏନେଇ ଚାଷୀମାନେ ପୂର୍ବରୁ ଗୋଲାମୁଣ୍ଡା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିବାବେଳେ ଶୁକ୍ରବାର ପୁନର୍ବାର ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନକଟିକାନୀ ଗ୍ରାମର ଜିତେନ୍ଦ୍ର ସେନାପତି, ଦେବେନ୍ଦ୍ର ମାଝୀ, ଭଜନ ମାଝୀ, ଚନ୍ଦ୍ର ମାଝୀ ଓ ହେତୁରା ମାଝୀଙ୍କ ସମେତ ପ୍ରାୟ ୪୦ରୁ ୫୦ ଜଣ ଚାଷୀ ଏକତ୍ରିତ ହୋଇ ଫସଲ କ୍ଷୟକ୍ଷତି ସମ୍ପର୍କରେ ରାଜସ୍ୱ ବିଭାଗକୁ ଅବଗତ କରାଇଥିଲେ। କ୍ଷତିଗ୍ରସ୍ତ ଜମିର ତୁରନ୍ତ କ୍ଷେତ୍ରସ୍ତରୀୟ ତଦନ୍ତ, ନିରପେକ୍ଷ କ୍ଷୟକ୍ଷତି ଆକଳନ ଏବଂ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ଅଭିଯାନ

ଭୁବନେଶ୍ୱର,(ପିଆଇବି): ଦୀପାବଳି ପର୍ବ ନିକଟତର ହେଉଥିବାରୁ ଅଗ୍ନିକାଣ୍ଡ ରୋକିବା ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ



ପକ୍ଷରୁ ନଭେମ୍ବର ୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ଜୋନାଲ ନିରାପତ୍ତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ପୂର୍ବ ତଟ ରେଳପଥର ସମସ୍ତ ଅଞ୍ଚଳରେ ପରିଚାଳିତ ହେଉଛି। ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡ଼ା ମଣ୍ଡଳରେ ସମସ୍ତ ବିଭାଗର ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏହି ଅଭିଯାନ ଚାଲିଛି। ସମ୍ଭାବ୍ୟ ଅଗ୍ନିକାଣ୍ଡର କାରଣ ଚିହ୍ନଟ କରିବା, ଅଗ୍ନି ନିର୍ବାପକ ଉପକରଣର ଉପଲବ୍ଧତା ଓ କାର୍ଯ୍ୟକ୍ଷମତା ଯାଞ୍ଚ କରିବା ସହ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ, କିରୋସିନ, ଏସିଡ୍ ଏବଂ ଅନ୍ୟାନ୍ୟ ଦହନଶୀଳ ବା ବିପଜ୍ଜନକ ସାମଗ୍ରୀ ନେବାରୁ ବାରଣ କରାଯାଇଛି। ଯାତ୍ରୀବାହୀ ଟ୍ରେନ୍‌ରେ ନିୟମ ଉଲ୍ଲଂଘନ ଦେଖିଲେ ଯାତ୍ରୀମାନେ ସତର୍କ ରହି ରେଳ କର୍ମଚାରୀଙ୍କୁ ଜଣାଇବା ସହ ରେଳ ହେଲ୍ପଲାଇନ ନମ୍ବର ୧୩୯ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

ହଷ୍ଟେଲରୁ ନିଖୋଜ ଥିବା ଛାତ୍ରଙ୍କ ପତ୍ତା ତିନି ମାସ ପରେ ବି ମିଳୁନି

ରାୟଗଡା,(ନିପ୍ର): ରାୟଗଡ଼ା ଜିଲ୍ଲା ମଙ୍ଗଳ ବିଭାଗ ବିଦ୍ୟାଳୟରେ କେତେକ ସ୍ଥାନରେ ଦୁର୍ନୀତୀ,ଅନୀତିର ଗନ୍ଧ ନାକକୁ ବାଜୁଥିବା ବେଳେ ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରିଣୀଙ୍କ ଅବହେଳା ଏବଂ ଖାମଖିଆଲି ମନୋଭାବ ଯୋଗୁ ଭୁଶୁଡି ପଡ଼ିଛି ମଙ୍ଗଳ ବିଭାଗ ବିଦ୍ୟାଳୟର ନୀତି ନିୟମ । ଫଳରେ ଅସୁରକ୍ଷିତ ଛାତ୍ରଛାତ୍ରୀ ବୋଲି ଜିଲ୍ଲାର ଶିକ୍ଷାବିତ୍ ମାନେ ଆଲୋଚନା କରୁଥିବା ଶୁଣିବାକୁ ମିଳିଛି। ସମୟ ସମୟରେ ସ୍କୁଲମାନଙ୍କରେ ଅଘଟଣର ଲମ୍ବା ତାଲିକା ଦେଖାଦେଉ ଥିବା ଅଭିଯୋଗ ହେବା ସହ ଆଲୋଚନା ମଧ୍ୟ ଶୁଣିବାକୁ ମିଳେ । କେଉଁଠି ଖାଦ୍ୟରେ ଦୁର୍ନୀତି ତ କେଉଁଠୁ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ଚମ୍ପଟ ମାରୁଥିବା ଖବର ମଧ୍ୟ ଶୁଣିବାକୁ ମିଳିଥାଏ , କିନ୍ତୁ ତିନି ମାସ ବିତିଗଲା, ହେଲେ ଏଯାଏଁ ମିଳିଲାନି ନିଖୋଜ ଛାତ୍ରଙ୍କ ପତ୍ତା। ପୋଲିସ ହାତ ଖାଲିଥିବା ବେଳେ ପ୍ରଧାନ ଶିକ୍ଷକ ଓ ଜିଲ୍ଲା ମଙ୍ଗଳ ଅଧିକାରିଣୀଙ୍କର ନିଘା ନାହିଁ। ନିଖୋଜ ପୁଅକୁ ଖୋଜି ଆଣିବା ଦାବିରେ ଶେଷରେ ସ୍କୁଲରେ ତାଲା ପକାଇଲେ ମା ସହ ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ଗ୍ରାମରେ।

ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୂଚନା ମୁତାବକ, ଯୁଗାପଦର ଗ୍ରାମର ସ୍ୱର୍ଗତ ମନୋଜ ଶବରଙ୍କ ୧୨ ବର୍ଷୀୟ ପୁଅ କୁନାଲ ଶବର ଡାଙ୍ଗସରଡ଼ା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହି ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ହେଲେ ଗତ ଜୁଲାଇ ୩୧ ତାରିଖରେ ହଷ୍ଟେଲରୁ ସେ ନିଖୋଜ ହୋଇଯାଇଥିଲୋ । କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ପରିବାରଙ୍କୁ ଜଣାଇନଥିଲେ। ନିଖୋଜର ୬ ଦିନପରେ ପୁଅ ହଷ୍ଟେଲରୁ ନିଖୋଜ ହେବା ଖବରପାଇ ପରିବାର ଲୋକ ପ୍ରଧାନଶିକ୍ଷକଙ୍କୁ ପଚାରି ଥିଲେ ହେଲେ ତାଙ୍କ ଠାରୁ କୌଣସି ସନ୍ତୋଷଜନକ ପାଇପାରିନଥିବା ହେତୁ ପରିଶେଷରେ ଥାନାରେ ନିଖୋଜ ରିପୋର୍ଟ ଲେଖାଇଥିଲେ । ଏହାପରେ ନିଜକୁ ବଞ୍ଚାଇବାକୁ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଡାଙ୍ଗସରଡ଼ା ଫାଣ୍ଡି ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ଏଯାଏଁ କୁନାଲଙ୍କ କୌଣସି ସନ୍ଧାନ ମିଳିପାରିନାହିଁ। ଦୀର୍ଘ ତିନି ମାସ ଧରି ଅପେକ୍ଷା କରିବା ପରେ ମଧ୍ୟ ଛାତ୍ରଙ୍କ କୌଣସି ସନ୍ଧାନ ନ ମିଳିବାରୁ ଉତ୍ୟକ୍ତ ହୋଇପଡ଼ିଛନ୍ତି ଯୁଗାପଦର ଗ୍ରାମବାସୀ। ନିଖୋଜ ଛାତ୍ରଙ୍କୁ ଖୋଜି ଆଣିବା ଦାବିରେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ଗ୍ରାମବାସୀ ପ୍ରତିବାଦ କରିଥିଲେ। କୁନାଲଙ୍କ ସନ୍ଧାନ ନ ମିଳିବା ପର୍ଯ୍ୟନ୍ତ ସ୍କୁଲରେ ତାଲା ଝୁଲିବ ବୋଲି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଚେତାଇ ଦେଇଥିଲେ ଗ୍ରାମବାସୀ। ଖବର ପାଇ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଏବଂ ମୁନିଗୁଡ଼ା ଥାନା ଅଧିକାରୀ ଲଳିତ ସାଗର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ବୁଝାସୁଝା କରିବା ପରେ ସ୍କୁଲରୁ ତାଲା ଖୋଲାଯାଇଥିଲା। ତେବେ ତିନି ମାସ ପରେ ମଧ୍ୟ ଜଣେ ନାବାଳକ ଛାତ୍ରଙ୍କ ସନ୍ଧାନ ନ ମିଳିବା ଛାତ୍ରକୁ ନିଜ ପରିବାର ଲୋକ ଘରେ ରଖିଥିବା ଏପରି ମନଗଢା ବୟାନ ଦେବା ସହ କିଏ ତାଙ୍କୁ କହିଛି ଦେଢଲକ୍ଷ ଟଙ୍କା ଦେଲେ ପିଲାମିଳିବ ଏପରି ବୟାନବାଜି ସାଙ୍ଗକୁ ଆଜି ସ୍କୁଲ ପଛପଟ ନଦୀପାଖ ଜଙ୍ଗଲ ଦେଇ ପ୍ରଧାନ ଶିକ୍ଷକ ଫେରାର ହେବା ଏବେ ପ୍ରଧାନ ଶିକ୍ଷକଙ୍କ ସମ୍ପୃକ୍ତି ଘଟଣାକୁ ନେଇ ଅନେକ ପ୍ରଶ୍ନ ଠିଆ କରିଛି। କୁନାଲ କେଉଁଠି ଏବଂ କେବେ ତାଙ୍କୁ ଉଦ୍ଧାର କରାଯିବ, ତାହାକୁ ନେଇ ଏବେ ଚିନ୍ତାରେ ପରିବାର, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ।

ଢଁସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର : ୪୭ ଜଣଙ୍କ ଠାରେ ପରୀକ୍ଷା, ୧୨ ମୋତିଆବିନ୍ଦୁ ରୋଗୀ ଚିହ୍ନଟ

ବାଙ୍କୀ ,(ନି ପ୍ର): ଗ୍ରାମାଞ୍ଚଳର ଚକ୍ଷୁରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ଲକ୍ଷ୍ୟରେ ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଖମାର ପାଟଣା କାମନା ମନ୍ଦିର ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିମା ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ଅର୍ବାନ୍ ଚକ୍ଷୁ ଚିକିତ୍ସାଳୟ ଓ ଅଭୟପାଦ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ମୋଟ ୪୭ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୨ ଜଣଙ୍କଠାରେ ମୋତିଆବିନ୍ଦୁ ରୋଗ ଚିହ୍ନଟ ହେବାରୁ ଅସ୍ତ୍ରୋପଚାର ପାଇଁ ସେମାନଙ୍କୁ କଟକ ପଠାଯାଇଥିଲା। ଶିବିରରେ ଡାକ୍ତର ସ୍ୱୟଂପ୍ରକାଶ ପାଣି, ମହମ୍ମଦ ଜାଭେଦ୍ ଓ ପିଙ୍କୁ ବେଉରା ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଭୟପାଦ ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ସାହୁ, ସ୍ଥାନୀୟ ୱାର୍ଡ ସଭ୍ୟ ସୁରେଶ କୁମାର ବେହେରା, ମାୟାଧର ବେହେରା ଓ ମାଧବ କରଣ ପ୍ରମୁଖ ସହଯୋଗ କରିଥିଲେ।

କଳାହାଣ୍ଡିରୁ କେନ୍ଦ୍ରୀୟ ସଂସ୍ଥାକୁ ଦୂରେଇ ନେବା ଷଡ଼ଯନ୍ତ୍ର ବନ୍ଦ ହେଉ: ଯୁବ ବିଜେଡି

ଭବାନୀପାଟଣା, (ନିପ୍ର): କଳାହାଣ୍ଡି ଜିଲ୍ଲାରୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଧୀରେ ଧୀରେ ଦୂରେଇ ନେବା ଉଦ୍ୟମ ବନ୍ଦ କରିବାକୁ ଦାବି କରିଛି ଜିଲ୍ଲା ବିଜୁ ଯୁବ ଜନତା ଦଳ। ଧର୍ମଗଡ଼ ଓ ଜୟପାଟଣା ଡାକ ଅଞ୍ଚଳକୁ ନବରଙ୍ଗପୁର ଡାକ ମଣ୍ଡଳରେ ସାମିଲ ପ୍ରସ୍ତାବ ବାତିଲ, ଭବାନୀପାଟଣା ଦୂରଦର୍ଶନ ଓ ଆକାଶବାଣୀ କେନ୍ଦ୍ରର ଖାଲି ପଦବୀ ପୂରଣ ଏବଂ ସ୍ଥାନୀୟ କାର୍ଯ୍ୟକ୍ରମ ପ୍ରସାରଣ ଆରମ୍ଭ ପାଇଁ ଦଳ ଦାବି କରିଛି। ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ ଦେଇଛି। ଭବାନୀପାଟଣାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଅଭିଯୋଗ କରିଛନ୍ତି ଯେ, ଡାକ ପ୍ରଶାସନର ପୁନର୍ଗଠନ ନାମରେ ଧର୍ମଗଡ଼ ଓ ଜୟପାଟଣା ଅଞ୍ଚଳକୁ ଅନ୍ୟ ଡାକ ମଣ୍ଡଳରେ ସାମିଲ କରାଯାଉଛି। ଏଥିସହ ଦୂରଦର୍ଶନ ଓ ଆକାଶବାଣୀ କେନ୍ଦ୍ର କର୍ମଚାରୀ ଅଭାବରୁ ଠିକ୍ ଭାବେ କାର୍ଯ୍ୟ କରିପାରୁନାହିଁ। ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କ ନିରବତାକୁ ସେ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଡାକ ବିଭାଗର ଅକ୍ଟୋବର ୧୨ ତାରିଖର ପୁନର୍ଗଠନ ପ୍ରସ୍ତାବ ଦ୍ୱାରା ଗ୍ରାମାଞ୍ଚଳବାସୀ, ପେନସନଭୋଗୀ ଓ ଡାକ ସଞ୍ଚୟ ଯୋଜନାର ହିତାଧିକାରୀ ଅସୁବିଧାରେ ପଡ଼ିବା ଆଶଙ୍କା ରହିଛି। ଜିଲ୍ଲାର ଦୁଇ ବିଜେପି ସାଂସଦ ଏ ପ୍ରସଙ୍ଗରେ ନିରବ କାହିଁକି ବୋଲି ଶ୍ରୀ ଠାକୁର ପ୍ରଶ୍ନ କରିବା ସହ ପ୍ରସ୍ତାବ ବାତିଲ ପାଇଁ ଦାବି କରିଛନ୍ତି।

ସାଲେପୁର ପଞ୍ଚାୟତ ସମିତିର ଅଧିବେଶନ

ସାଲେପୁର,(ନିପ୍ର): କଟକ ଜିଲ୍ଲାର ସାଲେପୁର ପଞ୍ଚାୟତ ସମିତିର ୧୭ତମ ସାଧାରଣ ଅଧିବେଶନ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବିଡ଼ିଓ ଡ଼. ଲୋପାମୁଦ୍ରା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାଧାରଣ ଅଧିବେଶନରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ସାଲେପୁର ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ଭାଙ୍ଗିରୁଜି ଯାଇଥିବା ଘର ଗୁଡିକ ମରାମତି , ଆବଶ୍ୟକ ସ୍ଥଳେ ନୂତନ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା । ସେହିପରି ସାଲେପୁର ବ୍ଲକରେ କୃଷି ଓ ଜଳସମ୍ପଦ ବିଭାଗରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।ଏହା ସହିତ ସାଲେପୁରରେ ସମସ୍ତ ବିଭାଗର କାର୍ଯ୍ୟ ସଠିକ୍ ଭାବେ



ହେଉଛି କି ନାହିଁ। ପ୍ରତି ମାସରେ ତାହାର ସମୀକ୍ଷା କରାଯିବ ବୋଲି ବିଧାୟକ ପ୍ରଶାନ୍ତ ବେହେରା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ସନାତନ ଦାସ,ଏବିଡ଼ିଓ ଜ୍ୟୋତ୍ରୀମୟୀ ବେହେରା , ସହକାରୀ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବେଳାଭୂମି ସାହୁ ଓ ଗୌରବ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ସମେତ , ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା ,ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ମଧ୍ୟଗଛ ସରପଞ୍ଚ ସଞ୍ଜୟ କୁମାର ବେହୁରା , ନନ୍ଦୋଳ ସରପଞ୍ଚ ଜ୍ଞାନ ରଞ୍ଜନ ପଟ୍ଟନାୟକ, ରାମେଶ୍ୱର ପଞ୍ଚାୟତ ସରପଞ୍ଚ ଅନିତା ରାଉତ ,ସୁଧୁଖଣ୍ଡ ସରପଞ୍ଚ ଚୌଧୁରୀ ପ୍ରମୋଦ କୁମାର ରାଉତ , ଶିଶୁଆ ସମିତି ସଭ୍ୟା ମାନସ କୁମାର ଦାସ ,ରାମକୃଷ୍ଣପୁର ସମିତିସଭ୍ୟ ସୁଧୀର ପ୍ରଧାନ,ବାଚିଗୋଳ ସମିତି ସଭ୍ୟା ତ୍ରିପୁରା ବେହେରା ,ଓଡାଙ୍ଗ ସମିତି ସଭ୍ୟ ମିନତୀ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ପଞ୍ଚାୟତର ଜନପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

ଶିଶୁ ସୁରକ୍ଷା କ୍ଷେତ୍ରରେ ପୁରୀ ଜିଲ୍ଲାକୁ ରାଜ୍ୟସ୍ତରୀୟ ସମ୍ମାନ

ଭୁବନେଶ୍ୱର/ପୁରୀ,(ନିପ୍ର): ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳ କାର୍ଯ୍ୟକାରିତା ପାଇଁ ପୁରୀ ଜିଲ୍ଲାକୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର କମିଶନର ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଏହି ସମ୍ମାନ



ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲା ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ମିଶନ ବାତ୍ସଲ୍ୟ ଯୋଜନାର ସଫଳ ରୂପାୟନ, ଶିଶୁ ଉଦ୍ଧାର ଓ ଥଇଥାନ, ପରିବାର ସହ ପୁନର୍ମିଳନ, ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ସହ ତତ୍କାଳୀନ ସମସ୍ୟାର ସମାଧାନ ଦିଗରେ ଜିଲ୍ଲାର ଉଲ୍ଲେଖନୀୟ କାର୍ଯ୍ୟକୁ ଏହି ସ୍ୱୀକୃତି ମିଳିଛି। ବିଶେଷକରି ରଥଯାତ୍ରା ସମୟରେ ସ୍ୱତନ୍ତ୍ର ଶିଶୁ ସୁରକ୍ଷା ସେବାର ସଫଳ ପରିଚାଳନା ଏହି ସମ୍ମାନର ଅନ୍ୟତମ ଆଧାର ହୋଇଛି। ଜିଲ୍ଲାର ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍, ଶିଶୁ ମଙ୍ଗଳ ସମିତି, ଚାଇଲ୍ଡ ହେଲ୍ପଲାଇନ୍, କିଶୋର ନ୍ୟାୟ ବୋର୍ଡ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମନ୍ୱିତ ପ୍ରୟାସରେ ଶିଶୁ ସୁରକ୍ଷା ସମ୍ପର୍କିତ ଆଇନ ଓ ନିୟମର ସଫଳ କାର୍ଯ୍ୟାନ୍ୱୟନ ସମ୍ଭବ ହୋଇଛି।

ବାଙ୍କୀରେ ତିନୋଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ଉଚ୍ଚମାନର ଶିକ୍ଷା ପାଇଁ ନୂଆ ଆଶା ସଞ୍ଚାର

ବାଙ୍କୀ,(ନିପ୍ର): ବାଙ୍କୀ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ତିନୋଟି ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାଦ୍ୱାରା ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଉଚ୍ଚମାନର ଶିକ୍ଷା ପ୍ରଦାନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି।



ଏହି ଅବସରରେ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସ୍ତରରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏହି ବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷାର ସୁଯୋଗ ପାଇବା ସହ ଶିକ୍ଷା କ୍ଷେତ୍ରରେ ଅଞ୍ଚଳର ନୂତନ ପରିଚୟ ସୃଷ୍ଟି ହେବ ବୋଲି ମତପ୍ରକାଶ କରିଥିଲେ।

ଏଥିରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର କୁମାର ପରିଡ଼ା, ସମିତି ସଭ୍ୟ ନରେନ୍ଦ୍ର କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିଶିର କୁମାର ସାହୁ, ମଣ୍ଡଳ ଶିକ୍ଷା ଅଧିକାରୀ ଚିନ୍ମୟ ମହାପାତ୍ର ଓ ସାଂସଦ ପ୍ରତିନିଧି ସରୋଜ କୁମାର ମତଗଜ ସିଂହ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ଦୁଷ୍ମନ୍ତ ସାହୁ, ପ୍ରାଣକୃଷ୍ଣ ସାହୁ, ଶିଶିର କୁମାର ନାୟକ, କମ୍ବୁନାଥ ନାୟକ, ବ୍ରହ୍ମାନନ୍ଦ ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ଜିତେନ୍ କୁମାର ବେହେରା, ସନ୍ତୋଷ କୁମାର ନାୟକ, ବସନ୍ତ କୁମାର ନାୟକ, ସଦାନନ୍ଦ ନାୟକ, ଯୋଗେନ୍ଦ୍ର ପ୍ରଧାନ ଓ ବାବାଜୀ ଗୋଛାୟତଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

ସେହିପରି ଡମପଡ଼ା ବ୍ଲକର ଗୟଳବାଙ୍କ ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ମଧ୍ୟ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ଦୁଇଟି କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, କାର୍ଯ୍ୟକାରୀ ସରପଞ୍ଚ ରଞ୍ଜୁଲତା ସାହୁ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ବରାଳ, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିରେଖା ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ ଆଲୋଚନା

ଭୁବନେଶ୍ୱର,(ନିପ୍ର): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଏକ ୫ଜଣିଆ ପ୍ରତିନିଧି ଦଳ ରାଜଭବନରେ ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟରେ ସାମ୍ବାଦିକମାନଙ୍କର ବୃତ୍ତିଗତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶାର ସାମ୍ବାଦିକମାନଙ୍କୁ ପେନସନ ଦେବା ବିଷୟରେ ଆଲୋଚନା ହୋଇଥିଲା। ଦେଶର ପ୍ରାୟ ୨୧ଟି ରାଜ୍ୟରେ ସେଠାକାର ରାଜ୍ୟ ସରକାରମାନଙ୍କ ପକ୍ଷରୁ ସାମ୍ବାଦିକମାନଙ୍କୁ ପେନସନ ଦେବା ନିଷ୍ପତ୍ତି କାର୍ଯ୍ୟକାରୀ ହେଉଥିବାବେଳେ ଓଡ଼ିଶାରେ ସାମ୍ବାଦିକମାନେ



ସେଥିରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶା ସରକାର ଖୁବ୍ ଶୀଘ୍ର ସାମ୍ବାଦିକମାନଙ୍କୁ ପେନସନ ଦେବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ସାମ୍ବାଦିକମାନଙ୍କୁ ପେନସନ ଦେବା ସମେତ ଅନ୍ୟାନ୍ୟ ବୃତ୍ତିଗତ ସମସ୍ୟା ସମ୍ପର୍କରେ ଧୈର୍ଯ୍ୟର ସହ ଶୁଣିଥିଲେ।

ଓଡ଼ିଶାରେ ସାମ୍ବାଦିକମାନଙ୍କୁ ପେନସନ ଦିଆଯାଉନଥିବା ଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ରାଜ୍ୟପାଳ ଶ୍ରୀ ରାମ ଏ ସମ୍ପର୍କରେ ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ରାଜ୍ୟ ସଭାପତି ତଥା ଓଡ଼ିଶା ଭାସ୍କରର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, କଲ୍ୟାଣ ବୋର୍ଡ଼ର ଅନ୍ୟତମ ବରିଷ୍ଠ ଉପଦେଷ୍ଟା ରାଜାରାମ ଶତପଥି ଓ ଏସ୍.ଏ ମନାନ ପ୍ରମୁଖ ସାମିଲ୍ ଥିଲେ।

ଅମର ପ୍ରସାଦ ସାଇ ମନ୍ଦିରରୁ ଚୋରି: ଥାନାରେ ଅଭିଯୋଗ

ଚାରିଛକ,(ନି ପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଆଲୁଦଣ୍ଡା ପାଟଣା ଅମର ପ୍ରସାଦ ଠାରେ ଥିବା ସାଇ ମନ୍ଦିରରୁ ଗତକାଲି ମଧ୍ୟରାତ୍ରିରେ ଏକ ବଡ଼ଧରଣର ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଗତକାଲି ରାତିରେ ମନ୍ଦିରର ପୂଜକ ଶେଷ ନୀତିକାନ୍ତି ଓ ପୂଜା ସାରି ମନ୍ଦିର କବାଟରେ ତାଲା ପକାଇ ଘରକୁ



ଯାଇଥିଲେ। କିନ୍ତୁ ସକାଳେ ନିତ୍ୟପୂଜା ପାଇଁ ଆସିବା ବେଳକୁ ମନ୍ଦିରର ମୁଖ୍ୟ କବାଟ ତାଲା ଭଙ୍ଗାଯାଇ ଖୋଲା ରହିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପୂଜକ ତୁରନ୍ତ ମନ୍ଦିର କମିଟି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ।ଗ୍ରାମବାସୀମାନେ ମନ୍ଦିରରେ ପହଞ୍ଚି ଯାଞ୍ଚ କରିବାରୁ ଦୁର୍ବୃତ୍ତମାନେ ମନ୍ଦିର ଭିତରୁ ଦୁଇଟି ଦାନବାକ୍ସ ଉଠାଇ ନେଇ ପଛପଟ ଜଙ୍ଗଲ ପଡ଼ିଆରେ ଭାଙ୍ଗିଥିବା ଜଣାପଡ଼ିଥିଲା। ଏହାସହ ସାଇବାବାଙ୍କ ଗଳାରେ ଲାଗିଥିବା ରୁଦ୍ରାକ୍ଷ ମାଳ ଏବଂ ଏକ ରୁପା ଚେନ୍ ମଧ୍ୟ ଚୋରି ହୋଇଯାଇଥିବା ଦେଖିବାକୁ ମିଳିଥିଲା।ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଚାରିଛକ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ତେବେ ଗୋଟିଏ ମନ୍ଦିରରୁ ଏହାକୁ ମିଶାଇ ପୂର୍ବରୁ ୪ ଥର ଚୋରି ହୋଇସାରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

ବନ୍ୟା କ୍ଷୟକ୍ଷତି ତୁଳନାରେ ସରକାରୀ ସହାୟତା ନଗଣ୍ୟ, ତୁରନ୍ତ ବିପନ୍ନଙ୍କୁ ମିଳୁ କ୍ଷତିପୂରଣ : ନବୀନ ପଟ୍ଟନାୟକ

ହିଞ୍ଜିଳିକାଟୁ,(ନି.ପ୍ର): ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟାରେ ବିପଦରେ ପଡିଥିବା ଚାଷୀ ଓ ଅନ୍ୟ ଲୋକ ମାନଙ୍କୁ ଭେଟିବା ପାଇଁ ଶନିବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସିଥିଲେ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ। ପ୍ରଥମେ ଶେରଗଡ ଓ ପରେ ହିଞ୍ଜିଳିକାଟୁ ବ୍ଲକ ନୂଆଁ ବୁରୁପଡ଼ା ଗ୍ରାମର ଉଜୁଡ଼ା କ୍ଷେତ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସେମାନଙ୍କ ଦୁଃଖ, ଦୁର୍ଦ୍ଦଶା ଦେଖିଥିଲେ।

ବନ୍ୟା ବିପନ୍ନଙ୍କ ଦୁଃଖରେ ସାମିଲ ହୋଇ ସେମାନଙ୍କ ସମସ୍ୟା ଶୁଣିବା ସହ ତୁରନ୍ତ କ୍ଷତିପୂରଣ ପାଇଁ ଦାବି ଉଠାଇଛନ୍ତି ନବୀନ ପଟ୍ଟନାୟକ। ସେ ପୁଣି କହିଛନ୍ତି, ବନ୍ୟା କ୍ଷୟକ୍ଷତି ତୁଳନାରେ ସରକାରୀ ସହାୟତା ଅତ୍ୟନ୍ତ ଜରୁରୀ। ବାତ୍ୟା ଓ ଲଗାଣ ବର୍ଷାରେ ସର୍ବସ୍ୱ ହରାଇଥିବା ଚାଷୀ ଭାଇ ଓ ଭଉଣୀଙ୍କ




କୋହଭରା କାନ୍ଦ ଏବଂ ଉଜୁଡ଼ି ଯାଇଥିବା ଫସଲର ବେଦନା ଦେଖିବା ପରେ ଗାଡି ଭିତରେ ବସି ନିଜ ଆଖିର ଲୁହକୁ ଅଟକାଇ ପାରି ନଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଛଳ ଛଳ ଲୁହ ହିଞ୍ଜିଳିବାସୀଙ୍କ ପ୍ରତ୍ୟେକ ପରିବାର ପ୍ରତି ଥିବା ତାଙ୍କ ନିଃସ୍ୱାର୍ଥପର ସେବା,ଅସୀମ ଭଲ ପାଇବାର ହୃଦୟର ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିଲା। ନବୀନ ପଟ୍ଟନାୟକଙ୍କ ଆଗମନକୁ ଅପେକ୍ଷା କରିଥିଲେ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ଶହ ଶହ ସାଧାରଣ ଜନତା। ସହରଠୁ ଆରମ୍ଭ କରି ପୁରପଲ୍ଲୀ ଯାଏଁ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ମିନି ଷ୍ଟାଡିୟମର ଅସ୍ଥାୟୀ ହେଲିପେଡ ନିକଟରେ ଜମା ହୋଇ ସ୍ୱାଗତ କରିଥିଲେ।

ବିଶେଷ କରି ଶହ ଶହ ମହିଳା ସାମିଲ ହୋଇଥିଲେ ବେଳେ ଜେନ- ଜି ଛାତ୍ର ନେତାମାନେ ବାଇକ ରାଲୀ କରି ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରା ଦେଇ ସ୍ୱାଗତ କରିଥିଲେ। ବିରୋଧୀ ଦଳ ନେତାଙ୍କ ଗସ୍ତ ସମୟରେ ଛତ୍ରପୁର ଉପଜିଲ୍ଲାପାଳ ଡଃ ଶିବାଶିଷ ବରାଳ, ତହସିଲଦାର ତପନ କୁମାର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ରାଜ୍ୟ ଛାତ୍ର ସଭାପତି ଚିନ୍ମୟ ସାହୁ, ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁ, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା ପ୍ରତିନିଧୀ କେ.କୁନା ଆଚାରୀ, ବରିଷ୍ଠ ନେତା ସୁରେନ୍ଦ୍ର ନାଥ ପ୍ରଧାନ,ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ପୌର ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ସଞ୍ଜୟ କୁମାର ପଣ୍ଡା,ପବିତ୍ର ମୋହନ ପାଣିଗ୍ରାହୀ,ଅଜୟ କୁମାର ମହାରଣା, ଚନ୍ଦନ ପାତ୍ରଙ୍କ ସମେତ ବହୁ ଜନ ପ୍ରତିନିଧି ଓ ମାନ୍ୟଗଣ୍ୟ ନେତା ଉପସ୍ଥିତ ଥିଲେ। ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ ସୁରକ୍ଷା , ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ।

ତିଥି :(ଚତୁର୍ଦ୍ଦଶୀ): (ଚିତ୍ରା ତୁଳା)
ଅମୃତ ବେଳା: ଦିବା ଘ ୬।୪୨ ମଧ୍ୟେ ଘ୯ ।୬ ମଧ୍ୟେ

ଆଜିର ଅନୁଚିନ୍ତନ



ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟକୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି ।। - ଶ୍ରୀମଦ୍ ଭଗବଦ୍ ଗୀତା

ଶିକ୍ଷା ଭିତ୍ତିଭୂମି ଆଗ

ଭାଗିରଥୀ ନଦୀ ତଟରେ ଏକଦା ଥିଲା ପାଟଳୀପୁତ୍ର ନାମକ ଏକ ନଗର। ଏହି ନଗରରେ ରାଜା ଥିଲେ ସୁଦର୍ଶନ। ତାଙ୍କ ପୁତ୍ରମାନେ ଥିଲେ ବିପଥଗାମୀ। ତେଣୁ ସେ ସର୍ବଦା ଚିନ୍ତିତ ଥିଲେ। ଦିନେ ନଦୀତଟରେ ରାଜା ବୁଲୁଥିବା ସମୟରେ ଜଣେ ବ୍ରାହ୍ମଣ ଶ୍ଲୋକପାଠ କରୁଥିଲେ। ଶ୍ଲୋକଟିର ସାରାଂଶ ଥିଲା - ଅନେକ ସଂଶୟ ଖଣ୍ଡନ କରିଥାଏ ଶାସ୍ତ୍ର। ଚର୍ମ ଚକ୍ଷୁ ଦେଖାଏ ପ୍ରତ୍ୟକ୍ଷ ବସ୍ତୁ। ମାତ୍ର ପରୋକ୍ଷ ବିଷୟକୁ ଦେଖାଇବାରେ ସମର୍ଥ ହୋଇଥାଏ ଶାସ୍ତ୍ର। ଏହା ସମସ୍ତଙ୍କର ଚକ୍ଷୁ ସ୍ୱରୂପ। ଯେ ଶାସ୍ତ୍ର ଅଧ୍ୟୟନ କରିନାହିଁ ସେ ପ୍ରକୃତରେ ଅନ୍ଧତୁଲ୍ୟ। ରାଜାଙ୍କ ମନକୁ ଶ୍ଲୋକଟି ଚଟ୍‌କିନା ଛୁଇଁଲା, ସଂଗେ ସଂଗେ ଦରବାରକୁ ଫେରି ପଣ୍ଡିତ ସଭା ଡକାଇ ପଚାରିଲେ - କିଏ ମୋ ପୁତ୍ରମାନଙ୍କୁ ନୀତି ଶାସ୍ତ୍ରର ଉପଦେଶ ଦେଇ ଭଲ ମଣିଷ କରିପାରିବ ? ତହୁଁ ଉତ୍ତର ମିଳିଲା- ବିଷ୍ଣୁ ଶର୍ମା। ସତକୁ ସତ ପ୍ରାୟ ଛଅ ମାସ ଧରି ବିଷ୍ଣୁ ଶର୍ମା ପଶୁପକ୍ଷୀ ଚରିତ୍ର ଆଧାରରେ ବିଭିନ୍ନ କାହାଣୀ ଶୁଣାଇ ରାଜପୁତ୍ରମାନଙ୍କୁ ଶାସ୍ତ୍ର ବା ବିଦ୍ୟା ଅଧ୍ୟୟନ ପ୍ରତି ଆକର୍ଷିତ କରିବାରେ ସଫଳ ହୋଇଥିଲେ।

ଏଥିରୁ ଶାସ୍ତ୍ର ବା ବିଦ୍ୟା ଅଧ୍ୟୟନ ଓ ନୈତିକ ଶିକ୍ଷାର ଗୁରୁତ୍ୱ କେତେ ତାହା ପ୍ରତିପାଦିତ ହୋଇଥାଏ।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ତୃତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିବାବେଳେ କହିଥିଲେ ରାଜ୍ୟ ସରକାର ଶିକ୍ଷାକୁ ସାମାଜିକ ପରିବର୍ତ୍ତନ ବିକାଶର ସବୁଠାରୁ ବଡ଼ ଆଧାର ଭାବେ ଗ୍ରହଣ କରିଛନ୍ତି। କାରଣ ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷା ଗ୍ରହଣର ମୂଳଦୁଆ ଏବଂ ମୂଳଦୁଆ ଯେତିକି ଶକ୍ତ ହେବ, ପିଲାର ଭବିଷ୍ୟତ ସେତିକି ସୁନ୍ଦର ହେବ। ଏହି ଲକ୍ଷ୍ୟ ନେଇ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତ ଗୋଟିଏ କରି ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯାଉଛି। ମୁଖ୍ୟମନ୍ତ୍ରୀ ପୁଣି ସୂଚାଇଛନ୍ତି କେନ୍ଦୁଝରରେ ୩୫ଟି ସମେତ ୬୩୦ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରାଜ୍ୟରେ ନିର୍ମାଣ ଲାଗି ପ୍ରାୟ ୪ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀଙ୍କର ଏହି ପ୍ରୟାସ ଅଭିନନ୍ଦନୀୟ। ନିଶ୍ଚୟ ଆଶା ରଖାଯିବ ଯେ ଏପରି ଆଦର୍ଶ ବିଦ୍ୟାଳୟ ଭଲ ମଣିଷ ତିଆରି କାରଖାନା ହେଉ, ଆଦର୍ଶର ପ୍ରତିଫଳନ ହେଉ। କିନ୍ତୁ କଥା ହେଉଛି ବହୁ ସରକାରୀ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଭିତ୍ତିଭୂମି ତଥା ଶିକ୍ଷକ ଅଭାବଜନିତ ସମସ୍ୟାରେ ଗତି କରୁଥିବା ସର୍ବଜନବିଦିତ। ସେଥିରୁ ଗୋଟିଏ ଦୃଷ୍ଟାନ୍ତ ଏଠାରେ ରଖାଯାଇପାରେ। ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ଡେଙ୍ଗୁଳା ଠାରେ ୧୯୫୨ ମସିହାରେ ସ୍ଥାପିତ ହୋଇଛି ଏକ ସରକାରୀ ଉଚ୍ଚ ବିଦ୍ୟାଳୟ। ବିଡ଼ମ୍ବନା ଯେ ୩୫୮ ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ରହିଛି ମାତ୍ର ୩ଟି ଶ୍ରେଣୀ ଗୃହ। ଗତ ୫ବର୍ଷ ଧରି ପ୍ରଧାନ ଶିକ୍ଷକ ନାହାନ୍ତି। ବିଦ୍ୟାଳୟ ପାଇଁ ୧୨ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ କାମ ଚଳାଉଛନ୍ତି ମାତ୍ର ୪ ଜଣ ଶିକ୍ଷକ। ଏ ଅଭିଯୋଗ ସତ କି ? ଗଣମାଧ୍ୟମରେ ପ୍ରକାଶିତ ଏ ଅଭିଯୋଗ ଯଦି ସତ୍ୟ ହୋଇଥାଏ, ତେବେ ଦୁର୍ଭାଗ୍ୟଜନକ ବୋଲି କୁହାଯିବ। ସେଠାକାର ଶିକ୍ଷା କର୍ତ୍ତୃପକ୍ଷ ଏ ବାବଦରେ କାହିଁକି ଉଦାସୀନ ରହିଛନ୍ତି ତାହା ରହସ୍ୟଜନକ। ସୁତରାଂ ଏଭଳି ଖୋଜିଲେ ବା ଅନୁସନ୍ଧାନ କଲେ ରାଜ୍ୟରେ ବହୁ ସ୍ଥାନରେ ଭିତ୍ତିଭୂମି ଓ ଶିକ୍ଷକ ଅଭାବ ସମସ୍ୟା ନିଶ୍ଚୟ ମିଳିବ। ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେଉ ମନା ନାହିଁ, କିନ୍ତୁ ଚାଲୁଥିବା ସରକାରୀ ବିଦ୍ୟାଳୟଗୁଡ଼ିକ ଯେଉଁଠି ଦୁରବସ୍ଥା ଭିତ୍ତିଭୂମି କ୍ଷେତ୍ରରେ ରହିଛି ତାହାକୁ ସୁଧାରିବା ଦିଗରେ ଗୁରୁତ୍ୱ ଯଥାଶୀଘ୍ର ଦେବା ଆବଶ୍ୟକ କି ନାହିଁ, ତାହା ବିଚାର କରନ୍ତୁ।

କ୍ଷତିକାରକ ବାଣ

ଡା. ଦିଲୀପ କୁମାର ମହାରଣା

ଦୀପାବଳିରେ ବାଣଫୁଟାଇ ସମସ୍ତେ ଖୁସି ହେଉଥିବା ବେଳେ ପ୍ରାୟତଃ ପୋଡ଼ାଜଳା ଖବର ଆସିଥାଏ ଯାହା ଏହି ଖୁସିକୁ ପାଣି ଫଟାଇ ଦିଏ। ତେବେ ଏଥିରୁ ୯୫ ପ୍ରତିଶତ ଦୁର୍ଘଟଣାବଶତଃ ହୋଇଥିବାବେଳେ ୮୦ ପ୍ରତିଶତ ପୀଡ଼ିତ ମହିଳା ଏବଂ ଶିଶୁ ହୋଇଥାନ୍ତି। ଏଭଳି ଅଘଟଣ ଘଟିଲେ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ତୁରନ୍ତ କିଛି ପ୍ରାଥମିକ ଉପଚାର ସମ୍ପର୍କରେ ଜାଣନ୍ତୁ। ପୋଡ଼ିଯାଇଥିବା ସ୍ଥାନରୁ ପୋଷାକ କାଢ଼ି ଦିଅନ୍ତି। ଏହା ଉପରେ ତୁରନ୍ତ ଥଣ୍ଡା ପାଣି (ଅଧିକ ଥଣ୍ଡା ହୋଇନଥିବ) ଢ଼ାଳି ୩ରୁ ୫ ମିନିଟ ପର୍ଯ୍ୟନ୍ତ ରଖନ୍ତୁ। ଲହୁଣି କିମ୍ବା ଅନ୍ୟ କୌଣସି ଚିକ୍କଣ ପଦାର୍ଥ ବା ପାଉଡର ଏହା ଉପରେ ପକାନ୍ତୁ ନାହିଁ। କାରଣ ଏହାଦ୍ୱାରା ସଂକ୍ରମଣର ଆଶଙ୍କା ବଢ଼ିଯାଏ। ପୋଡ଼ାସ୍ଥାନ ଛୋଟ ହୋଇଥିଲେ ଢ଼ିଲା ଷ୍ଟେରାଇଲ୍ ପ୍ୟାଡ୍ ବାନ୍ଧି ଦେଇପାରନ୍ତି। ତୁରନ୍ତ ଡାକ୍ତରଙ୍କୁ ପଚାରି ଔଷଧ ଲଗାଇବେ। ଆଘାତ ସ୍ଥାନ ଛୋଟ ହୋଇଥିଲେ ସଫା ରଖି ଲଗାତର ଶୀତଳ ପଦାର୍ଥରେ ଚାପ ଦିଅନ୍ତୁ।

ଧାତୁ ବା ସୀସାରେ ତିଆରି କୌଣସି ପାତ୍ରରେ ବାଣ ଫୁଟାନ୍ତୁ ନାହିଁ। ଯଦି କୌଣସି ବାଣ ଭଲ ଭାବେ ଫୁଟିନାହିଁ ତେବେ ତାକୁ ଆଉ ଥରେ ଜଳାଇବାର ଚେଷ୍ଟା କରିବେନି। କିଛି ସମୟ ଛାଡ଼ି ଦେଇ ନ ଜଳିଲେ ସେଥିରେ ପାଣି ପକାଇ ଦିଅନ୍ତୁ। ଶୁଖିଲା ସେହି ବାଣକୁ ଛାଡ଼ିଦେବା ବିପଜ୍ଜନକ। ଘର ଭିତରେ କୌଣସି ପ୍ରକାର ବାଣ ଫୁଟାନ୍ତୁ ନାହିଁ। ପିଲାମାନଙ୍କୁ ପକେଟ୍‌ରେ ବାଣ ରଖିବାକୁ ମନା କରନ୍ତୁ। କାରଣ କେତେକ ବିସ୍ଫୋଟକ ହୋଇଥାଏ ଯାହାକୁ ନଜଳାଇଲେ ମଧ୍ୟ ତାହା ଆପେ ଫୁଟିଯାଏ। ବାଣ ଉପରେ ଲେଖାଥିବା ନିର୍ଦ୍ଦେଶାବଳି ପଢ଼ି ଖୋଲାଜାଗାରେ ଫୁଟାନ୍ତୁ। ଫୁଟାଇ ସାରିବା ପରେ ଅବଶେଷ ପାଣିରେ ପକାଇଦେବା ଭଲ। ନଚେତ ତାହା ଲୁଗାପଟା କିମ୍ବା ଶରୀରରେ ଲାଗି କ୍ଷତି କରିପାରେ।

ବାଣ ଧୂଆଁ ମଣିଷ ସମେତ ଅନ୍ୟାନ୍ୟ ପ୍ରାଣୀଙ୍କ କାନ, ଆଖି, ତ୍ୱଚାକୁ ପ୍ରଭାବିତ କରିବା ସହ ଶ୍ୱାସ ଏବଂ ହୃଦ୍‌ରୋଗୀଙ୍କ ପାଇଁ ଘାତକ ହୋଇପାରେ।ଉଦ୍ଭିଦ ଜଗତ ମଧ୍ୟ କୁପ୍ରଭାବିତ ହୋଇଥାଏ। ବାଣରୁ ଫସ୍‌ଫରସ, ସଲଫର, ପଟାସିୟମ କ୍ଲୋରେଟ୍ ପରି ବିଷାକ୍ତ ଗ୍ୟାସ ବାହାରିଥାଏ। ଏହା ଆଖି ପାଇଁ ଖୁବ୍ କ୍ଷତିକାରକ। ବାଣ ଫୁଟିବା ଦ୍ୱାରା ହେଉଥିବା ଜୋର ଧ୍ୱନିରେ କାନର ସ୍ପର୍ଶକାତର ପରଦା ବି ପ୍ରଭାବିତ ହୋଇଥାଏ। ଏଥିରୁ ବାହାରୁଥିବା ସଲଫର ଡାଇଅକସାଇଡ଼, କାର୍ବନ ଡାଇଅକ୍‌ସାଇଡ, କାର୍ବନ ମନୋକ୍‌ସାଇଡ଼ ଆଦି ଗ୍ୟାସ ଫୁସ୍‌ଫୁସ୍‌ରେ ପହଞ୍ଚିବାରୁ ସାଧାରଣ ଶ୍ୱାସରୋଗୀମାନେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି। ଦୀପାବଳି ପରେ ବି ଏହି ରୋଗଗୁଡ଼ିକ କିଛି ଦିନ ବାୟୁମଣ୍ଡଳରେ ରହିଥାଏ। ତେଣୁ ଏହି କିଛି ଦିନ ଶ୍ୱାସରୋଗୀମାନେ ମର୍ଣ୍ଣିଂୱାକ୍ ବନ୍ଦ ରଖିବା ଉଚିତ। ସଲଫର ଡାଇଅକ୍‌ସାଇଡ, କାର୍ବନ ମନୋକ୍‌ସାଇଡ଼, କାର୍ବନ ଡାଇଅକ୍‌ସାଇଡ଼, ନାଇଟ୍ରୋଜେନ ଅକ୍‌ସାଇଡ, ନାଇଟ୍ରସ ଅକ୍‌ସାଇଡ଼ ପରି ଗ୍ୟାସରୁ ଆଜ୍‌ମା, ହୃଦ୍‌ରୋଗ, ବ୍ଲଡ଼ ପ୍ରେସର ଏବଂ ଅନ୍ୟ କେତେକ ରୋଗ ସ୍ଥାୟୀ ଭାବେ ହୋଇପାରେ। ବାଣର ବାରୁଦରେ ବ୍ଲାକ କିମ୍ବା ଫ୍ଲାସ୍ ପାଉଡର ରହିଥାଏ ଯେଉଁଥିରେ ସୋଡ଼ିୟମ, ପଟାସିୟମ, ଆଲୁମିନିୟମ, ଆଇରନ, କପର, ବେରିୟମ ଆଦି ରସାୟନ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବାରୁଦରେ ଥିବା ତତ୍ତ୍ୱରୁ ବାନ୍ତି ହେବା ସହିତ ନାଇଟ୍ରସ କେମିକାଲ ମଣିଷ ମାନସିକ ସନ୍ତୁଳନ ବିଗାଡ଼ିବା ପାଇଁ ଯଥେଷ୍ଟ। ବାଣ ଜଳିଯିବା ପରେ ବି ଏହାର ପ୍ରଭାବ ଶେଷ ହୋଇନଥାଏ। ଏହାକୁ ଫୁଟାଇବା ପରେ ରହିଯାଉଥିବା ଆବର୍ଜନା ମଧ୍ୟ କ୍ଷତିକାରକ।

ଦୀପାବଳି ସମୟରେ ଋତୁ ପରିବର୍ତ୍ତନ ହେଉଥିବାରୁ ଶ୍ୱାସରୋଗୀମାନଙ୍କ ସମସ୍ୟା ହଠାତ୍ ବଢ଼ିଯାଏ। ଏହା ସହିତ ଆତସବାଜିର ଧୂଆଁ ସେମାନଙ୍କ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରେ। ଏହା ଆଲର୍ଜିକ ରିଆକ୍‌ସନ ସୃଷ୍ଟି କରିବା ସହିତ ଖୁବ୍ କଷ୍ଟଦାୟକ। ତେଣୁ କେତେକ ସତର୍କତାମୂଳକ ପଦକ୍ଷେପ ଶ୍ୱାସରୋଗୀମାନଙ୍କୁ ବାଣଫୁଟା ଠାରୁ ଦୂରରେ ରଖନ୍ତୁ। ଦୀପାବଳି ପୂର୍ବରୁ ହେଉଥିବା ଧୁଆପୋଛା ଏବଂ ରଙ୍ଗଦିଆ କାମରେ ଦୂରେଇ ରହିବା ସହିତ ଏହି ପର୍ବ ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରିନିଅନ୍ତୁ।

ଶିଖରପୁର ଉପରସାହି, କଟକ

ଶହେ ବର୍ଷରେ ଭାରତରତ୍ନ ଲାଲକୃଷ୍ଣ ଆଡଭାଣୀ !



ନରେନ୍ଦ୍ର ମୋଦୀ

ଆଜି, ନଭେମ୍ବର ୮ ତାରିଖରେ, ଲାଲକୃଷ୍ଣ ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଛନ୍ତି । ଚଳିତ ବର୍ଷ ତାଙ୍କ ଜନ୍ମଦିନ ଦୀପାବଳି ସହିତ ଏକ ସୁନ୍ଦର ସଂଯୋଗ ସୃଷ୍ଟି କରିଛି। ଏହି ପର୍ବ ପ୍ରଭୁ ଶ୍ରୀରାମ ଏବଂ ଦୀପ ସହ ଜଡ଼ିତ । ଏଥିସହିତ ବର୍ତ୍ତମାନ ଆମେ ଜନସଂଘ ପ୍ରତିଷ୍ଠାର ୭୫ ବର୍ଷ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସହ ନିକଟରେ ଆରଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହ ପାଳନ କରିଛୁ ।

ଏପରି ବ୍ୟକ୍ତି ବହୁତ କମ୍ ଅଛନ୍ତି, ଯେଉଁମାନଙ୍କ ଜୀବନ ଆଧୁନିକ ଭାରତର ଅନେକ ଭିନ୍ନ ଭିନ୍ନ ଅଧ୍ୟାୟ ସହ ଜଡ଼ିତ ରହିଛି। ଆଡଭାଣୀ ଜୀ ୧୯୨୭ ମସିହା ନଭେମ୍ବର ୮ ତାରିଖରେ, ଅର୍ଥାତ୍ 'ଦେବ ଦୀପାବଳି' ଦିନ ଜନ୍ମଗ୍ରହଣ କରିଥିଲେ। ୧୯୪୭ ମସିହାରେ, ଯୁବାବସ୍ଥାରେ ଥିବା ସମୟରେ, ତାଙ୍କୁ ସିନ୍ଧୁ ପ୍ରଦେଶରେ ଥିବା ନିଜର ପରିଚିତ ଦୁନିଆକୁ ପଛରେ ଛାଡ଼ି ଆସିବାର ଯନ୍ତ୍ରଣା ସହିବାକୁ ପଡ଼ିଥିଲା। ସେ କୌଣସି ପ୍ରକାରର କ୍ଷୋଭ କିମ୍ବା ତିକ୍ତତା ନ ରଖି, ପୁନର୍ବାର ଶୂନ୍ୟରୁ ନିଜ ଜୀବନ ଗଢ଼ି ତୋଳିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୂନ୍ୟରୁ ନିଜକୁ ଗଢ଼ି ତୋଳିବାର ଏହି ଗୁଣ ଜୀବନସାରା ତାଙ୍କ ସହ ରହିଆସିଛି । ଜନସଂଘକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପି ଗଠନ କରିବା ସମୟରେ ଏହା ଦେଖିବାକୁ ମିଳିଥିଲା। ତାଙ୍କର ବିଜେପି ଅଧକ୍ଷ କାର୍ଯ୍ୟକାଳ ମଧ୍ୟରେ, ୧୯୮୯ ମସିହାରେ କଂଗ୍ରେସର ସ୍ଥିତି ୪୦୦ ଆସନରୁ ଖସି ୨୦୦ରୁ କମ୍‌କୁ ଚାଲିଆସିଥିଲା ଏବଂ ୧୯୯୬ ମସିହାରେ ବିଜେପି ପ୍ରଥମ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଆଡଭାଣୀ ଜୀ ଏକାଧିକ ପିଢ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲେ ଏବଂ ଦଳକୁ 'ରାଷ୍ଟ୍ର ପ୍ରଥମ' ନୀତି ଉପରେ ଆଧାରିତ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ।


ଦୁଇଟି ଗୁଣ ଆଡଭାଣୀ ଜୀଙ୍କୁ ଜଣେ ନେତା ଭାବରେ ସର୍ବଦା ଅନ୍ୟମାନଙ୍କ ଠାରୁ ଭିନ୍ନ କରି ରଖିଛି। ପ୍ରଥମଟି ହେଉଛି, ତାଙ୍କର ଆଦର୍ଶଗତ ସ୍ପଷ୍ଟତା ଏବଂ ବୌଦ୍ଧିକ ବିଚକ୍ଷଣତା । ଏହା ତାଙ୍କର ଭାଷଣ ଓ ଲେଖାରେ ପ୍ରତିଫଳିତ ହେଉଥିଲା। ଜନସଂଘ ଏବଂ ବିଜେପି ପାଇଁ ସେ ପ୍ରସ୍ତୁତ କରିଥିବା ପ୍ରସ୍ତାବଗୁଡ଼ିକ ଆଜି ମଧ୍ୟ ପଢ଼ିବା ଯୋଗ୍ୟ; ସେହିପରି ତାଙ୍କର ସାକ୍ଷାତକାରଗୁଡ଼ିକ ସର୍ବଦା ତୀକ୍ଷ୍ଣ ଏବଂ ସଠିକ୍ ଥିଲା। ଦ୍ୱିତୀୟଟି ହେଉଛି, ଭାରତୀୟ ରାଜନୀତିର ଏକ ବଡ଼ ଗୋଷ୍ଠୀ ଦ୍ୱାରା ବହୁ ବର୍ଷ ଧରି ପ୍ରଚାରିତ 'ଛଦ୍ମ-ଧର୍ମନିରପେକ୍ଷତା'କୁ ସେ ଯେଉଁ ଢଙ୍ଗରେ ପଦାରେ ପକାଇଥିଲେ ତାହା ପ୍ରଶଂସନୀୟ ଥିଲା।

ଆଡଭାଣୀ ଜୀ ଅତ୍ୟନ୍ତ ନିଷ୍ଠାର ସହ ପ୍ରତ୍ୟେକ ଦାୟିତ୍ୱ ତୁଲାଇଥିଲେ। ଜଣେ ଆରଏସ୍‌ଏସ୍ ପ୍ରଚାରକ ଭାବରେ, ଆଡଭାଣୀ ଜୀ ପ୍ରଥମେ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିଲେ। ସେଠାରୁ ସେ ଦେଶର ରାଜଧାନୀକୁ ଗଲେ, ଯେଉଁଠାରେ ସେ ଅଟଳ ଜୀଙ୍କ ସହ ଘନିଷ୍ଠ ଭାବରେ କାମ କରିବା ଆରମ୍ଭ କଲେ। ଇତିହାସ ସାକ୍ଷୀ ରହିଛି, ଏହି ଦୁଇଜଣ ବିଶିଷ୍ଟ ରାଜନୈତିକ ନେତା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ, ବରଂ ପରସ୍ପରକୁ ସହଯୋଗ କରି ଦୀର୍ଘ ଦଶନ୍ଧି ଧରି ଏକାଠି କାମ କରିବା ଏକ ବିରଳ ଘଟଣା। ଆଡଭାଣୀ ଜୀ ଏବଂ ଅଟଳ ଜୀ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଥିଲେ। ଉଭୟେ ମିଶି ଭାରତୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲେ।

ଆଡଭାଣୀ ଜୀ ଯେଉଁ ଦିଲ୍ଲୀକୁ ଆସିଥିଲେ, ସେହି ସହର ସେତେବେଳେ ବିଭାଜନର ଭୟାବହତା ସହ ମୁକାବିଲା କରୁଥିଲା। ସେ 'ଜନସଂଘ'କୁ ଅଧିକ ଶକ୍ତିଶାଳୀ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ୧୯୬୭ ମସିହାରେ, ଆଡଭାଣୀ ଜୀ ଦିଲ୍ଲୀ ମେଟ୍ରୋପଲିଟାନ୍ କାଉନସିଲର ଅଧ୍ୟକ୍ଷ ହେଲେ; ସେଠାରେ ସେ ସ୍ୱର୍ଗତ ବିଜୟ କୁମାର ମଲହୋତ୍ରା ଜୀ (ଯିଏ ମୁଖ୍ୟ କାର୍ଯ୍ୟକାରୀ କାଉନସିଲର ହୋଇଥିଲେ)ଙ୍କ ସହ ମିଶି କାର୍ଯ୍ୟ କରିଥିଲେ।

୧୯୭୦ ମସିହାରେ ଆଡଭାଣୀ ଜୀଙ୍କ ସଂସଦୀୟ ଯାତ୍ରା ଆରମ୍ଭ ହୋଇଥିଲା। ସଂସଦରେ ତାଙ୍କର ମତାମତ ସମସ୍ତ ରାଜନୈତିକ ଦଳର ପ୍ରଶଂସା ଲାଭ କରିଥିଲା। ଜଣେ ସାଂସଦ ଭାବରେ, ପରବର୍ତ୍ତୀ ସମୟରେ ଉଭୟ ସଦନରେ ବିରୋଧୀ ଦଳର ନେତା ଭାବରେ ଏବଂ ଶାସକ ଦଳର ସଦସ୍ୟ ଭାବରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି । ସଂସଦୀୟ ଦାୟିତ୍ୱରେ ବ୍ୟସ୍ତ ରହିବା ସତ୍ତ୍ୱେ, ସେ ନିୟମିତ ଭାବେ ସାରା ଭାରତ ଭ୍ରମଣ କରି ଲୋକମାନଙ୍କୁ ଭେଟୁଥିଲେ।

ମୋର ୧୯୯୧ ଲୋକସଭା ନିର୍ବାଚନ କଥା ଭଲ ଭାବରେ ମନେ ଅଛି । ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଡଭାଣୀ ଜୀ ଦୁଇଟି ଆସନରୁ ଲୋକସଭା ନିର୍ବାଚନ ଲଢ଼ିବେ, ସେଥିମଧ୍ୟରୁ ଗୋଟିଏ ଥିଲା ଗାନ୍ଧୀନଗର। ଗୁଜରାଟ ସହିତ ତାଙ୍କର ଏକ ପୁରୁଣା ସମ୍ପର୍କ ଥିଲା। ଦେଶ ବିଭାଜନ ପରେ ତାଙ୍କ ପିତା କଚ୍ଛ ଅଞ୍ଚଳରେ ଆସି ରହିଥିଲେ। ଆଡଭାଣୀ ଜୀ ଗୁଜରାଟରୁ ରାଜ୍ୟସଭା ସାଂସଦ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ତେଣୁ, ଏହା ଏକ ପ୍ରକାରର 'ଘରକୁ



ଫେରିବା' ଭଳି ଥିଲା। ବିଜେପି ସଂଗଠନ ସହ ଜଡ଼ିତ ଥିବାରୁ, ମୋତେ ତାଙ୍କ ନାମାଙ୍କନପତ୍ର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ସହଯୋଗ କରିବାର ସୌଭାଗ୍ୟ ମିଳିଥିଲା। ଗାନ୍ଧୀନଗରର ଜନସାଧାରଣ ତାଙ୍କୁ ବାରମ୍ବାର ସଂସଦକୁ ପଠାଇଥିଲେ। ଗାନ୍ଧୀନଗରର ଜଣେ ଭୋଟର ଭାବରେ, ମୋତେ ମଧ୍ୟ ଅନେକ ଥର ଆଡଭାଣୀ ଜୀଙ୍କୁ ଭୋଟ୍ ଦେବାର ସୌଭାଗ୍ୟ ମିଳିଥିଲା। ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯେଉଁ ଯତ୍ନ ଓ ଧ୍ୟାନ ଦେଉଥିଲେ, ତାହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ।

'ଜରୁରୀକାଳୀନ ପରିସ୍ଥିତି' ଆଡଭାଣୀ ଜୀଙ୍କ ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା। ଗଣତନ୍ତ୍ରକୁ ବଞ୍ଚାଇବା ଏବଂ ସମ୍ବିଧାନର ସୁରକ୍ଷା କରିବା କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଅନୁଭୂତିଗୁଡ଼ିକ ତାଙ୍କ ପୁସ୍ତକ 'ଏ ପ୍ରିଜନର୍ସ ସ୍କ୍ରାପ୍-ବୁକ୍'ରେ ସ୍ଥାନ ପାଇଛି। ଏହି ପୁସ୍ତକର 'ଏ ଟେଲ୍ ଅଫ୍ ଟୁ ଏମର୍ଜେନ୍ସିଜ୍' ଶୀର୍ଷକ ଅଂଶରେ ୧୯୭୫ ମସିହା ଜୁନ୍ ମାସରୁ ଭାରତରେ ଘଟିଥିବା ଘଟଣାବଳୀ ଏବଂ ୧୯୩୩ ମସିହାର ନାଜି ଜର୍ମାନୀରେ ଘଟିଥିବା ଘଟଣାବଳୀ ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟକୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ଆଡଭାଣୀ ଜୀ ଜଣେ ପ୍ରଖର ବିରୋଧୀ ଦଳ ନେତା ଥିଲେ କିନ୍ତୁ ସମାନ ଭାବରେ ଜଣେ ଉତ୍କୃଷ୍ଟ ପ୍ରଶାସକ ମଧ୍ୟ ଥିଲେ। ୧୯୭୭ ମସିହାରେ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ, ଆଡଭାଣୀ ଜୀ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ହୋଇଥିଲେ। ଏହି ବିଭାଗରେ ତାଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ଯାହା ସାଧାରଣରେ ଗ୍ରହଣୀୟ ହୋଇଥିଲା । ଉପପ୍ରଧାନମନ୍ତ୍ରୀ ଏବଂ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗୃହମନ୍ତ୍ରୀ ଭାବରେ, ସେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆମର ସୁରକ୍ଷା ବାହିନୀର ସ୍ଥିତିକୁ ଉନ୍ନତ କରିବାରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିଛି । ଆତଙ୍କବାଦ ବିରୋଧରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ରହିଥିଲା । ଫଳରେ ଭାରତକୁ ଏକ କଠୋର ଆତଙ୍କବାଦ ବିରୋଧୀ ଆଇନ ମିଳିଥିଲା ।

ଆଡଭାଣୀ ଜୀଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା। ଏହା ଭାରତୀୟ ସମାଜର ଗତିପଥକୁ ଉନ୍ନତ କରିଥିଲା। ପରିକଳ୍ପନା ପର୍ଯ୍ୟାୟରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଏହି ଯାତ୍ରାରେ ସାମିଲ ହେବା ଲାଗି ସୁଯୋଗ ପାଇବା ଥିଲା ମୋ ପାଇଁ ସୌଭାଗ୍ୟର ବିଷୟ। ଯାତ୍ରା ଆରମ୍ଭ ହେବା ସମୟରେ ସୋମନାଥରେ ଉପସ୍ଥିତ ରହିବା ବିଶେଷ ଭାବରେ ସ୍ୱତନ୍ତ୍ର ଥିଲା। ଏକ ଯାତ୍ରା ବହୁତ କଷ୍ଟକର ହୋଇପାରେ, ଏଥିପାଇଁ ଦୀର୍ଘ ସମୟ, ନିରନ୍ତର ଯାତ୍ରା, ଶାରୀରିକ ସହନଶୀଳତା ଏବଂ କ୍ଲାନ୍ତି ସତ୍ତ୍ୱେ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା ଆବଶ୍ୟକ ହୁଏ। ଆଡଭାଣୀ ଜୀ ଏହି ସହନଶୀଳତାକୁ ମୂର୍ତ୍ତିମନ୍ତ କରିଥିଲେ।

ବିହାରରେ ଆଡଭାଣୀ ଜୀଙ୍କୁ ଗିରଫ କରାଯିବାର ଦୁଃଖଦାୟକ ମୁହୂର୍ତ୍ତଗୁଡ଼ିକ ଏବେ ମଧ୍ୟ ମୋର ମନେ ଅଛି। ତତ୍କାଳୀନ ସମୟରେ ଗୁଜରାଟରେ, ବିଜେପି ଚିମନଭାଇ ପଟେଲଙ୍କ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଏହା ମାଧ୍ୟମରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ, ଆମର ବିଚାରଧାରା ଏବଂ ରାମ ମନ୍ଦିର ପ୍ରସଙ୍ଗରେ କେବେବି କୌଣସି ପ୍ରକାରରେ ସାଲିସ୍ କରାଯିବ ନାହିଁ। ପରିସ୍ଥିତି ଯାହା ହେଉନା କାହିଁକି, ରାମ ମନ୍ଦିର ନିଶ୍ଚିତ ଭାବରେ ନିର୍ମାଣ କରାଯିବ ବୋଲି ଆମର ଅନେକ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତା ଶପଥ ନେଇଥିଲେ । ଆଉ ବର୍ଷ ବର୍ଷ ପରେ, ଭାରତର ଜନସାଧାରଣଙ୍କ ଆଶୀର୍ବାଦରୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସତ୍ୟରେ ପରିଣତ ହେଲା ।

ଆଡଭାଣୀ ଜୀଙ୍କ ବ୍ୟକ୍ତିତ୍ୱରେ ଆହୁରି ଅନେକ ଉଲ୍ଲେଖନୀୟ ଦିଗ ରହିଛି। ଉଦାହରଣ ସ୍ୱରୂପ, ତାଙ୍କର ସରଳତା। 'ନବନିର୍ମାଣ ଆନ୍ଦୋଳନ' ପରେ, ଆଡଭାଣୀ ଜୀ ଜୁନାଗଡ଼ ଆସିଥିଲେ ଏବଂ ସେଠାରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ଏକ ମାସ ରହିଥିଲେ। ସେଠାରେ ରହି ସେ ବିଧାନସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିଥିଲେ । ସେହି ନିର୍ବାଚନରେ କଂଗ୍ରେସକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସାର୍ବଜନୀନ ଜୀବନରେ ନୈତିକତା ଓ ସଙ୍କୋଚଟତା କ'ଣ, ତାହା ସେ ସର୍ବଦା ପ୍ରଦର୍ଶିତ କରିଆସିଛନ୍ତି। ସେ ଜଣେ ଅତ୍ୟନ୍ତ ପଠନପ୍ରିୟ ବ୍ୟକ୍ତି । ଯେଉଁମାନେ ତାଙ୍କ ସହିତ ସମୟ ବିତାଇଛନ୍ତି, ସେମାନେ ଜାଣନ୍ତି ଯେ ସେ କେତେ ଯତ୍ନର ସହ ଖବରକାଗଜ ପଢ଼ନ୍ତି । ସେ ଚଳଚ୍ଚିତ୍ର ଏବଂ ନାଟକର ବହୁତ ବଡ଼ ପ୍ରଶଂସକ। ସେ ମଧ୍ୟ ଜଣେ ଉତ୍ସାହୀ ଚଳଚ୍ଚିତ୍ର ସମୀକ୍ଷକ । ଇତିହାସ ପ୍ରତି ତାଙ୍କର ଗଭୀର ଦୃଷ୍ଟିକୋଣ ଏବଂ ଏହାକୁ ସଂରକ୍ଷଣ କରିବାର ଆବଶ୍ୟକତା ତାଙ୍କ ପୁସ୍ତକ 'ମାଇଁ କଣ୍ଟ୍ରି ମାଇଁ ଲାଇଫ୍'ରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ।

ଆଡଭାଣୀ ଜୀ ସର୍ବଦା ସିନ୍ଧୀ ସଂସ୍କୃତି ସହ ଯୋଡ଼ି ହୋଇ ରହିଛନ୍ତି । ତାଙ୍କର ଆଉ ଗୋଟିଏ ପ୍ରୟାସ ଥିଲା- ଲେହ ନିକଟରେ 'ସିନ୍ଧୁ ଦର୍ଶନ ପୂଜା'କୁ ଲୋକପ୍ରିୟ କରିବା। ମୁଁ ନିଜେ ଆଡଭାଣୀ ଜୀ ଏବଂ ଜର୍ଜ ଫର୍ଣ୍ଣାଣ୍ଡିସ୍ ଜୀଙ୍କ ସହିତ ଏପରି ଏକ ପୂଜାରେ ଯାଇଥିଲି ।

କମଳା ଆଡଭାଣୀ ଜୀଙ୍କ ଉଲ୍ଲେଖ ବିନା ଆଡଭାଣୀ ଜୀଙ୍କ ଅସାଧାରଣ ଯାତ୍ରା ବିଷୟରେ କୌଣସି ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିବ। ତାଙ୍କର ସାର୍ବଜନୀନ ଜୀବନରେ ଶ୍ରୀମତୀ ଆଡ଼ଭାଣୀ ସର୍ବଦା ଶକ୍ତି ଓ ସମର୍ଥନର ଏକ ଉତ୍ସ ହୋଇ ରହିଥିଲେ।

କରାଚୀରେ ବଢ଼ିବା ସମୟରେ, ଆଡଭାଣୀ ଜୀ ବୋଧହୁଏ କଳ୍ପନା ମଧ୍ୟ କରିନଥିବେ ଯେ ତାଙ୍କ ଜୀବନ କେଉଁ ମୋଡ଼ ନେବ । କୃତଜ୍ଞତା ସ୍ୱରୂପ, ଭାରତର ଜନସାଧାରଣ ୨୦୨୪ ମସିହାରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରିଛନ୍ତି । ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଥିବା ବେଳେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ଏବଂ ପୂର୍ବଭଳି ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଚାଲନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି । (ପିଆଇବି)

- ପ୍ରଧାନମନ୍ତ୍ରୀ

ପ୍ରଦୂଷଣ ମୁକ୍ତ ଦୀପାବଳି ହେଉ ସାମୂହିକ ସଂକଳ୍ପ

ଚିତ୍ତରଞ୍ଜନ ପୃଷ୍ଟି

ଭାରତୀୟ ସଂସ୍କୃତିରେ ପର୍ବପର୍ବାଣିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସେଥିମଧ୍ୟରୁ ଆଲୋକର ପର୍ବ ଦୀପାବଳି ଅନ୍ୟତମ। ଏହି ପର୍ବ ଅନ୍ଧକାର ଉପରେ ଆଲୋକର, ଅଜ୍ଞାନ ଉପରେ ଜ୍ଞାନର, ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଏହି ପର୍ବ ରାବଣ ଉପରେ ବିଜୟ ପରେ ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ଫେରିବା, ଭଗବାନ କୃଷ୍ଣଙ୍କ ଦ୍ୱାରା ରାକ୍ଷସ ନରକାସୁରକୁ ବଧ କରିବା, ଧନର ଦେବୀ ଲକ୍ଷ୍ମୀଙ୍କ ପୂଜା ଏବଂ ଭଗବାନ ମହାବୀରଙ୍କ ନିର୍ବାଣକୁ ସ୍ମରଣ କରେ। ଏହା ଧାର୍ମିକ ଏବଂ ସାଂସ୍କୃତିକ ମହତ୍ତ୍ୱର ଏକ ପର୍ବ, ଆନନ୍ଦ, ସମୃଦ୍ଧି ଏବଂ ଆଶାର ପ୍ରତୀକ।

ଅମାବାସ୍ୟା ଦିନ ଅଯୋଧ୍ୟାର ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ସାରି ଘରକୁ ଫେରିଥିଲେ। ରାମଚନ୍ଦ୍ରଙ୍କ ଘର ବାହୁଡ଼ାକୁ ଅଯୋଧ୍ୟାବାସୀ ହର୍ଷଉଲ୍ଲାସ ସହ ପାଳନ କରିଥିଲେ। ଅମାବାସ୍ୟାର ଅନ୍ଧକାର ରାତିରେ ସାରା ଅଯୋଧ୍ୟାକୁ ଆଲୋକିତ କରି ଶ୍ରୀରାମଙ୍କୁ ସ୍ୱାଗତ କରାଯାଇଥିଲା। ସେବେଠାରୁ ଆଜିଯାଏଁ କାର୍ତ୍ତିକ ମାସ ଅମାବାସ୍ୟାରେ ଦୀପାବଳି ପର୍ବ ପାଳନ କରାଯାଉଛି।

କାଳକ୍ରମେ ଏହି ପବିତ୍ର ଆଲୋକର ପର୍ବ ଦୀପାବଳି ନିଜର ପ୍ରକୃତ ସ୍ୱରୂପ ହରାଇ ବାଣର ଧୂଆଁ ଓ ବିକଟାଳ ଧ୍ୱନି ଭିତରେ ହଜିଯିବାକୁ ବସିଲାଣି। ଏହି ଖୁସିର ପର୍ବ ମଧ୍ୟରେ ଏବେ ଚିନ୍ତା ବଢ଼ାଉଛି ବାଣ ଫୁଟାଇବା ଯୋଗୁଁ ହେଉଥିବା ବାୟୁ ଓ ଧ୍ୱନି ପ୍ରଦୂଷଣ। ପ୍ରତିବର୍ଷ ଦୀପାବଳି ଆସିଲେ ବାଣ ବଜାରରେ ଭିଡ଼ ଜମେ। ଛୋଟ ପିଲାଙ୍କ ଠାରୁ ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ବାଣ ଫୁଟାଇବାର ଉତ୍ସାହ ଦେଖାଯାଏ। କିନ୍ତୁ ଏହି କିଛି ଘଣ୍ଟାର ଆନନ୍ଦ ପରେ ପରିବେଶ ଉପରେ ଏହାର ପ୍ରଭାବ କେତେ ଗମ୍ଭୀର, ସେଥିପ୍ରତି ଅନେକ ଧ୍ୟାନ ଦେଉନାହାନ୍ତି। ବାଣ ଫୁଟିବା ଫଳରେ ବାୟୁରେ ଧୂଳିକଣା ଓ ବିଭିନ୍ନ ପ୍ରଦୂଷକ



ପଦାର୍ଥ ମିଶିଥାଏ। ଏହା ଶ୍ୱାସକ୍ରିୟା ସମସ୍ୟା ଥିବା ବ୍ୟକ୍ତି, ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଅଧିକ ଅସୁବିଧା ସୃଷ୍ଟି କରେ । ଅନ୍ୟପଟେ ଅତ୍ୟଧିକ ଧ୍ୱନି ଯୋଗୁଁ ରୋଗୀ, ବୃଦ୍ଧବୃଦ୍ଧା ଓ ଶିଶୁମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବାଣ ଫୁଟିବା ପରେ ରାସ୍ତାଘାଟରେ ଜମା ହେଉଥିବା ଆବର୍ଜନା ମଧ୍ୟ ଆଉ ଏକ ସମସ୍ୟା। ବ୍ୟକ୍ତିଗତ ସ୍ୱାର୍ଥ ଓ ମନୋରଞ୍ଜନ ପାଇଁ ଆମେ ପରିବେଶକୁ ଧ୍ୱଂସମୁଖକୁ ଠେଲି ଦେଉଛୁ।

ତେଣୁ ବର୍ତ୍ତମାନ ସମୟରେ କେବଳ ଜଣେ କିମ୍ବା ଦୁଇଜଣ ନୁହେଁ, ବରଂ ପ୍ରଦୂଷଣ ମୁକ୍ତ ଦୀପାବଳି ପାଳନ କରିବା ସମଗ୍ର ସମାଜର ଏକ ସାମୂହିକ ସଂକଳ୍ପ ହେବା ନିତାନ୍ତ ଆବଶ୍ୟକ। ବାଣରୁ ବାହାରୁଥିବା ବିଷାକ୍ତ କାର୍ବନ, ସଲଫର ଓ ସୀସା ବାୟୁମଣ୍ଡଳକୁ ଦୂଷିତ କରିବା ସହ ଶ୍ୱାସକ୍ରିୟା ଜନିତ ସମସ୍ୟା, ହୃଦ୍‌ଘାତ ଓ ଆଖି ରୋଗ ସୃଷ୍ଟି କରିଥାଏ। ଯେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି, ଗାଁ, ସହର ଏବଂ ଅନୁଷ୍ଠାନ ଏକାଠି ହୋଇ ଏହା ବିରୋଧରେ ସଂକଳ୍ପ ନେବେ, ସେତେବେଳେ ଯାଇ ଆମେ ବାୟୁମଣ୍ଡଳକୁ ସ୍ୱଚ୍ଛ ରଖିପାରିବା।

ଦିଲ୍ଲୀରେ ବାୟୁ ଗୁଣବତ୍ତା ଅତି ଭୟଙ୍କର ସ୍ଥିତିରେ ପହଞ୍ଚିଛି। ସମଗ୍ର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୮୨ ରେକର୍ଡ କରାଯାଇଛି, ଯାହାକି ଏକ ଗମ୍ଭୀର ପରିସ୍ଥିତି ଅଟେ।କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ର ତଥ୍ୟ ଅନୁଯାୟୀ, ସହରର ୭ଟି ପ୍ରମୁଖ ମନିଟରିଂ ଷ୍ଟେସନରେ 'ଏକ୍ୟୁଆଇ' ୩୦୦ରୁ ୪୦୦ ରହିଛି। ଦୀପାବଳି ପରେ ସ୍ଥିତି ଆହୁରି ଜଟିଳ ହେବାର ସମ୍ଭାବନା ରହିଛି। କେବଳ ଦିଲ୍ଲୀ ନୁହେଁ ବଡ଼ ବଡ଼ ସହର ମଧ୍ୟ ବାୟୁ ପ୍ରଦୂଷଣ ଜାଲରେ ଛନ୍ଦି ହେଉଛନ୍ତି।

ତେଣୁ ସାମ୍ପ୍ରତିକ ସମୟରେ 'ପ୍ରଦୂଷଣ ମୁକ୍ତ ଦୀପାବଳି' ବା 'ସବୁଜ ଦୀପାବଳି' ପାଳନ କରିବା ସବୁଠାରୁ ବଡ଼ ଆବଶ୍ୟକତା ହୋଇପଡ଼ିଛି।

ପରିବେଶ ପ୍ରଦୂଷଣ ହେବ ନାହିଁ ବା କମ୍ ପ୍ରଦୂଷଣ ହେବ ତାହା ହିଁ ସବୁଜ ଦୀପାବଳି। ଅତିରିକ୍ତ ଧୂଆଁ ଏବଂ ଧ୍ୱନି ସୃଷ୍ଟିକାରୀ ବାଣ ବ୍ୟବହାରକୁ ସୀମିତ କରିବା ଏବଂ ଉତ୍ସବ ପରେ ବର୍ଜ୍ୟବସ୍ତୁକୁ ଠିକ୍ ଭାବରେ ସଫା କରିବା ଉଚିତ। ସମସ୍ତେ ସରକାରୀ ନିୟମ ଅନୁଯାୟୀ କେବଳ ସୀମିତ ସମୟ ପାଇଁ କମ୍ ପ୍ରଦୂଷଣକାରୀ 'ସବୁଜ ବାଣ' ବ୍ୟବହାର କରିବା ଉଚିତ। ଏହି ପର୍ବରେ ବିଭିନ୍ନ ପ୍ରକାର ବାଣ ଫୁଟାଯାଇଥାଏ। ଆଲୋକ ଏବଂ ଧ୍ୱନିର ମାହୋଲ ସିନା ମନକୁ କ୍ଷଣିକ ଆନନ୍ଦ ଦିଏ, ହେଲେ ତାହାର କୁପ୍ରଭାବ ପରିବେଶ ଏବଂ ସମାଜ ଉପରେ ପଡ଼ିଥାଏ। ବାଣ ଫୁଟାଇବା ବେଳେ ଅନେକ ଆହତ ହୋଇଥାଆନ୍ତି। କେତେକ ଏହାର ରାସାୟନିକ ବାଷ୍ପ ସଂସ୍ପର୍ଶରେ ଆସି ଅସୁସ୍ଥ ଅନୁଭବ କରନ୍ତି। ବିଶେଷ ଭାବରେ ବାଣର ଧ୍ୱନି ଆମର ଶ୍ରବଣ ଶକ୍ତିକୁ ଅଧିକ ପ୍ରଭାବିତ କରିଥାଏ।ବାଣ ଫୁଟାଇବା ଆଜିକାଲି ଏକ ସଉକ ପାଲଟିଗଲାଣି। ବିଶେଷ ଭାବରେ ଯୁବପିଢ଼ି ଅଧିକ ଧ୍ୱନି କରୁଥିବା ଏବଂ ଅଧିକ ପ୍ରଦୂଷଣକାରୀ ବାଣ ଆଣି ଫୁଟାଇ ଥାଆନ୍ତି। ହେଲେ ଏହାର କୁପ୍ରଭାବ ସମ୍ପର୍କରେ ଅବଗତ ହେବା ଜରୁରୀ। ଏହି ସମୟରେ ଯଦି ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ତେବେ ଏହି ପର୍ବକୁ ବେଶ୍ ଆନନ୍ଦର ସହ ପାଳନ କରିପାରିବା।

ଦୀପାବଳି ହେଉଛି ଅନ୍ଧକାର ଉପରେ ଆଲୋକର ଏବଂ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ। ତେଣୁ ଆମର ଖୁସି ଅନ୍ୟ କାହାର ଦୁଃଖ ବା ଅସୁସ୍ଥତାର କାରଣ ହେବା ଉଚିତ ନୁହେଁ। ପରିବେଶ ସୁରକ୍ଷିତ ରହିଲେ ହିଁ ଆମେ ସୁସ୍ଥ ରହିପାରିବା। ଆସନ୍ତୁ, ଏଥର ଏକ ସଚେତନ ନାଗରିକ ଭାବରେ ପ୍ରଦୂଷଣ ମୁକ୍ତ ଦୀପାବଳି ପାଳନ କରିବା ଏବଂ ପୃଥିବୀକୁ ସବୁଜ ଓ ସୁନ୍ଦର ରଖିବା ପାଇଁ ସଂକଳ୍ପ ନେବା। ଆଲୋକର ଏହି ପର୍ବ ଯେପରି କାହାର ଜୀବନରେ ପ୍ରଦୂଷଣର ଅନ୍ଧକାର ନ ଆଣେ, ସେଥିପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ। ଏଣୁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା—'ବାଣ ନୁହେଁ, ଦୀପ ଜଳାଇବା; ସବୁଜ ଦୀପାବଳି ମନାଇବା।'ଆମର କ୍ଷଣିକ ସୁଖ ପାଇଁ ପ୍ରକୃତି ମାତାକୁ କଷ୍ଟ ଦେବା ଆଦୌ ଉଚିତ ନୁହେଁ। ପରିବେଶ ସୁରକ୍ଷିତ ରହିଲେ ହିଁ ମାନବ ସମାଜ ସୁରକ୍ଷିତ ରହିବ। ତେଣୁ ଆସନ୍ତୁ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ହାତ ମିଳାଇ ଏକ ସାମୂହିକ ସଂକଳ୍ପ ନେବା– 'ଏଥର ଦୀପାବଳିରେ ବାଣ ନୁହେଁ, ବରଂ ସୁସ୍ଥ ପରିବେଶ ଓ ସଦ୍‌ଭାବନାର ଦୀପ ଜାଳି ସାରା ଜଗତକୁ ଆଲୋକିତ କରିବା।'

ନିମାପଡ଼ା, ପୁରୀ
ମୋ-୯୭୭୮୧୭୭୫୦୧

ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ଘରକୁ ଘର ସର୍ଭେ

ଭବାନୀପାଟଣା,୭।୧୧ (ନିପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଅତିରିକ୍ତ ଶାସନ ସଚିବ (ଗୃହ ବିଭାଗ) ଓ ପର୍ଯ୍ୟବେକ୍ଷକ ବୀରେନ୍ଦ୍ର କୋରକରା କଳାହାଣ୍ଡି ଜିଲ୍ଲା ଗସ୍ତ ପୂର୍ବକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ଘରକୁ ଘର ସର୍ଭେ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି। ଏହି ସର୍ଭେ କାର୍ଯ୍ୟ ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ସକାଶେ ଗତ ୨୬.୧୦.୨୦୨୬ ରୁ ୭.୧୧.୨୦୨୬ ପର୍ଯ୍ୟନ୍ତ ହେଉଛି। ଜିଲ୍ଲାର ୧୩ ଟି ବ୍ଲକ୍ ର ମୋଟ ୧୫୪୧ ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବୁଥ ଏବଂ ୫ଟି ପୌର ଓ ବିଜ୍ଞାପିତ ଅଂଚଳ ପରିଷଦର ୧୬୫ ଟି ବୁଥ ରହିଛି। ଜିଲ୍ଲାର ୩୦୭ଟି ଗ୍ରାମ ପଞ୍ଚାୟତର ୩୬୭୨ ଟି ୱାର୍ଡ ରହିଛି। ୧୩ ଟି ବ୍ଲକରେ ବୁଥ ପାଇଁ ୩୦୮ ଜଣ ବି ଏଲ ଓ ଏବଂ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ଅତିରିକ୍ତ ଶାସନ ସଚିବ ତଥା ପର୍ଯ୍ୟବେକ୍ଷକ ଜିଲ୍ଲାରେ ଫର୍ମ ୧୬ ଏବଂ ୧୭ର ପ୍ରଦାନ ଏବଂ ସଂଗ୍ରହ ସଂଖ୍ୟା ଉପରେ ତର୍ଜମା କରି ସମସ୍ତ ବି ଏଲ ଓ ଏବଂ ସୁପରଭାଇଜରଙ୍କୁ ଏହାର ଲକ୍ଷ୍ୟ ହାସଲ ଦିଗରେ ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ତରଭା,୭।୧୧ (ନିପ୍ର); ତରଭା ନାରାୟଣ ମୂର୍ତ୍ତି କଲ୍ୟାଣ ମଣ୍ଡପ ଠାରେ ତରଭା ବ୍ଲକର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଝସକେତନ ପଶାୟତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ତରଭା ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ୪୫୦ ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣିପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ଦଳର ମାଁ ମାନେ ଅଂଶ ଗ୍ରହଣ କରି ଥିଲେ। ଏତତ୍ ବ୍ୟତୀତ ଉତ୍ସାହୀ ଜନ ସାଧାରଣ, ପଞ୍ଚାୟତ ସମିତିର ସଭ୍ୟ ସଭ୍ୟା, ସରପଞ୍ଚ, ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମଚାରୀ, ତାଙ୍କର ସହାୟକ କର୍ମଚାରୀ ସମସ୍ତେ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ସଭାପତି ସୁପାର ଠେଲା ସୁବର୍ଣ୍ଣପୁର ମେଳା ଓ ପ୍ରଦର୍ଶନୀ ଉଦ୍ଘାଟନ କରିଥିଲେ। ବ୍ଲକ୍ ପ୍ରାଣୀସମ୍ପଦ ଅଧିକାରୀ ଡ଼ା. ହରିହର ଧାରୁଆଙ୍କ ଆବାହକତ୍ୱରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ସୁପରା ଠେଲା , ସଭାପତି ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ତରଭା ବ୍ଲକ୍ ଅଧକ୍ଷ ସରୋଜ କର୍ମ , ପ୍ରତାପ ଦାସ,ଜିଲ୍ଲା ମତ୍ସ୍ୟ ଅଧିକାରୀ, ସୁବର୍ଣ୍ଣପୁର , ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବରେ ଡା. ଶଙ୍କର୍ଷଣ ମାହୁନ୍ତ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ତରଭା ବ୍ଲକର ଦୁଇ ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ଦୁଇ ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ତଥା ପଞ୍ଚାୟତ ପୋଖରୀ ରେ ମାଛ ଚାଷ ପାଇଁ ପୁରସ୍କୃତ କରାଯାଇଥିଲା।

ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା

ସୋନପୁର,୭।୧୧(ନିପ୍ର); ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପର ଦ୍ୱିତୀୟ ଦିବସରେ ଜିଲ୍ଲା ସଂସ୍କୃତି ଭବନଠାରେ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ଇଂ. ରଘୁନାଥ ଜଗଦଲା ଯୋଗଦେଇଥିବା ବେଳେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଦେବାଶିଷ ସିଂ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୌରପରିଷଦ ଅଧକ୍ଷା ତାମସୀ ତମସ୍ୱିତା ନାୟକ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। "ନିଶାମୁକ୍ତ ଯୁବ, ବିକଶିତ ଭାରତ ପାଇଁ" ବିଷୟବସ୍ତୁକୁ ଆଧାର କରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗୀ ଛାତ୍ରଛାତ୍ରୀମାନେ ଏହି ଅନୁଭୂତିକୁ ସ୍ମରଣୀୟ ଓ ଜ୍ଞାନବର୍ଦ୍ଧକ ବୋଲି ପ୍ରକାଶ କରିଥିଲେ। ଲୋକନୃତ୍ୟ ପ୍ରତିଯୋଗିତାରେ ସନ୍ତୁଷ୍ଟିନି ଦଳ ପ୍ରଥମ, ମାହେଶ୍ୱରୀ କଳା ପରିଷଦ ବିନିକା ଦ୍ୱିତୀୟ ଏବଂ ରୁମକୁ ଝୁମା ବିନିକା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଲୋକସଙ୍ଗୀତ ପ୍ରତିଯୋଗିତାରେ ମାହେଶ୍ୱରୀ ଦଳ ପ୍ରଥମ, ସ୍ୱର୍ଣ୍ଣଲେଖା ଦଳ ଦ୍ୱିତୀୟ ଏବଂ ବଜନିଆ ଦଳ ତୃତୀୟ ସ୍ଥାନ ହାସଲ କରିଥିଲେ।

ନିଖୋଜ ଓଏସ୍‌ପି ଯବାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାରସୁଗୁଡା,୭।୧୧ (ନିପ୍ର); ଦୁଇ ଦିନ ଧରି ନିଖୋଜ ଥିବା ଜଣେ ଓଏସ୍‌ପି ଯବାନଙ୍କ ଝୁଲନ୍ତା ମୃତଦେହକୁ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ପୁଲିସ ଶନିବାର ସକାଳେ ଉଦ୍ଧାର କରିଛି। ମୃତ ଯବାନ ହେଲେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଦେଓପାଲି ଗ୍ରାମର ଚୂଳ ସାହୁଙ୍କ ଏକମାତ୍ର ପୁଅ ପୃଥ୍ୱୀରାଜ ସାହୁ (୩୩)। ସେ ଓଡ଼ିଶା ସ୍ପେଶାଲ ପୁଲିସ (ଓଏସ୍‌ପି)ରେ କାର୍ଯ୍ୟରତ ଥିବାବେଳେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନିୟୋଜିତ ଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, କୌଣସି କାରଣରୁ ଗତ ଗୁରୁବାରଠାରୁ ପୃଥ୍ୱୀରାଜ ହଠାତ୍ ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ଝାରସୁଗୁଡ଼ା ପୁଲିସକୁ ସୂଚନା ଦିଆଯିବା ପରେ ପୁଲିସ ତାଙ୍କର ଖୋଜାଖୋଜି ଆରମ୍ଭ କରିଥିଲା। ଏହି ସମୟରେ ଗତ ଶୁକ୍ରବାର ଦିନ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଘୁଡ଼ାମରା ଘାଟି ନିକଟରେ ତାଙ୍କ ସ୍କୁଟିକୁ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ହେମଗିରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ନିକଟସ୍ଥ ଜଙ୍ଗଲରେ ଖୋଜାଖୋଜି ଆରମ୍ଭ କରିଥିଲା। ଶେଷରେ ଶନିବାର ସକାଳେ ଘାଟି ନିକଟସ୍ଥ ଜଙ୍ଗଲରେ ଏକ ବେରୁଆ ଗଛରେ ପୃଥ୍ୱୀରାଜଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଠାବ କରିଥିଲା। ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଜଣେ ଯୁବ ଯବାନଙ୍କ ଏଭଳି ଅକାଳ ମୃତ୍ୟୁ ଖବର ତାଙ୍କ ଗାଁ ଓ ପରିବାରରେ ଶୋକର ଛାୟା ଖେଳାଇ ଦେଇଛି।

ନବରଙ୍ଗପୁର ଜିଲ୍ଲାରେ ଜୋର୍ ଧରିଛି ମଦ ବନ୍ଦ ଆନ୍ଦୋଳନ

ନବରଙ୍ଗପୁର,୭।୧୧ (ନିପ୍ର); ବ୍ଲକ ଅନ୍ତର୍ଗତ ଚଟାହାଣ୍ଡି ପଞ୍ଚାୟତ ଅଧିନ ବାଗନିଗୁଡ଼ା ଗ୍ରାମ ନିକଟରେ ପାହାନ୍ତିଆ ସମୟ ୩:୩୦ ଘଣ୍ଟା ସମୟରେ ବିହାରୀ ଦେଶୀ ପୁଡ଼ି ମଦ ଭର୍ତ୍ତି ବୋଲେରୋ ଗାଡ଼ି ଧରା ପଡ଼ିଲା। ଏହା ପରେ ଡ୍ରାଇଭର ଗାଡ଼ିଛାଡ଼ି ଫେରାର ହୋଇଯାଇଥିଲା। ଚଟାହାଣ୍ଡି ପଞ୍ଚାୟତ ସରପଞ୍ଚ ଚଞ୍ଚଳା ସାନ୍ତାଙ୍କ ନେତୃତ୍ୱରେ ଏହି ମଦ ଭର୍ତ୍ତି ଗାଡ଼ି ବା ବୋଲେରୋ ଗାଡ଼ି ଧରା ପଡ଼ିଲା । ଏହି ଗାଡ଼ିରେ ପ୍ରାୟ ୯ ବସ୍ତା ଦେଶୀ ବିହାରୀ ପକେଟ୍ ମଦ ରହିଥିବା ଜଣା ପଡ଼ିଛି। ଯାହାର ଆନୁମାନିକ ପରିମାଣ ପ୍ରାୟ - ୩୬୦ ଲିଟର ମଦ ହେବ - ଏହି ବେଆଇନ୍ ଚରା ଚାଲାଣ ବିହାରୀ ଦେଶୀ ମଦ କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ଫଣ୍ଡୁଗୁଡ଼ା ପଞ୍ଚାୟତ ଅଧୀନ ଦାଡିଆମାଝିଗୁଡ଼ା ଠାରେ ଥିବା ଲାଇସେନ୍ସ ପ୍ରାପ୍ତ ବିହାରୀ ଦେଶୀ ମଦ ଭାଟି ର ଅଟେ ବୋଲି ଜଣା ପଡ଼ିଛି ଏଭଳି ଗତ କାଲି ଡାବୁଗାଁ ନିକଟ ବୋରିପଦର ଗ୍ରାମ ନିକଟରେ ଥିବା ଦେଶୀ ମଦ ଭାଟିକୁ ଜାଳିଦେଇଥିଲେ ନାରୀ ମହାସଂଘର ମହିଳା ମାନେ। ଏହି ମଦବନ୍ଦ ଆନ୍ଦୋଳନ କୁ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ଥାନିତ ବୁଦ୍ଧିଜୀବୀ ମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ଥିବା ଜଣାପଡିଛି।

ପିଏମଶ୍ରୀ ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି

ନୃତ୍ୟ ସଙ୍ଗୀତର ତାଳେ ତାଳେ ନାଚିଲେ ଛାତ୍ରଛାତ୍ରୀ

ରମ୍ଭା,୭।୧୧ (ନିପ୍ର); ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ପିଏମ ଶ୍ରୀ ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଆନୁଷ୍ଠିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଖାଡ଼ଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିବନ କାଟି ଶୁଭ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଶିଷ୍ଟ ଶିକ୍ଷାବିତ୍ ସତ୍ୟନାରାୟଣ ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିବା ସମୟରେ ପ୍ରାକ୍ତନ ହିନ୍ଦୀ ଶିକ୍ଷକ ତଥା ସୁଖ୍ୟାତି ସମ୍ପନ୍ନ ଲେଖକ ଡକ୍ଟର କାଳୀ ଚରଣ ଚୌଧୁରୀ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର ସ୍ୱତନ୍ତ୍ର ଅତିଥି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରା, ବି ଆର ସି ସି ସୁଷମା ଶବର, ଏବିଇଓ ସୁଶାନ୍ତ କୁମାର ନାୟକ, କିଶୋର ଚନ୍ଦ୍ର ଘାସି, ଗୋପପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, କଞ୍ଚଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ନାଚ, ଗୀତ, ଅଭିନୟ ପରି କଳା ସଂସ୍କୃତି ଜୀବନକୁ ପ୍ରଭାବିତ କରିବା, ନୈତିକ ମୂଲ୍ୟବୋଧ, ପରିବେଶ ସଚେତନତା, ପ୍ରତିଭାର ବିକାଶ ପାଇଁ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ଯତ୍ନବାନ ହେବା ଆବଶ୍ୟକ ବୋଲି ଅଭିହିତ କରିଥିଲେ। ସାନଖେମୁଣ୍ଡି ବ୍ଲକର ଛଅ ଜଣ ସିଆରସିସି ଉତ୍ସବରେ ଯୋଗଦାନ କରିଥିଲେ । ସମସ୍ତ ଅତିଥିଙ୍କୁ ଉତ୍ସବରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପଠନରତ ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ଶିଶୁ ମହୋତ୍ସବ ସୁରଭି -୨୦୨୬ କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଶୁଭ ଅଭିନନ୍ଦନ ଜଣାଇଥିଲେ। ବକ୍ତୃତା, ତର୍କ, ଅଭିନୟ, ସଙ୍ଗୀତ, ଚିତ୍ରକଳା, ପି ଏମ୍ ପୋଷଣ ଶିଳ୍ପ କଳା, ଦଳଗତ ନୃତ୍ୟ, ପ୍ରବନ୍ଧ, ସୃଜନଶୀଳ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ ଫଳରେ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପରିବେଷିତ ଛାତ୍ରଛାତ୍ରୀଙ୍କ ଦଳଗତ ନୃତ୍ୟ ଶହ ଶହ ଦର୍ଶକଙ୍କୁ ଅଭିଭୂତ କରିଥିଲା । ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାବିତ୍, ଗ୍ରାମବାସୀ ଛାତ୍ରଛାତ୍ରୀଙ୍କ ନାଚ, ଗୀତ, ଅଭିନୟକୁ ମନ ଭରି ଉପଭୋଗ କରିଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସିଲ୍ ସହିତ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଯୁବ ସାହିତ୍ୟିକ ତଥା ସିଆରସିସି ଡକ୍ଟର ଦ୍ୱାରିକାନାଥ ମହାରଣା, ସିଆରସିସି ଲିପନ ପଣ୍ଡା। କାର୍ଯ୍ୟକ୍ରମରେ ଷୋହଳଟି କ୍ଲଷ୍ଟରର ସିଆରସିସି ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ଚଳଚଞ୍ଚଳ ମା' ଭଦ୍ରକାଳୀ ପୀଠ

ଭଦ୍ରକ,୭।୧୧ (ନିପ୍ର); ପରମ ବୈଷ୍ଣବୀ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା ଭଦ୍ରକାଳୀ ପୀଠରେ ରବିବାରଠାରୁ ପାଳିତ ହେବ ମହାଯଜ୍ଞର ରୌପ୍ୟ ଜୟନ୍ତୀ ଉତ୍ସବ। ସପ୍ତ ମାତୃକା ବେଶରେ ସାତ ଦିନ ଧରି ପୂଜା ପାଇବେ ମା ଭଦ୍ରକାଳୀ। ପୀଠରେ ମହାଯଜ୍ଞ ଓ ମାଙ୍କର ସପ୍ତ ମାତୃକା ବେଶ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସବୁଆଡେ ଆଲୋକ ମାଳା, ତୋରଣ ବିଭିନ୍ନ ସାଜ ସଜ୍ଜାରେ ଅତି ଆକର୍ଷଣୀୟ ଦିଶୁଛି ମା ଭଦ୍ରକାଳୀଙ୍କ ପୀଠ। ଭକ୍ତମାନେ ଚଳିତ ବର୍ଷ ମା ଙ୍କୁ ଦର୍ଶନ କରିବା ସହିତ ପୀଠରେ ପବିତ୍ର ଶିବ ରତ୍ନ ମଣି ଓ ଦୁର୍ଲ୍ଲଭ ଗୋମତୀ ଚକ୍ରକୁ ଦର୍ଶନ କରି ଆଶୀର୍ବାଦ ପ୍ରାପ୍ତ ହେବେ।ପ୍ରଥମ ଦିବସ ରବିବାର ମା ବେଦ ମାତା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ବେଦମାତା ବେଶ ସହିତ ପୀଠ ରେ ଆରମ୍ଭ ହେବ ମହାଯଜ୍ଞ। ଏହି ମହାଯଜ୍ଞର ମାନସିକ କଳସ ଶୋଭା ଯାତ୍ରା ଅତି ନିଆରା ଢଙ୍ଗ ରେ ଆୟୋଜନ କରାଯାଇଚି। ଗଗନ ଗୁରୁଜୀଙ୍କ ମାର୍ଗ ଦର୍ଶନ ରେ ଦିବ୍ୟ ମହକୁମ୍ଭ ଶୋଭା ଯାତ୍ରା ଅନୁଷ୍ଠିତ ହେବ।୧୦୦୮ ଭକ୍ତ ଘଟୋତ୍ତଳନ କରୁଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୦ହଜାର ଭକ୍ତ ସମାଗମ ହେବ ବୋଲି ଆକଳନ କରାଯାଇଛି।



ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ପୁରୀ ୭/୧୧ (ନିପ୍ର); ଭାରତ ନିର୍ବାଚନ ଆୟୋଗ ତା ୦୧-୦୧-୨୦୨୭ ରିଖକୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଏକ ସଠିକ୍, ଅଦ୍ୟତନ, ସମାବେଶୀ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା। ମତଦାନ କେନ୍ଦ୍ରଗୁଡ଼ିକର ସୁବ୍ୟବସ୍ଥାକରଣ / ପୁନର୍ବିନ୍ୟାସ ତା ୨୦.୧୧.୨୦୨୬ ରିଖ ସୁଦ୍ଧା, ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶନ ତା ୩୦.୧୧.୨୦୨୬ ରିଖ, ଦାବି ଓ ଆପତ୍ତି ଦାଖଲ ସମୟ ସୀମା ତା ୩୦.୧୧.୨୦୨୬ ରୁ ୩୦.୧୨.୨୦୨୬ ରିଖ ପର୍ଯ୍ୟନ୍ତ,ଦାବି ଓ ଆପତ୍ତିଗୁଡ଼ିକର ସମାଧାନ ତା ୧୬.୦୧.୨୭ ରିଖ ସୁଦ୍ଧା କରାଯିବ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ତା ୨୧.୦୧.୨୦୨୭ ରିଖରେ କରାଯିବ। ସେହିପରି ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମର ଏକ ଅଂଶ ଭାବେ, ଭାରତ ନିର୍ବାଚନ ଆୟୋଗଙ୍କ ପ୍ରଯୁଜ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ ମତଦାନ କେନ୍ଦ୍ରଗୁଡ଼ିକର ସୁବ୍ୟବସ୍ଥାକରଣ / ପୁନର୍ବିନ୍ୟାସ କରାଯିବ। ଏହି ପ୍ରକ୍ରିୟାର ଉଦ୍ଦେଶ୍ୟ ହେଉଛି ଭୋଟରମାନଙ୍କ ସୁବିଧା, ମତଦାନ କେନ୍ଦ୍ରଗୁଡ଼ିକର ସୁଗମ ଉପଲବ୍ଧତା ଏବଂ ମତଦାତାଙ୍କ ପାଇଁ ଉପଯୁକ୍ତ ସ୍ଥାନରେ ମତଦାନ କେନ୍ଦ୍ର ସ୍ଥାପନ ସୁନିଶ୍ଚିତ କରିବା। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସର୍ବାଧିକ ୧,୨୦୦ ଜଣ ଭୋଟର ରହିବାର ନିର୍ଦ୍ଧାରିତ ସୀମାକୁ ଦୃଷ୍ଟିରେ ରଖି, ନୂତନ ମତଦାନ କେନ୍ଦ୍ରର ଆବଶ୍ୟକତା ଥିଲେ ତାହା ଆକଳନ କରାଯିବ ଏବଂ ଆବଶ୍ୟକ ସ୍ଥଳେ ଆୟୋଗଙ୍କ ଅନୁମୋଦନ ନିଆଯିବ। ଏଥିସହିତ, ଭୋଟରମାନଙ୍କୁ ସମାନ ଭାବରେ ବଣ୍ଟନ କରିବା ନିମନ୍ତେ ସେକ୍ସନଗୁଡ଼ିକର ମଧ ପୁନର୍ବିନ୍ୟାସ କରାଯିବ। ଭୋଟରମାନଙ୍କୁ ନିଜର ମତଦାନ କେନ୍ଦ୍ରରେ ପହଞ୍ଚିବା ପାଇଁ ଯେପରି ଦୁଇ କିଲୋମିଟରରୁ ଅଧିକ ବାଟ ଯିବାକୁ ନ ପଡ଼େ କିମ୍ବା କୌଣସି ପ୍ରାକୃତିକ ପ୍ରତିବନ୍ଧକ ଅତିକ୍ରମ କରିବାକୁ ନ ପଡ଼େ, ତାହା ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରାଯିବ। ଏହି ପ୍ରକ୍ରିୟା ମାଧ୍ୟମରେ ମତଦାନ କେନ୍ଦ୍ରଗୁଡ଼ିକୁ ଅଧିକ ସୁଗମ ଓ ସୁବିଧାଜନକ କରିବା, ଭୋଟର ତାଲିକାର ସଠିକତା ବୃଦ୍ଧି କରିବା ଏବଂ ଏକ ସୁଗମ ଓ ଭୋଟର-ଅନୁକୂଳ ନିର୍ବାଚନ ପ୍ରକ୍ରିୟା ସୁନିଶ୍ଚିତ କରିବା ଲକ୍ଷ୍ୟ ରଖାଯାଇଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାର ସଫଳ ରୂପାୟନ ଏବଂ ସଠିକ୍ ଓ ସମାବେଶୀ ଭୋଟର ତାଲିକା ବଜାୟ ରଖିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଅଂଶୀଦାରମାନଙ୍କୁ ଅନୁରୋଧ କରାଯାଉଛି।

ରାଜ୍ୟ ସରକାର ଉଦ୍ଧାର ଓ ରିଲିଫ ଯୋଗାଣରେ ବିଫଳ

ଆସିକା,୭।୧୧(ନିପ୍ର): ଆସିକା ଅର୍ଣ୍ଣବ କ୍ଷୟ କ୍ଷତି ଅକାଳନ ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦୁଇ ଦିନ ଧରି ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି କଂଗ୍ରେସ ଟିମ୍। ଭକ୍ତ ଦାସଙ୍କ ସହ ପୂର୍ବତନ ମନ୍ତ୍ରୀ ରାଘବ ପରିଡା ବରିଷ୍ଠ କଂଗ୍ରେସ ନେତା ତ୍ରିନାଥ ବେହେରା, ସୁଧାଂଶୁ ଦେଓ,ଭୋକିଲି ସେଠି,ସଞ୍ଜୟ ମଣ୍ଡଳ, ଦେବାକନ୍ତ ଶର୍ମା, ରାଜନୀ ପାଢ଼ୀ, ସୁଦୀପ୍ତା ଦାସ ପ୍ରମୁଖ ଆସିକା ବିଜୁପଟ୍ଟନାୟକ ଛକ ଠାରୁ କମିଟିକୁ ପାଛୋଟି ଆଣିଥିଲେ। ପ୍ରଥମେ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ନବରତ୍ନପୁର ପରିଦର୍ଶନ କରି ଶ୍ରମିକ ଶ୍ରେଣୀର କୋଡ଼ିଏ ଜଣ ପରିବାର ସମ୍ପୂର୍ଣ୍ଣ ପକ୍କା ଗୃହ ବନ୍ୟା ଭସେଇ ନେଇଥିବା ଘଟଣା ଦେଖି ଆଚମ୍ବିତ ହୋଇଥିଲେ। ଏହାପରେ ଆଜି ଆସିକା ସହରର କାଳିମୁଖୀ, ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଲକ୍ଷ୍ମୀ ବଜାର, ଆସିକା ବସଷ୍ଟାଣ୍ଡ ପରିଦର୍ଶନ କରି ତୁରନ୍ତ ଆସିକା ବାସୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା, ପାଣି,ଆଲୁଅ ସାଙ୍ଗକୁ ଅଳିଆ ଆବର୍ଜନା ସଫ କରିବା ପାଇଁ ଜିଲ୍ଲାପାଳଙ୍କ ଫୋନ ଯୋଗେ ଆଲୋଚନା କରିଥିଲେ। କୋଟି କୋଟି ଟଙ୍କା ହରେଇ ସର୍ବସ୍ୱାନ୍ତ ହୋଇଯାଇଥିବା ବ୍ୟବସାୟୀ ମାନଙ୍କୁ ନଗଦ ଆର୍ଥିକ ସହାୟତା ସହ ସେମାନଙ୍କୁ ସରଳ କିସ୍ତିରେ ଋଣପ୍ରଦାନ କରିବା ପାଇଁ ସରକାରଙ୍କ ଠାରେ ଦାବି ରଖିଥିଲେ।

ଗଡ଼ପଦନପୁର-କଣ୍ଟୁଣିଆ ରାସ୍ତା ସମ୍ପ୍ରସାରଣ ପାଇଁ ଦାବି

ପିପିଲି,୭।୧୧ (ନିପ୍ର); ବଳଙ୍ଗା ଥାନା ଅଞ୍ଚଳ ଗଡ଼ ପଦନପୁର - କଣ୍ଟୁଣିଆ ରାସ୍ତା ଚଉଡ଼ା କମ ଥିବାରୁ ଯିବା ଆସିବାକୁ ବହୁ ସମସ୍ୟା ହେଉଥିବା ଅଞ୍ଚଳବାସୀ ଏହା ସମ୍ପ୍ରସାରଣ କରାଯିବା ନିମନ୍ତେ ଦାବି କରିଛନ୍ତି। ଉକ୍ତ ରାସ୍ତା ଉପରେ ୮ ଗୋଟି ଗ୍ରାମର ଜନସାଧାରଣ, ଛାତ୍ରଛାତ୍ରୀ ସମେତ ଅନ୍ୟାନ୍ୟ ଚାରିଚକିଆ ଓ ଆମ୍ବୁଲାନ୍ସ ନିର୍ଭର କରୁ ଅଛି। ଦୀର୍ଘ ଦିନ ଧରି ରାସ୍ତା ମରଣଯନ୍ତା ପାଲଟି ଥିବାରୁ ଅଞ୍ଚଳ ଭାଣପୁର , ବେଲେଶ୍ୱର , ଗଡ଼ ପଦନପୁର, ବାଙ୍ଗୁରୁଷ. କଣ୍ଟୁଣିଆ ,



ଉଗ୍ରେଶ୍ୱର ଦେଉଳି , ବାଲିଆ ଶାସନ , ସମରେଇ ଶାସନ ଓ କ୍ଷୀରିଖିଆ ଗ୍ରାମର ପ୍ରାୟ ୪ ହଜାର ଜନସାଧାରଣ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଏବଂ ବଳଙ୍ଗା, ନିମାପଡା , ପିପିଲି ଡାକ୍ତର ଖାନା ଉପରେ ନିର୍ଭର କରୁ ଥିବା ଗର୍ବବତୀ ମହିଳା ନବଜାତ ଶିଶୁ , ବୟସ୍କ ବୃଦ୍ଧା ମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ଏଦିଗରେ ଉପମୁଖ୍ୟମନ୍ତ୍ରୀ ନଜର ଦେଇ ସମ୍ପ୍ରସାରଣ କରିବା ନିମନ୍ତେ ଦାବି ହେଉଛି।

ଥୁଆପଦରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ

ଭବାନୀପାଟଣା, ୭/୧୧ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଥୁଆପଦର ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଥୁଆପଦରଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗଦେଇ ଆଦର୍ଶ ବିଦ୍ୟାଳୟ ଦ୍ୱାରା ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଆହୁରି ମଜଭୁତ୍ ହେବ ବୋଲି କହିଥିଲେ। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ଶିକ୍ଷାର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବିଦ୍ୟାଳୟ ସ୍ଥାପନ ଦ୍ୱାରା ଶିଶୁ ମାନେ ଗୁଣାତ୍ମକ, ମୂଲ୍ୟବୋଧ ଭିତ୍ତିକ ଓ ଆଧୁନିକ ଶିକ୍ଷା ପାଇପାରିବେ। ବିଦ୍ୟାଳୟରେ ସବୁଜ ଓ ସ୍ୱଚ୍ଛ ପରିବେଶ,ସ୍ମାର୍ଟ କ୍ଲାସରୁମ,କ୍ରୀଡ଼ା,ଡିଜିଟାଲ ଲାଇବ୍ରେରୀ, ବାଳକ ଓ ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା ରହିବ। କଳାହାଣ୍ଡି ଜିଲ୍ଲାରେ ଆଜି ଭବାନୀପାଟଣା, ଧର୍ମଗଡ଼, ଜୟପାଟଣା, ଜୁନାଗଡ, ଲାଞ୍ଜିଗଡ଼,ଏମ ରାମପୁର, ଥୁଆ ମୁଲ ରାମପୁର ର ୧୬ ଟି ଗ୍ରାମପଞ୍ଚାୟତରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି।



କେନ୍ଦୁଝର ଜିଲ୍ଲା ଧରଣୀଧର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ତୃତୀୟ ପର୍ଯ୍ୟାୟରେ ସାରା ରାଜ୍ୟରେ ୬୩୦ ଟି ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ର ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସମ୍ମାନିତ ଅତିଥି ରୂପେ ସଦର ବିଧାୟକ ପ୍ରତିନିଧି ଧନୁର୍ଦ୍ଧର ଗହୀର, ଜିଲ୍ଲା ପରିଷଦ ସଦସ୍ୟ ଦୟାନିଧି ନାୟକ, ସ୍ଥାନୀୟ ସରପଞ୍ଚ ଦିଗମ୍ବର ଲୋହା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପୂର୍ବତନ ଶିକ୍ଷାବିତ୍ ଜଗଦୀଶ ଚନ୍ଦ୍ର ମୁଣ୍ଡ, ପଞ୍ଚାୟତ ସମିତି ସଭ୍ୟା ଗୀତାଞ୍ଜଳୀସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ , ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର ମଞ୍ଚାସୀନ ଥିଲେ। ସ୍ୱାଗତ ଭାଷଣ ବିଇଓ ଆଚାରୀ ଶବର ଦେଇଥିବା ବେଳେ,ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ କୁମାରୀ ପ୍ରଧାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ ।

ପୁରୀରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପୁର.୭।୧୧ (ନିପ୍ର) ପୁରୀ ଜିଲ୍ଲା ସ୍କୁଲ୍ ପରିସର ମଧ୍ୟରେ ଚଳିତ ବର୍ଷ ୨୦୨୬ର ପୁରୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ପରିପ୍ରକାଶ ହୋଇଥାଏ ଓ ଏଗୁଡ଼ିକୁ କେବଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ନୁହେଁ ଆମେ ସମସ୍ତେ ମିଳିମିଶି ଖୋଜି ବାହାର କରିବା ଆମ୍ଭମାନଙ୍କର ପ୍ରଧାନ କର୍ତ୍ତବ୍ୟ । ସମ୍ମାନିତ ଅତିଥି ଭାବେ ପୁରୀ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ , ପୁରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରଜ୍ଞା ପାରମିତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍ ଓ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୀ ଜିଲ୍ଲା ସ୍କୁଲ୍ ଦୁର୍ଗେଶନ୍ଦିନୀ ମହାପାତ୍ର ଉପସ୍ଥିତ ରହି ନିଜ ନିଜର ସାରଗର୍ଭକ ଭାଷଣ ଦ୍ୱାରା ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୁରୀ ଦ୍ୱିତୀକାନ୍ତ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ।

ଭବାନୀପାଟଣାରେ ଜିଲ୍ଲାସ୍ତରୀୟ ସୁରଭି

ଭବାନୀପାଟଣା,୭।୧୧ (ନିପ୍ର); କଳାହାଣ୍ଡି ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ସ୍ଥାନୀୟ ବ୍ରଜମୋହନ ହାଇସ୍କୁଲରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୋମ୍ୟରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭବାନୀପାଟଣା ବିଧାୟକ ପ୍ରତିନିଧି ଇନ୍ଦ୍ରଜିତ୍ ମହାକୁଡ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ତପିମଣି ଜାନି, ଜିଲ୍ଲା ଶ୍ରମ ଅଧିକାରୀ ସୋମ୍ୟରଞ୍ଜନ କର, ଭବାନୀପାଟଣା ବିଇଓ ଆଚାରୀ ଶବର, ଗୋଲାମୁଣ୍ଡା ବିଇଓ ରାଜେଶ ନାୟକ, ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଷଷ୍ଠୀ ଝାଙ୍କର, କେସିଙ୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା, ଜୁନାଗଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ୧୩ଟି ବ୍ଲକର ଛାତ୍ରଛାତ୍ରୀ ବକ୍ତୃତା, ବିତର୍କ, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ଓ ସିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରମୁଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତଳବେଲଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସିଆରସିସି ଡିଲେଶ୍ୱର ରଣା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସିଂ, ଶିକ୍ଷକ ନୀଳାଞ୍ଚଳ ପାନ, ଛାତ୍ରୀ ପ୍ରିୟା ରଣା ସଂଚାଳନ କରିଥିଲେ।

'ସୀମାନ୍ତ ଅଞ୍ଚଳରେ ରାଜ୍ୟ ପ୍ରଶାସନିକ ଉପସ୍ଥିତିକୁ ଅଧିକ ସୁଦୃଢ଼ କରାଯାଉ'

ପାରଳାଖେମୁଣ୍ଡି,୭।୧୧ (ନିପ୍ର); ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ହୋଇଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲାର ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ସୀମାନ୍ତବର୍ତ୍ତୀ ୫ଟି ଗ୍ରାମରେ କୌଣସି ଅପ୍ରୀତିକର ପରିସ୍ଥିତି, ଅନଧିକାର ପ୍ରବେଶ କିମ୍ବା ଆଇନଶୃଙ୍ଖଳା ସମସ୍ୟାକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ତେବେ ଏତେ ସବୁ ସତର୍କତା ସତ୍ତ୍ୱେ ଗଙ୍ଗାବାଡ଼ ପଞ୍ଚାୟତ ବାସିନ୍ଦା ଆନ୍ଧ୍ରପ୍ରଦେଶରେ ହୋଇଥିବା ନିର୍ବାଚନରେ ଭୋଟଦାନ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗଙ୍ଗାବାଡ଼ ପଞ୍ଚାୟତର ୫ଟି ସୀମାନ୍ତ ଗ୍ରାମର ସ୍ଥିତି ଉପରେ ନଜର ରଖିବା ଓ ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପ୍ରଶାସନ ପକ୍ଷରୁ ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ସୁଶ୍ରୀ ଭଗତ ଶାମଲ କଲ୍ୟାଣରାଓ, ତହସିଲଦାର, ବିଡିଓ ସନ୍ତୋଷ କୁମାର ବାରିକ ଏବଂ ସ୍ୱତନ୍ତ୍ର ଅଧିକାରୀ ପବନ କୁମାରଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଯାଇଥିଲା। ଅଧିକାରୀମାନେ ନିଜ ନିଜ ଦାୟିତ୍ୱରେ ଥିବା ଗ୍ରାମଗୁଡ଼ିକରେ ରହି ପରିସ୍ଥିତି ଉପରେ ନିରନ୍ତର ନଜର ରଖିଥିଲେ। ଅନ୍ୟପକ୍ଷରେ ସୀମାନ୍ତ ଅଞ୍ଚଳରେ ପୁଲିସ ସୁରକ୍ଷାକୁ ମଧ ଅଧିକ କଡ଼ାକଡ଼ି କରାଯାଇଥିଲା। ଏସ୍‌ଡିପିଓ ମାଧବାନନ୍ଦ ନାୟକ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କ ତତ୍ତ୍ୱାବଧାନରେ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସୀମାନ୍ତ ଗ୍ରାମଗୁଡ଼ିକର ପ୍ରବେଶ ପଥରେ ଯାନବାହନ ଯାଞ୍ଚ କରାଯିବା ସହ ନିୟମିତ ପୁଲିସ ପାଟ୍ରୋଲିଂ ଜାରି ରହିଥିଲା। ସୂଚନାଯୋଗ୍ୟ ଯେ, ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ନିର୍ବାଚନୀ ପ୍ରଚାର ଏବଂ ସେଠାକାର କିଛି ବାସିନ୍ଦାଙ୍କ ଆନ୍ଧ୍ରରେ ଭୋଟଦାନକୁ ନେଇ ପୂର୍ବରୁ ବିଭିନ୍ନ ସମୟରେ ଚର୍ଚ୍ଚା ଓ ବିବାଦ ଦେଖାଦେଇଛି। ଏହି ପୃଷ୍ଠଭୂମିରେ ନିର୍ବାଚନ ଦିନ ଓଡ଼ିଶା ସୀମା ମଧ୍ୟରେ କୌଣସି ପ୍ରକାର ଚାପ ପ୍ରୟୋଗ, ଅନଧିକାର ପ୍ରବେଶ କିମ୍ବା ଆଇନଶୃଙ୍ଖଳା ସମସ୍ୟା ଯେପରି ସୃଷ୍ଟି ନହୁଏ, ସେଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିଲା। ତେବେ ପ୍ରଶାସନର ଏତେ କଡ଼ା ନଜର ଓ ପୁଲିସ ମୁତୟନ ସତ୍ତ୍ୱେ ଗଙ୍ଗାବାଡ଼ ପଞ୍ଚାୟତର କିଛି ବାସିନ୍ଦା ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ନିର୍ବାଚନରେ ଭୋଟ ଦେଇଥିବା ଘଟଣା ପୁଣିଥରେ ସୀମାନ୍ତ ଅଞ୍ଚଳର ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ବାରମ୍ବାର ହସ୍ତକ୍ଷେପ ଓ ସ୍ଥାନୀୟ ବାସିନ୍ଦାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାର ପ୍ରୟାସ ନେଇ ଗଜପତି ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସୀମାନ୍ତ ଅଞ୍ଚଳରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତିକୁ ଅଧିକ ସୁଦୃଢ଼ କରିବା, ମୌଳିକ ସୁବିଧା ଯୋଗାଇଦେବା ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରାଜ୍ୟ ପ୍ରତି ଆସ୍ଥା ଓ ଆତ୍ମୀୟତା ବୃଦ୍ଧି କରିବା ଦିଗରେ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସଚେତନ ମହଲରେ ମତ ପ୍ରକାଶ ପାଇଛି।

ଇରାନର କ୍ୱେଶମ ଦ୍ୱୀପରେ ଆମେରିକାର ଆକ୍ରମଣ

ୱାସିଂଟନ,୭।୧୧: ଆମେରିକା ସେନା ଆଜି ଇରାନର କ୍ୱେଶମ ଦ୍ୱୀପ ଉପରେ ସୀମିତ ବିମାନ ଆକ୍ରମଣ କରି ଏକ ଆଣ୍ଟି-ଏୟାରକ୍ରାଫ୍ଟ ପ୍ରତିରକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି । ଇରାନ ସରକାରୀ ଗଣମାଧ୍ୟମ ଅନୁଯାୟୀ, ତୈଳ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ କୁହାଯାଉଥିବା କ୍ୱେଶମ ଦ୍ୱୀପର ସୁଜା ଅଞ୍ଚଳରେ ଦୁଇଟି ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଛି । ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଉଭୟ ପ୍ରତିନିଧି ସଭା (ହାଉସ ଅଫ ରିପ୍ରେଜେଣ୍ଟେଟିଭସ) ଏବଂ ସିନେଟରୁ ନିଜର ନିୟନ୍ତ୍ରଣ ହରାଇବା ପରେ ଏହା ହେଉଛି ପ୍ରଥମ ଆମେରିକୀୟ ଆକ୍ରମଣ। ଅନ୍ୟପକ୍ଷରେ ବଡ଼ ଆକ୍ରମଣ ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ତୁହାକୁ ତୁହା ଧମକ ପରେ ଆଜି ଇରାନ ପକ୍ଷରୁ ପାଲଟା ଚେତାବନୀ ଦିଆଯାଇଛି । ଯଦି ଆମେରିକା ଇରାନ ଉପରେ ଆକ୍ରମଣ କରେ, ତେବେ କୌଣସି 'ଭୌଗଳିକ ସୀମା' ନରଖି ବିଶ୍ୱର ଯେକୌଣସି ସ୍ଥାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ତତ୍କାଳ ଓ ପ୍ରବଳ ଆକ୍ରମଣ କରାଯିବ ବୋଲି ଶନିବାର ଇରାନ ସେନା ମୁଖପାତ୍ର ମହମ୍ମଦ ଆକ୍ରାମିନିଆ ପ୍ରକାଶ କରିଛନ୍ତି। ଇରାନର ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କ ନିର୍ଦ୍ଦେଶରେ ସେନା ଅତ୍ୟନ୍ତ ସଂଗଠିତ ଭାବେ କାର୍ଯ୍ୟ କରୁଛି ଏବଂ ପୂର୍ବ ସ୍ଥିତି ଅପେକ୍ଷା ବର୍ତ୍ତମାନ ସେମାନେ ଅଧିକ ଶକ୍ତିଶାଳୀ, ଅଭିଜ୍ଞ ଏବଂ ସର୍ବାଧିକ ସତର୍କତାରେ ରହିଛନ୍ତି ବୋଲି ସେ ଦାବି କରିଛନ୍ତି। ଏହାସହ ଆମେରିକା ସେମାନଙ୍କର ୭ଟି ସର୍ତ୍ତ ଗ୍ରହଣ ନକରିବା ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ମଧ୍ୟ ଖୋଲାଯିବ ନାହିଁ ବୋଲି ସେନା ମୁଖପାତ୍ର କହିଛନ୍ତି ।

'ଭୋଟ୍ ଚୋରି' ପରେ 'ପେଟ୍ରୋଲ୍ ଚୋରି' ଅଭିଯୋଗ ଆଣିଲେ ରାହୁଲ

ନୂଆଦିଲ୍ଲୀ,୭।୧୧: କେନ୍ଦ୍ର ସରକାରଙ୍କ ବିରୋଧରେ ପୂର୍ବରୁ 'ଭୋଟ୍ ଚୋରି' ଅଭିଯୋଗ ଆଣି ପ୍ରତିବାଦ କରୁଥିବା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ସରକାରଙ୍କ ବିରୋଧରେ 'ପେଟ୍ରୋଲ ଚୋରି' ଅଭିଯୋଗ ଆଣିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଚଳନ କରାଯାଇଥିବା ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ (ଇ୨୦) ବ୍ୟବସ୍ଥାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କହିଛନ୍ତି ଯେ, 'ଇ୨୦ ଏବେ ୪୨୦(ଠକେଇ)ରେ ପରିଣତ ହୋଇଛି, ଯାହା ଜନତାଙ୍କ ଗାଡ଼ିରୁ ପେଟ୍ରୋଲ ଚୋରି କରୁଛି'। ଏହାସହ ଏହି ପ୍ରସଙ୍ଗରେ ଖୋଲା ବିତର୍କ ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁନର୍ବାର ଆହ୍ୱାନ ଦେଇଛନ୍ତି। ରାହୁଲ ଗାନ୍ଧୀ ଦାବି କରିଛନ୍ତି ଯେ, କଂଗ୍ରେସ ଶାସିତ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ୭ଟି ଜିଲ୍ଲାରୁ ପେଟ୍ରୋଲ ନମୁନା ସଂଗ୍ରହ କରାଯାଇ ଏକ ସ୍ୱୀକୃତିପ୍ରାପ୍ତ ଲାବ୍ରୋଟୋରୀରେ ପରୀକ୍ଷା କରାଯାଇଥିଲା। ଏହି ଯାଞ୍ଚରେ ୧୪ଟି ନମୁନା ମଧ୍ୟରୁ ୧୧ଟିରେ ନିର୍ଦ୍ଧାରିତ ସୀମା ଠାରୁ ଯଥେଷ୍ଟ ଅଧିକ ପରିମାଣର ଇଥାନଲ୍ ମିଳିଛି।

୧ ଲକ୍ଷ ଲେଖାଏଁ ବୋନସ୍ ଦେଲେ ସୁରଟ ବ୍ୟବସାୟୀ



ସୁରଟ,୭।୧୧: ଦୀପାବଳି ଉପଲକ୍ଷେ ସୁରଟର ଜଣେ କପଡ଼ା ବ୍ୟବସାୟୀ ତାଙ୍କ ପ୍ରତିଷ୍ଠାନର କର୍ମଚାରୀମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ବୋନସ୍ ପ୍ରଦାନ କରିଛନ୍ତି। ବ୍ୟବସାୟୀ ରାମସ୍ୱରୂପ ମୁଣ୍ଡେ ୨୦ ଜଣ କର୍ମଚାରୀଙ୍କୁ ଏହା ଦେଇଛନ୍ତି । ବୋନସ୍ ଗ୍ରହଣ କରିବା ପରେ କର୍ମଚାରୀମାନେ ଖୁସିରେ ବିଭୋର ହୋଇଯାଇଛନ୍ତି । ଏପରିକି ଜଣେ ମହିଳା କର୍ମଚାରୀ ଖୁସିରେ କାନ୍ଦି ପକାଇଛନ୍ତି। କର୍ମଚାରୀଙ୍କୁ ବୋନସ୍ ଭାବେ ପ୍ରଦାନ କରାଯାଇଥିବା ନୋଟଗୁଡ଼ିକ ସଂପୂର୍ଣ୍ଣ ନୂଆ ଥିଲା। ଦୀପାବଳି ବୋନସ ବଣ୍ଟନ ସମୟରେ କର୍ମଚାରୀମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। କର୍ମଚାରୀମାନେ ବର୍ଷସାରା କରିଥିବା କଠିନ ପରିଶ୍ରମ ତାଙ୍କୁ ସଫଳତା ଦେଇଛି। ବୋନସ୍ ପ୍ରଦାନ ମାଧ୍ୟମରେ ଏହାକୁ ସ୍ୱୀକୃତି ଦିଆଯାଇଛି ବୋଲି ଶ୍ରୀ ରାମସ୍ୱରୂପ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ବ୍ୟବସାୟୀଙ୍କ ଉକ୍ତ ବୋନସ୍ ବଣ୍ଟନ ବହୁଳ ଭାବେ ପ୍ରସାରିତ ହୋଇଛି ।

ଶୋଇ ଶୋଇ ଜିତିଲେ ମହିଳା

ମୁମ୍ବାଇ,୭।୧୧: ମୁମ୍ବାଇର ଜଣେ ମହିଳା ଲଗାତାର ୬୦ ଦିନ ନିଜ ନିଦ ଓ ଦୈନନ୍ଦିନ ଜୀବନଶୈଳୀଉପରେ ଧ୍ୟାନ ଦେଇ ୯.୬ ଲକ୍ଷ ଟଙ୍କାର ପୁରସ୍କାର ଜିତିଛନ୍ତି। ଏହି ସୁଯୋଗ ତାଙ୍କୁ ଏକ ନିଆରା ଇଣ୍ଟର୍ନସିପ୍ ଜରିଆରେ ମିଳିଛି। ସାଧାରଣତଃ ଇଣ୍ଟର୍ନସିପରେ ଯୁବପିଢ଼ି କୌଣସି କମ୍ପାନିରେ କାମ କରିବାର ଅଭିଜ୍ଞତା ହାସଲ କରନ୍ତି ଏବଂ ବଦଳରେ ଷ୍ଟାଇପେଣ୍ଡ୍ ପାଆନ୍ତି। କିନ୍ତୁ ୱେକଫିଟ ଇଣ୍ଟର୍ନସିପ୍ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ପ୍ରତିଯୋଗୀମାନଙ୍କୁ ନିଜ ନିଦର ଗୁଣବତ୍ତା ବଢ଼ାଇବା, ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ବିଶ୍ରାମ ନେବା ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ପ୍ରାୟ ୬୦ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମସ୍ତଙ୍କ ନିଦକୁ ଟ୍ରାକ୍ କରାଯାଇଥିଲା ଏବଂ ପ୍ରଦର୍ଶନ ଆଧାରରେ ସ୍କୋର ପ୍ରସ୍ତୁତ ହୋଇଥିଲା।

ବିଜେପିକୁ ଟାର୍ଗେଟ କଲେ ସୋନିଆ

ନୂଆଦିଲ୍ଲୀ,୭।୧୧: ବିଜେପି ସରକାର ଅଧୀନରେ ଗତ ୧୨ ବର୍ଷ ମଧ୍ୟରେ ଦେଶ, ଗଣତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ବ୍ୟାପକ କ୍ଷତି ହୋଇଛି ବୋଲି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଅଭିଯୋଗ କରିଛନ୍ତି । 'ଦ ହିନ୍ଦୁ' ଖବରକାଗଜକୁ ଦେଇଥିବା ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଗତ କିଛି ମାସ ମଧ୍ୟରେ ଅନେକ ନିର୍ବାଚନ ଚୋରି ହୋଇଥିବା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି ଏବଂ ଜନସାଧାରଣ ଏବେ ଏହାକୁ ନେଇ ସଚେତନ ହେବା ସହ ବିବ୍ରତ ଅଛନ୍ତି। କଂଗ୍ରେସ ଦଳ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ତତ୍ତ୍ୱାବଧାନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାରେ ହୋଇଥିବା ଅସଙ୍ଗତି ଓ 'ଭୋଟ ଚୋରି' ବିରୋଧରେ ପ୍ରତିବାଦର ନେତୃତ୍ୱ ନେଉଛି । ସୋନିଆ ଦାବି କରିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରଠାରୁ ବିରୋଧୀ ଦଳଗୁଡ଼ିକୁ ସମାନ ସୁଯୋଗ ମିଳୁନାହିଁ, କାରଣ ନିର୍ବାଚନ କମିସନଙ୍କ ସମେତ ସମସ୍ତ ସାମ୍ବିଧାନିକ ସଂସ୍ଥା, ମୁଖ୍ୟ ଗଣମାଧ୍ୟମ ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ସହ ସେମାନେ ପ୍ରଚୁର ଅର୍ଥବଳ ଏବଂ ଧର୍ମର ଅପବ୍ୟବହାର କରୁଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟ ଉପରେ କଡ଼ା ଆପତ୍ତି ପ୍ରକାଶ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୨ ବର୍ଷ ମଧ୍ୟରେ ଗଣତନ୍ତ୍ରକୁ ଅଧିକ ସମୃଦ୍ଧ ଓ ଶକ୍ତିଶାଳୀ କରିଛନ୍ତି ଏବଂ ସମଗ୍ର ବିଶ୍ୱ ଆଗରେ ପ୍ରମାଣିତ କରିଛନ୍ତି ଯେ ଭାରତ ହେଉଛି 'ଗଣତନ୍ତ୍ରର ଜନନୀ' ।

୩୦ ଲକ୍ଷ ଦୀପରେ ଝଲସିଲା ରାମନଗରୀ ଅଯୋଧ୍ୟା



ଅଯୋଧ୍ୟା,୭।୧୧: ପ୍ରଭୁ ଶ୍ରୀରାମଙ୍କ ନଗରୀ ଅଯୋଧ୍ୟାରେ ଦଶମ ଦୀପୋତ୍ସବକୁ ନେଇ ଦେଖିବାକୁ ମିଳିଛି ଅପୂର୍ବ ଉତ୍ସାହ। ଲକ୍ଷ ଲକ୍ଷ ଦୀପର ଆଲୋକରେ ଝଲସି ଉଠିଛି ପୂରା ରାମନଗରୀ। ଏଥର ସରଯୂ ନଦୀ କୂଳର ୫୬ଟି ଘାଟରେ ଜଳାଯାଇଛି ୩୦ ଲକ୍ଷ ଦୀପ। ପାରମ୍ପରିକ ଦୀପ ସାଙ୍ଗକୁ ଆଧୁନିକ ଲେଜର ଶୋ ଓ ଡିଜିଟାଲ୍ ଆଲୋକସଜ୍ଜା ଉତ୍ସବର ଆକର୍ଷଣକୁ ଆହୁରି ବଢ଼ାଇ ଦେଇଛି। ଦଶମ ଦୀପୋତ୍ସବକୁ ଭବ୍ୟ କରିବା ପାଇଁ ସମଗ୍ର ଅଯୋଧ୍ୟାକୁ ପାରମ୍ପରିକ ଦୀପ ସହ ଆଧୁନିକ ଆଲୋକରେ ସଜାଯାଇଛି। ସରଯୂ ନଦୀ କୂଳର ରାମ କୀ ପୈଡ଼ିରେ ୩୦ ଲକ୍ଷ ଦୀପ ପ୍ରଜ୍ୱଳିତ ହୋଇଛି। ଏହି ମନୋରମ ଦୃଶ୍ୟ ଦେଖିବାକୁ ଦେଶର ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଅଯୋଧ୍ୟାରେ ପହଞ୍ଚିଥିଲେ। ଏଥର ଦୀପୋତ୍ସବରେ ପାରମ୍ପରିକତା ସହ ଆଧୁନିକ ଜ୍ଞାନକୌଶଳର ମିଶ୍ରଣ ଦେଖିବାକୁ ମିଳିଛି। ଧର୍ମପଥରେ ୫୦ଟି ଡିଜିଟାଲ୍ ସ୍ତମ୍ଭ ମାଧ୍ୟମରେ ରାମାୟଣର ବିଭିନ୍ନ ପ୍ରସଙ୍ଗ ପ୍ରଦର୍ଶିତ ହୋଇଛି। ଏହା ସହ ଜାତୀୟ ରାଜପଥରୁ ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ୧୨ ଫୁଟ ଉଚ୍ଚତାର ସ୍ତମ୍ଭରେ ଡିଜିଟାଲ୍ ଲାଇଟ୍ ଶୋ ଆୟୋଜନ କରାଯାଇଥିଲା। ରଙ୍ଗବେରଙ୍ଗ ଆଲୋକର ଏହି ଦୃଶ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଦୀପୋତ୍ସବ ଅବସରରେ ଉତ୍ତରପ୍ରଦେଶ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା। ସାକେତ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଏହି ଶୋଭାଯାତ୍ରା ରାମକଥା ପାର୍କରେ ଶେଷ ହୋଇଥିଲା। ଏଥିରେ ମୋଟ ୨୧ଟି ଆକର୍ଷଣୀୟ ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା। ରାମଚରିତମାନସର ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ପ୍ରଭୁ ଶ୍ରୀରାମଙ୍କ ଜୀବନ ଓ ଆଦର୍ଶକୁ ପ୍ରଦର୍ଶିତ କରାଯାଇଥିଲା। ଦୀପୋତ୍ସବକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ମଧ୍ୟ ବେଶ୍ ଉତ୍ସାହ ଦେଖାଦେଇଛି। ମୁମ୍ବାଇ, ଗୁଜରାଟ, ବିହାର ସମେତ ଦେଶର ବିଭିନ୍ନ ଅଞ୍ଚଳରୁ ଲୋକେ ଏହି ଭବ୍ୟ ଉତ୍ସବ ଦେଖିବାକୁ ଅଯୋଧ୍ୟା ଆସିଛନ୍ତି। ପର୍ଯ୍ୟଟକଙ୍କ ଭିଡ଼ ଯୋଗୁଁ ସହରର ହୋଟେଲଗୁଡ଼ିକ ପ୍ରାୟ ସମ୍ପୂର୍ଣ୍ଣ ବୁକ୍ ହୋଇଯାଇଥିବା ରିପୋର୍ଟରେ କୁହାଯାଇଛି।

ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଜଣାଇଲେ ଶୁଭେଚ୍ଛା
ଏଥର ବି ଦୀପାବଳି ଯବାନଙ୍କ ସହ ପାଳିବି




ନୂଆଦିଲ୍ଲୀ,୭।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ ସାଇଟରେ ନୂଆ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ସେ ଦେଶବାସୀଙ୍କୁ ଦୀପାବଳିର ଶୁଭକାମନା ଜଣାଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଦୀପାବଳି ଅବସରରେ ସମଗ୍ର ଦେଶ ଆଲୋକରେ ଝଲସୁଛି। ସେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ପ୍ରତିବର୍ଷ ପରି ସେ ସୈନିକମାନଙ୍କ ମଧ୍ୟରେ ଦୀପାବଳି ପାଳନ କରିବେ। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ ହୋଇଥିବା ଏକ ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ସମଗ୍ର ଦେଶକୁ ଦୀପାବଳିର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, 'ପବିତ୍ର ଦୀପାବଳିରେ ସମଗ୍ର ଦେଶ ଆଲୋକରେ ଝଲସୁଛି। ଆଲୋକର ଏହି ପର୍ବ ଅନ୍ଧାର ବିରୋଧରେ ଆମର ସଂକଳ୍ପର ପ୍ରମାଣ। ମୁଁ ଆପଣ ସମସ୍ତଙ୍କୁ ଦୀପାବଳିର ବହୁତ ବହୁତ ଶୁଭକାମନା ଜଣାଉଛି। ଏହି ସମୟ ଶାନ୍ତି ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ। ମୁଁ ମଧ୍ୟ ଦୀପାବଳିକୁ ବହୁତ ଉତ୍ସାହର ସହିତ ପାଳନ କରୁଛି। ପ୍ରତିବର୍ଷ, ଆପଣମାନେ ଜାଣନ୍ତି, ଆମ ଦେଶର ସାହସୀ ସୈନିକଙ୍କ ମଧ୍ୟରେ ରହିବା ମୋର କର୍ତ୍ତବ୍ୟ। ଏହି ବର୍ଷ ମଧ୍ୟ ଏହା ଜାରି ରହିବ।'

କୋଚି ପାଲଟିଲା 'ଯନ୍ତର ମନ୍ତର'
ଏସ୍ଆଇଆର୍ ବିରୋଧରେ ସିଜେପିର ପ୍ରତିବାଦ

କୋଚି,୭।୧୦: 'କୋଚିରେ ଯନ୍ତର ମନ୍ତର' ଅଭିଯାନର ଅଂଶ ସ୍ୱରୂପ କନ୍କ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ଏକ ପ୍ରତିବାଦ ରାଲି ଶନିବାର କୋଚିର ମାରିନ୍ ଡ୍ରାଇଭରେ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରାୟ ୫୦୦ କର୍ମୀ ଅଂଶଗ୍ରହଣ କରିଥିଲେ। ରାଲିର ନେତୃତ୍ୱ ଅଭିନେତା ପ୍ରକାଶ ରାଜ ନେଇଥିଲେ। ସେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ରଦ୍ଦ କରିବା ଓ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏହି ପ୍ରତିବାଦରେ ଯୋଗଦେବାକୁ କେରଳ ଗସ୍ତ କରିଥିଲେ। କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେ କହିଛନ୍ତି, ଦେଶରେ ଏକ ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା ସୁନିଶ୍ଚିତ ନହେବା ପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ସିଜେପିର ଅଭିଯାନ ଜାରି ରହିବ।

ଦୀପୋତ୍ସବ କାର୍ଯ୍ୟକ୍ରମରେ ଅଖିଳେଶଙ୍କୁ ଯୋଗୀଙ୍କ ନିଶାଣ
'ଅଯୋଧ୍ୟା ନିଶ୍ଚୟ ଆସନ୍ତୁ, ତେବେ ତା ପୂର୍ବରୁ କ୍ଷମା ମାଗନ୍ତୁ',

ଅଯୋଧ୍ୟା,୭।୧୧: ଅଯୋଧ୍ୟାରେ ଦଶମ ଦୀପୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ଏହି କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାମିଲ ହୋଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଆଜିର ଅଯୋଧ୍ୟା ତ୍ରେତୟା ଯୁଗର ସ୍ମୃତି ମନେ ପକାଇ ଦେଉଛି। ଶ୍ରୀରାମ ହେଉଛନ୍ତି ଭାରତର ଆତ୍ମସମ୍ମାନ। ଅଯୋଧ୍ୟା ଆଜି ପୁଣି ନିଜର ହଜିଯାଇଥିବା ଗୌରବ ଫେରି ପାଇଛି। ଯେଉଁ ଗୌରବ ପାଇଁ କାରସେବକ ଓ ସନ୍ଥମାନେ ବଳିଦାନ ଦେଇଥିଲେ, ଆଜି ତାହା ସାକାର ହୋଇଛି। ଦିନେ ଅଯୋଧ୍ୟାରେ ରାମଭକ୍ତଙ୍କ ଉପରେ ଗୁଳି ଚଳାଯାଉଥିଲା, ଲାଠିଚାର୍ଜ କରାଯାଉଥିଲା ଏବଂ ଅତ୍ୟାଚାର ହେଉଥିଲା। ଅଖିଳେଶ ଯାଦବଙ୍କୁ କଟାକ୍ଷ କରି ଯୋଗୀ କହିଛନ୍ତି, କିଛି ଲୋକ କଥା କାର୍ଯ୍ୟକ୍ରମକୁ



ଯାଇ ସେଠାରେ ଥିବା ମର୍ଯ୍ୟାଦା ଓ ପରମ୍ପରାକୁ ବୁଝିପାରନ୍ତି ନାହିଁ। ସେମାନେ କଥାକୁ ମୁଶାୟରା ଭାବି ନିଅନ୍ତି। ଦିନେ ଅଯୋଧ୍ୟାରେ ରାମଭକ୍ତଙ୍କ ଉପରେ କଟକଣା ଲଗାଯାଉଥିଲା, ଜୟ ଶ୍ରୀରାମ କହିବାକୁ ମଧ୍ୟ ବାରଣ କରାଯାଉଥିଲା। ଯେଉଁମାନେ ରାମଙ୍କ ଅସ୍ତିତ୍ୱ ବିରୋଧରେ ଓକିଲଙ୍କ ଫୌଜ ଠିଆ କରୁଥିଲେ, ଆଜି ସେମାନେ ମଧ୍ୟ ରାମଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁଛନ୍ତି। ଯେଉଁମାନେ ରାମଭକ୍ତଙ୍କୁ ଅପମାନିତ କରିଥିଲେ ଓ ସନ୍ଥମାନଙ୍କ ଉପରେ ଲାଠିଚାର୍ଜ କରାଇଥିଲେ, ସେମାନେ ଅଯୋଧ୍ୟା ଆସିବା ପୂର୍ବରୁ ରାମଭକ୍ତ ଓ ସନ୍ଥମାନଙ୍କୁ କ୍ଷମା ମାଗିବା ଉଚିତ। ନିଜର ଭୁଲ୍ ପାଇଁ ପଶ୍ଚାତାପ କରିବା ଦରକାର। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, 'ଆମର ପ୍ରଭୁ ସମସ୍ତଙ୍କର ପାଳନହାର ସେ ସମସ୍ତଙ୍କ ପ୍ରତି ଦୟାଳୁ, ସେ ସମସ୍ତଙ୍କୁ କ୍ଷମା କରିବେ, କିନ୍ତୁ ସେ ଅହଂକାରୀ ଶକ୍ତିକୁ ଦୂର କରିବାରେ ଗୋଟିଏ ମୁହୂର୍ତ୍ତ ମଧ୍ୟ ନଷ୍ଟ କରନ୍ତି ନାହିଁ। ଯଦି କେହି ଅହଂକାରୀ ହୋଇଯାଏ, ତେବେ ସେ ସେହି ଅହଂକାର ଏବଂ ଗର୍ବକୁ ନର୍କକୁ ପଠାଇବାକୁ ବିଳମ୍ବ କରନ୍ତି ନାହିଁ।' ଯୋଗୀଙ୍କ ଏହି ବୟାନ ଏପରି ସମୟରେ ଆସିଛି, ଯେତେବେଳେ ଅଖିଳେଶ ଯାଦବ ଡିସେମ୍ବର ୧୨ ତାରିଖରେ ଅଯୋଧ୍ୟା ଯିବା ନେଇ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ବିଜୟ ଆରମ୍ଭ କଲେ ନୂଆ ଯୋଜନା
ତାମିଲନାଡୁରେ ଛାତ୍ରଙ୍କୁ ମାଗଣା ମିଳିବ ଲାପଟପ୍



ନୂଆଦିଲ୍ଲୀ,୭।୧୧ : ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ କଲେଜ ଛାତ୍ରଙ୍କ ଲାଗି ମାଗଣା ଲାପଟପ୍ ଯୋଜନା ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୋଜନାର ନାମ 'ବେଟ୍ରି ଲାପଟପ୍ ଯୋଜନା' ରଖାଯାଇଛି । ଟିଭିକେ ସରକାର ଏଥିଲାଗି ୨୦୦୦କୋଟି ଟଙ୍କାର ବଜେଟ ବି ଆବଣ୍ଟନ କରିଛନ୍ତି। ଏହି ଯୋଜନା ୨୦୨୬-୨୭ଆର୍ଥିକ ବର୍ଷ ବଜେଟରେ ଘୋଷଣା କରାଯାଇଥିଲା। ସୂଚନା ମୁତାବକ, ବିଜୟଙ୍କ ନେତୃତ୍ୱାଧିନ ଟିଭିକେ ସରକାର ଶନିବାର କହିଛନ୍ତି କି, ୨୦୨୬-୨୭ର ବଜେଟରେ ଘୋଷଣା କରାଯାଇଥିବା ଏହି ମାଗଣା ଲାପଟପ ଯୋଜନାକୁ ଲାଗୁ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଚ୍ଚ-ସ୍ତରୀୟ ସମିତିର ଗଠନ କରାଯିବ । ସରକାର ଏକ ଅଫିସିଆଲ୍ ବିଜ୍ଞପ୍ତିରେ କହିଛନ୍ତି କି ଚିକିତ୍ସା, କୃଷି ଏବଂ ଆଇନ ସହିତ କେତେକ ପାଠ୍ୟକ୍ରମରେ ସରକାରୀ ଏବଂ ରାଜ୍ୟ- ସହାୟତା ପ୍ରାପ୍ତ କଲେଜରେ ପଢୁଥିବା ସ୍ନାତକ(ୟୁଜି) ଏବଂ ଡିପ୍ଲୋମା ସ୍ତରର ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଏହି ମାଗଣା ଲାପଟପ୍ ଯୋଜନାର ଲାଭ ମିଳିବ। ବେଟ୍ରି ଲାପଟପ୍ ଯୋଜନା ମାଧ୍ୟମରେ ଆର୍ଟ, ସାଇନ୍ସ, ଇଞ୍ଜିନିୟରିଂ, ଚିକିତ୍ସା, ପଶୁ ଚିକିତ୍ସା ବିଜ୍ଞାନ, କୃଷି, ମତ୍ସ୍ୟ ପାଳନ ଏବଂ ଆଇନ ଭଳି ପାଠ୍ୟକ୍ରମର ଛାତ୍ର ଆସିବେ। ଏହା ବ୍ୟତୀତ ପଲିଟେକ୍ନିକ ଏବଂ ଆଇଟିଆଇରେ ପଢୁଥିବା ଛାତ୍ରଙ୍କୁ ବି ଏହାର ସୁଫଳ ଦିଆଯିବ। ଏହାବ୍ୟତୀତ ବିଜୟ ସରକାର ସେହି ଛାତ୍ରଙ୍କୁ ବି ଯୋଜନାରେ ସାମିଲ କରିବାର ନିଷ୍ପତ୍ତି ନେଇଛନ୍ତି। ଯାହାଙ୍କୁ ଶିକ୍ଷା ବର୍ଷ ୨୦୨୫-୨୬ରେ ମାଗଣା ଲାପଟପ୍ ଯୋଜନାର ଲାଭ ମିଳିପାରିନାହିଁ। ଏଭଳି ଛାତ୍ର ଯିଏ ସରକାରୀ କିମ୍ବା ସରକାରୀ ସହାୟତାପ୍ରାପ୍ତ ସଂସ୍ଥାରେ ବ୍ୟବସାୟିକ ପାଠ୍ୟକ୍ରମରେ ତୃତୀୟ କିମ୍ବା ଚତୁର୍ଥ ବର୍ଷରେ ପଢୁଛନ୍ତି। ତାଙ୍କୁ ବି ଲାପଟପ୍ ଦିଆଯିବ ।

କ୍ଷେପଣାସ୍ତ୍ର ମାଡ଼ରେ ଥରିଲା ୟେମେନ୍: ୩୦ ମୃତ

ନୂଆଦିଲ୍ଲୀ, ୭।୧୧: ୟେମେନରେ ହୁତି ବିଦ୍ରୋହୀ ଏବଂ ସାଉଦି ଆରବ ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ପୁନର୍ବାର ଆରମ୍ଭ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ଏମର୍ମନ୍ତୁଦ ଦୁର୍ଘଟଣା ସୃଷ୍ଟି କରିଛି। ଦକ୍ଷିଣ-ପଶ୍ଚିମ ୟେମେନର ତାଏଜ୍ ପ୍ରଦେଶସ୍ଥିତ 'ଅଲ୍-ୱାଜିଆ'ର ଏକ ବ୍ୟସ୍ତବହୁଳ ବଜାରରେ ଶୁକ୍ରବାର ସକାଳେ ଘଟିଥିବା ଭୀଷଣ ବାୟୁସେନା ଆକ୍ରମଣରେ ଅତି କମରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ହୁତି ବିଦ୍ରୋହୀଙ୍କ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ମୁଖପାତ୍ର ଅନୀସ ଅଲ୍ସବହି ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ଏହି ଆକ୍ରମଣକୁ ସ୍ପଷ୍ଟ କରିଛନ୍ତି । ଯୁଦ୍ଧ ପୁଣି ଥରେ ତୀବ୍ର ହେବା ପରେ ଏହାକୁ ସବୁଠାରୁ ମାରାତ୍ମକ ଆକ୍ରମଣ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଉଛି। ଅଲ୍-ମସିରା ଦ୍ୱାରା ପ୍ରସାରିତ ଭିଡିଓରେ ଆକ୍ରମଣ ସ୍ଥାନରୁ ପ୍ରବଳ ଧୂଆଁର କୁଣ୍ଡଳୀ ଉଠୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଖାଦ୍ୟ ସାମଗ୍ରୀର ନଷ୍ଟ ହୋଇଥିବା କୋଠାବାଡ଼ି, ପୋଡ଼ି ଜଳି ଯାଇଥିବା ଯାନବାହନ ପଡ଼ିରହିଛି । ଏହି ଆକ୍ରମଣ 'ଅଲ୍-ହଦରା' ବଜାରରେ ଘଟିଥିଲା । ଆରବ ଦୁନିଆରେ ଶୁକ୍ରବାର ସାପ୍ତାହିକ ଛୁଟିଦିନ ହୋଇଥିବାରୁ ସକାଳୁ ସକାଳୁ ବଜାରରେ ପ୍ରବଳ ଭିଡ଼ ଜମିଥିଲା । ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରୀ ଅଭିଯୋଗ କରିଛନ୍ତି ଯେ, ସାଉଦି ଆରବର ଯୁଦ୍ଧ ଜାହାଜଗୁଡ଼ିକ ଖମୀସ ମୁଶୈତ୍ ଏୟାରବେସରୁ ଉଡ଼ାଣ ଭରି ତିନୋଟି ବାୟୁସେନା ଆକ୍ରମଣ କରିଥିଲେ ଏବଂ ସକାଳ ୮ଟା ସମୟରେ ସେହି ଅଞ୍ଚଳରୁ ବାହାରି ଯାଇଥିଲେ। ଆକ୍ରମଣର ଠିକ୍ ପରେ ପରେ ୟେମେନର ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସରକାର ଏବଂ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଦାୟିତ୍ୱକୁ ନେଇ ତୀବ୍ର କଳହ ଆରମ୍ଭ ହୋଇଯାଇଛି ।


ଇତିହାସ ରଚିଲା ଭାରତୀୟ ବାୟୁସେନା
୧୩ ହଜାର ୬୨୯ ଫୁଟ୍ ଉଚ୍ଚରେ ଅବତରଣ କଲା ବିମାନ



ନୂଆଦିଲ୍ଲୀ,୭।୧୧ : ଭାରତୀୟ ବାୟୁସେନାର ଇତିହାସ । ନ୍ୟୋମାରେ ଅବତରଣ କଲା ବିଶାଳ IL-76MD ବିମାନ । ବିଶ୍ୱରେ ପ୍ରଥମ ଥର ଏତେ ଉଚ୍ଚରେ IL-76MDର ସଫଳ ଅବତରଣ । ଭାରତର ସାମରିକ ପରିବହନ କ୍ଷମତାର ନୂଆ ମାଇଲଖୁଣ୍ଟ । ଆକାଶରେ ଭାରତୀୟ ବାୟୁସେନାର ଆଉ ଏକ ଐତିହାସିକ ସଫଳତା। ସମୁଦ୍ର ପତ୍ତନଠାରୁ ୧୩ ହଜାର ୬୨୯ ଫୁଟ୍ ଉଚ୍ଚରେ ଅବତରଣ କରି ନୂଆ ଇତିହାସ ରଚିଛି ଭାରତୀୟ ବାୟୁସେନାର ବିଶାଳ ପରିବହନ ବିମାନ IL-76MD। ଲଦାଖର ନ୍ୟୋମା ଏୟାରଫିଲ୍ଡରେ ଏହି ବିମାନର ସଫଳ ଅବତରଣ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ଉପଲବ୍ଧି ଭାବେ ସାମ୍ନାକୁ ଆସିଛି। ଦିଆଯାଇଥିବା ସୂଚନା ଅନୁସାରେ, ବିଶ୍ୱରେ କୌଣସି IL-76MD ବିମାନ ଏତେ ଉଚ୍ଚତାରେ ଅବତରଣ କରିବାର ଏହା ପ୍ରଥମ ଘଟଣା। ଏହି ସଫଳତା ପଛରେ ରହିଛି ବାୟୁସେନା ପାଇଲଟ୍ ଓ କ୍ରୁ ସଦସ୍ୟଙ୍କ ଅସାଧାରଣ ଦକ୍ଷତା, ସଠିକ୍ ଯୋଜନା ଏବଂ ଉଚ୍ଚକୋଟୀର ବୃତ୍ତିଗତ କୌଶଳ।

ବ୍ୟାଙ୍କିଂ ଦୁର୍ନୀତି ମାମଲା

ପାରାଗୁଏର ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ଗିରଫ



ଅସୁନସିଓନ୍, ୭।୧୧: ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏରେ ବ୍ୟାଙ୍କିଂ ଦୁର୍ନୀତି ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ଉଏନୋ ବ୍ୟାଙ୍କର ଆର୍ଥିକ ସଙ୍କଟ ଏବଂ କଥିତ ଅନିୟମିତତା ପରେ ରାଷ୍ଟ୍ରପତି ସାଣ୍ଟିଆଗୋ ପେନାଙ୍କୁ ମହାଭିଯୋଗ ଜରିଆରେ ପଦରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଉପରାଷ୍ଟ୍ରପତି ପେଡ୍ରୋ ଏଲିଆନା ଦେଶର ୫୩ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ଘଟଣା ପରେ ପାରାଗୁଏର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଅନ୍ତର୍ଜାତୀୟ ଇଂରାଜୀ ନ୍ୟୁଜ୍ ଚ୍ୟାନେଲ ଅଲ୍ ଜଜିରାର ରିପୋର୍ଟ ଅନୁଯାୟୀ, ପାରାଗୁଏର ୪୫ ସଦସ୍ୟ ବିଶିଷ୍ଟ ସିନେଟରେ ରାଷ୍ଟ୍ରପତି ପେନାଙ୍କୁ ପଦରୁ ହଟାଇବା ପାଇଁ ଭୋଟିଂ ହୋଇଥିଲା। ଏଥିରେ ୪୪ ଜଣ ସିନେଟର ମହାଭିଯୋଗ ସପକ୍ଷରେ ଭୋଟ୍ ଦେଇଥିବା ବେଳେ ଜଣେ ସଦସ୍ୟ ଭୋଟିଂରେ ଭାଗ ନେଇନଥିଲେ। ଏହା ପୂର୍ବରୁ ନିମ୍ନ ସଦନ ଚାମ୍ବର ଅଫ୍ ଡେପୁଟିଜ୍ ମଧ୍ୟ ୭୮-୦ ଭୋଟ୍‌ରେ ମହାଭିଯୋଗକୁ ସମର୍ଥନ କରିଥିଲା। ପଦରୁ ହଟିବା ପରେ ପେନା ସାମାଜିକ ଗଣମାଧ୍ୟମରେ ଲେଖିଥିଲେ ଯେ, ସେ କୃତଜ୍ଞତାର ସହ ବିଦାୟ ନେଉଛନ୍ତି ଏବଂ ଏହି ପୂରା ଘଟଣାରେ ଏବେ ବି ଉତ୍ତର ଅପେକ୍ଷାରେ ଥିବା ଲୋକଙ୍କ ଯନ୍ତ୍ରଣାକୁ ସେ ବୁଝିପାରୁଛନ୍ତି। ପାରାଗୁଏରେ ଏହି ରାଜନୈତିକ ସଙ୍କଟର ମୁଖ୍ୟ କାରଣ ଉଏନୋ ବ୍ୟାଙ୍କର ଆର୍ଥିକ ସଙ୍କଟ ବୋଲି କୁହାଯାଉଛି। ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମଙ୍ଗଳବାର ସୂଚନା ଦେଇଥିଲା ଯେ, ଉଏନୋ ବ୍ୟାଙ୍କ ଆର୍ଥିକ ସ୍ଥିରତା ସମ୍ପର୍କିତ ଆଇନଗତ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଛି। ଏହା ପରେ ବ୍ୟାଙ୍କର ଲକ୍ଷ ଲକ୍ଷ ଗ୍ରାହକଙ୍କ ଜମା ଟଙ୍କା, ବ୍ୟାଙ୍କ ଖାତା ଏବଂ ପେନସନ୍ ପ୍ରଦାନକୁ ନେଇ ସଙ୍କଟ ସୃଷ୍ଟି ହୋଇଥିଲା। ପ୍ରାୟ ୩୦ ଲକ୍ଷ ଗ୍ରାହକ ଥିବା ଏହି ବ୍ୟାଙ୍କ ପାରାଗୁଏର ମୋଟ ବୟସ୍କ ଜନସଂଖ୍ୟାର ପ୍ରାୟ ଦୁଇ-ତୃତୀୟାଂଶ ଲୋକଙ୍କୁ ସେବା ଯୋଗାଉଥିଲା। ଜମା ରାଶି ଦୃଷ୍ଟିରୁ ଏହା ଦେଶର ପଞ୍ଚମ ବୃହତ୍ତମ ବ୍ୟାଙ୍କ ହୋଇପାରିଥିଲା।

ରାଜଧାନୀରେ ଯୁବକଙ୍କୁ ଗୁଳି କରି ହତ୍ୟା

୭ ଅଭିଯୁକ୍ତ ଅଟକ; ସେମି ଅଟୋମେଟିକ୍ ପିସ୍ତଲ ଜବତ

ଭୁବନେଶ୍ୱର, (ନି.ପ୍ର) : ରାଜଧାନୀରେ ପୁଣି ଗୁଳିକାଣ୍ଡ ଘଟିଛି । ଶିଶୁପାଳଗଡ ଗୁଳିକାଣ୍ଡର ମାତ୍ର କେଇଘଣ୍ଟା ପରେ ଲକ୍ଷ୍ମୀସାଗର ଥାନା ବମିଖାଲ କଟକ ରୋଡରେ ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ମୃତ ଯୁବକ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡ଼ିଆ ବସ୍ତିର ସୋନୁ ନାୟକ (୨୨) । ଘଟଣାସ୍ଥଳରେ ଗୁଳିକାଣ୍ଡ ସହ ବୋମାମାଡ଼ ମଧ୍ୟ ହୋଇଛି । ରାତି ପ୍ରାୟ ୩ଟା ବେଳେ ଏହି ଘଟଣା ଘଟିଛି । ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି । ସୋନୁଙ୍କ ମୁଣ୍ଡରେ ହିଁ ଗୁଳି ବାଜିଛି । ପରିବାର ଲୋକଙ୍କ ଅଭିଯୋଗକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ଟିମ୍ ଘଟଣାସ୍ଥଳରୁ ଖୋକା ଓ ଫୁଟିଥିବା ବୋମାର କିଛି ଅଂଶ ଜବତ କରିଛି । ତେବେ ଏହି ହତ୍ୟାକାଣ୍ଡ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ୭ ଜଣଙ୍କୁ ଅଟକ ରଖିଛି । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି । ଘଟଣାରେ ବ୍ୟବହୃତ ଏକ ସେମି ଅଟୋମେଟିକ୍ ପିସ୍ତଲ ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ହଳଦିଆପଡ଼ିଆ ବସ୍ତିର ଶଙ୍କର ନାୟକଙ୍କ ପତ୍ନୀ ଶାନ୍ତି ନାୟକ (୩୫) ଶନିବାର ଲକ୍ଷ୍ମୀସାଗର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଅନୁସାରେ, ଗତ ୬ ଓ ୭ ତାରିଖ ମଧ୍ୟବର୍ତ୍ତୀ ରାତି ପ୍ରାୟ ୩ଟା ସମୟରେ ତାଙ୍କ ପୁଅ ସୋନୁ ନାୟକ ସାଙ୍ଗମାନଙ୍କ ସହ ରସୁଲଗଡ଼ ପେଟ୍ରୋଲ ପମ୍ପରୁ ଫେରୁଥିବା ବେଳେ ଝାରପଡ଼ା ଓଭରବ୍ରିଜ୍ ନିକଟ ରିଲାଏନ୍ସ ଫ୍ରେସ୍ ସମ୍ମୁଖରେ ତାଙ୍କୁ ଆକ୍ରମଣ କରାଯାଇଥିଲା । ଏଥିରେ ସୋନୁ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ପୁଲିସ ତାଙ୍କ ଏତଲାକୁ ଆଧାର କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ଏହା ଗୋଷ୍ଠୀ ସଂଘର୍ଷରୁ ଘଟିଥିବା ଜାଣିବାକୁ ପାଇଛି । ପୁଲିସର ତଦନ୍ତ ଅନୁଯାୟୀ, ମୃତ ସୋନୁ ନାୟକ ଓ ତାଙ୍କ ସାଙ୍ଗମାନଙ୍କର ଝାରପଡ଼ା ଅଞ୍ଚଳର ଅନ୍ୟ ଏକ ଗୋଷ୍ଠୀ ସହ କୌଣସି କାରଣକୁ ନେଇ ତୀବ୍ର ବଚସା ହୋଇଥିଲା । ଏହାପରେ ସୋନୁଙ୍କ ସମେତ ଅନ୍ୟ ୮ ଜଣ ଝାରପଡ଼ା ଓଭରବ୍ରିଜ୍ ନିକଟରେ ଥିବା ଅଭିଯୁକ୍ତଙ୍କ ଘର ପାଖକୁ ଯାଇ ବୋମାମାଡ଼ କରିଥିଲେ । ଏହି ସମୟରେ ଅନ୍ୟପକ୍ଷରୁ ବନ୍ଧୁକରୁ ଗୁଳି ଚାଳନା କରାଯାଇଥିଲା । ଗୁଳି ସୋନୁଙ୍କ ଦେହରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ ଏବଂ ପରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୁଲିସ ୭ଜଣଙ୍କୁ ଅଟକ ରଖିଛି । ସେମାନେ ହେଲେ ଝାରପଡ଼ା ଦୋଳମଣ୍ଡପ ସାହିର ରଞ୍ଜନ ବେହେରାଙ୍କ ପୁଅ ସତ୍ୟଜିତ ବେହେରା (୧୮), ରାଧିକା କମ୍ପ୍ଲେକ୍ସ ପଛପଟର କୁନା ରତନ (୧୮), ମହାଦେବ ନଗର ଲାଇନ୍ ନଂ ୫ର ଶମ୍ଭୁ ବେହେରାଙ୍କ ପୁଅ ମନୋଜ ବେହେରା (୧୮), ମହାଦେବ ନଗରର ଦାଣ୍ଡୁଆ କୁମ୍ଭାରଙ୍କ ପୁଅ ଦିବ୍ୟ କୁମ୍ଭାର (୧୯), ଜେନା ସାହିର ଗଣେଶ ହାତୀଙ୍କ ପୁଅ ଶୁଭ ଓରଫ ବିଶ୍ୱଜିତ ହାତୀ (୧୯), ଝାରପଡ଼ାର ଗଦାଧର ଜେନାଙ୍କ ପୁଅ ଲିପୁନ ଜେନା ଓରଫ ଜଗତଜୀବନ ଜେନା (୩୨) ଏବଂ ଜଣେ ୧୭ ବର୍ଷୀୟ ନାବାଳକ । ଅଭିଯୁକ୍ତ କୁନା ରତନଙ୍କ ଠାରୁ ଏହି ଅପରାଧରେ ବ୍ୟବହୃତ ଏକ ସେମି ଅଟୋମେଟିକ୍ ପିସ୍ତଲ ଜବତ କରାଯାଇଛି । ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଗୁଳି ଚାଳନାର ପ୍ରକୃତ କାରଣ କ'ଣ, ସେନେଇ ପୁଲିସର ତଦନ୍ତ ଜାରି ରହିଛି । ମୃତ ସୋନୁ ନାୟକଙ୍କ ବାପା ଶଙ୍କର ନାୟକ କହିଛନ୍ତି, ମୋ ପୁଅ ରସୁଲଗଡ଼ ତେଲ ପକାଇବାକୁ ଯାଉଥିଲା । ୩ଟା ୩୦ବେଳେ ମୋ ପାଖକୁ କଲ ଯାଇଥିଲା ଯେ, ମୋ ପୁଅକୁ ଗୁଳିମାଡ଼ କରାଯାଇଛି । ମୋ ପୁଅର ଜୀବନ ଗଲା । ତାଙ୍କ ଭିତରେ କଣ ହେଇଛି ମୁଁ କହିପାରିବି ନାହିଁ । ପୋଲିସ ଜାଣିକି ମଧ୍ୟ କିଛି କରୁନାହିଁ । ଦାଦାଗିରି ଦେଖାଇ ଏମିତି କରୁଛନ୍ତି । ମୋ ପୁଅକୁ ଯେଉଁମାନେ ହତ୍ୟା କରିଛନ୍ତି, ସେମାନଙ୍କୁ ଫାଶୀ ଦଣ୍ଡ ଦିଆଯାଉ ।'

କାଫେ ମାଲିକଙ୍କୁ ଆକ୍ରମଣ, ଦୁଇ ଗିରଫ

ଭୁବନେଶ୍ୱର, (ନି.ପ୍ର) : ଦରମା ଟଙ୍କାକୁ ନେଇ କାଫେ ମାଲିକଙ୍କୁ ମାଡ ମାରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କିଶାନ ନାୟକ ଓ ଆକାଶ ନାୟକ । ପୋଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ସୌରଜିତ ସୁନ୍ଦରାୟ ଖଣ୍ଡଗିରି ଛକ ଠାରେ ଥିବା ଆନ୍ସ କାଫେ ଆଣ୍ଡ ବାକେରର୍ସର ମାଲିକ ଅଟନ୍ତି । ସେହି କାଫେରେ ଜଣେ ମହିଳା ଗତ ଦେଢ଼ ମାସ ଧରି ଉକ୍ତ କାଫେରେ କାମ କରୁଥିଲେ । ଗତ ତା.୦୬.୧୧.୨୦୨୬ ରେ ସେ କାଫେ ମ୍ୟାନେଜରଙ୍କୁ ଇସ୍ତଫାପତ୍ର ଦେବା ସହ ତାଙ୍କର ବକେୟା ଟଙ୍କା ମାଗିଥିଲେ । ଏଥିରେ ମ୍ୟାନେଜର ତାଙ୍କୁ ବକେୟା ଟଙ୍କା ହିସାବ କରି ଦେବା ପାଇଁ ୧୫ ଦିନ ସମୟ ମାଗିବା ସହ ଆଉ ୧୫ ଦିନ କାମ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ମହିଳା ଜଣକ ଏହି ଅନୁରୋଧକୁ ନଶୁଣି କାଫେ ବାହାରକୁ ଯାଇ କିଛି ବାହାର ଲୋକଙ୍କୁ ଫୋନ୍ କରି ଡାକିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇ କାଫେ ମାଲିକ ସେଠାରେ ପହଞ୍ଚିଥିଲେ । ଏହି ସମୟରେ ଅଭିଯୁକ୍ତ ଆକାଶ ନାୟକ ସ୍କୁଟିରେ ଆସି ଅନ୍ୟ ଅଭିଯୁକ୍ତ କିଶାନ ନାୟକଙ୍କୁ ଡାକିଥିଲେ । ଉଭୟ କାଫେ ଭିତରେ ମ୍ୟାନେଜର ଓ କର୍ମଚାରୀଙ୍କ ସହ ଝଗଡ଼ା କରିବା ସହ ମାଲିକଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କାଫେ ବାହାରେ ମାଡ଼ ମାରିଥିଲେ । କିଶାନ ନାୟକ ମୁଥ ମାରିବା ସହ ଏକ ପଥରରେ ମାଲିକଙ୍କ ମୁହଁକୁ ଆକ୍ରମଣ କରିବାରୁ ତାଙ୍କର ଗୋଟିଏ ଦାନ୍ତ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା ଏବଂ ମୁହଁରେ ରକ୍ତାକ୍ତ ଆଘାତ ଲାଗିଥିଲା । ଏହି ସମୟରେ ଅଭିଯୁକ୍ତ ଦୁହେଁ ତାଙ୍କ ଚଷମା ମଧ୍ୟ ନେଇଯାଇଥିବା ଅଭିଯୋଗ ହୋଇଛି । କାଫେ କର୍ମଚାରୀ ଓ ଅନ୍ୟ ଲୋକଙ୍କ ହସ୍ତକ୍ଷେପ ଯୋଗୁଁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ । ଯିବା ସମୟରେ କାଫେ ବନ୍ଦ କରିଦେବା ସହ ମାଲିକ ଓ ତାଙ୍କ ପରିବାରକୁ ହତ୍ୟା କରିବାର ଧମକ ଦେଇଥିଲେ । ପରେ ଆହତ ମାଲିକ ଚିକିତ୍ସା ପାଇଁ ହସ୍ପିଟାଲ ଯାଇଥିବା ବେଳେ ତାଙ୍କ ମୁହଁରେ ୧୦ଟି ଷ୍ଟିଚ୍ ପଡ଼ିଥିଲା । ମାମଲାର ତଦନ୍ତ କାଳରେ ପୋଲିସ ଦୁଇ ଅଭିଯୁକ୍ତ କିଶାନ ନାୟକ ଓ ଆକାଶ ନାୟକଙ୍କୁ ଗିରଫ କରିଥିବା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଥିଲେ ।

କୋମାରେ ଅବକାରୀ ବିଭାଗ

ପ୍ରତି ଗ୍ରାମରେ ବେଧଡ଼କ ଭାବରେ ଚାଲିଛି ନିଶା କାରବାର

ଭାପୁର,(ନିପ୍ର): ଭାପୁର ବ୍ଲକରେ ଚୋରା ମଦ କାରବାର ବନ୍ଦ କରିବା ନିମନ୍ତେ ସ୍ୱତନ୍ତ୍ର ଭାବରେ ଖଣ୍ଡପଡାରେ ଅବକାରୀ ଥାନା ରହିଛି କିନ୍ତୁ, ଦିନକୁ ଦିନ ଚୋରା ମଦ ଅବାଧ ଭାବରେ ବିକ୍ରି ବଢ଼ି ଚାଲିଛି । ଅବକାରୀ ଥାନାରେ ଚୋରା ମଦ ଓ ଗଞ୍ଜେଇ ଧରିବା ପାଇଁ ସ୍ୱତନ୍ତ୍ର ଟିମ ରହିଛି । କିନ୍ତୁ ଅବକାରୀ ବିଭାଗର ନିଃସକ୍ରିୟତାରୁ ପ୍ରତି ଗ୍ରାମମାନଙ୍କରେ ଚୋରା ଭାବରେ ନିଶା ଜାତୀୟ ଗଞ୍ଜେଇ, ମଦ ଆଦି ବିକ୍ରି ବଢିବାରେ ଲାଗିଛି । ସ୍ଥାନୀୟ ଫତେଗଡ଼ ଥାନାରେ କର୍ମଚାରୀ ଅଭାବରୁ ସେମାନଙ୍କ ଉପରେ ଚାପ ବଢ଼ିଥିବାବେଳେ ମଝିରେ ମଝିରେ ଚୋରା ନିଶା କାରବାର ଉପରେ ଚଢ଼ାଉ କରୁଥିବା ନଜିର ରହିଛି କିନ୍ତୁ,ଅବକାରୀ ବିଭାଗ ସେଥିପାଇଁ ନୀରବ । ଅବକାରୀ ବିଭାଗର କୌଣସି ଆଖି ଦୃଷ୍ଟିଆ ଚଢ଼ାଉ କିମ୍ବା ଗିରଫଦାରୀ ହୋଇ ନ ଥିବା କର୍ମଚାରୀ ମହଲରୁ ସୂଚନା ମିଳିଛି । ଭାପୁର ବ୍ଲକ ଅଧିକାଂଶ ପଞ୍ଚାୟତ ପାହାଡ଼ ଓ ଜଙ୍ଗଲଘେରା ହୋଇଥିବାରୁ ଏହାର ସୁଯୋଗ ନେଉଛନ୍ତି ଚୋରା ମଦ ମାଫିଆ । ଏ ବାବଦରେ ଅବକାରୀ ବିଭାଗ ସମ୍ୟକ ସୂଚନା ନ ପାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ମାଫିଆମାନଙ୍କ ସହିତ ଅବକାରୀ ବିଭାଗ କର୍ମଚାରୀମାନଙ୍କ ସହିତ ଚୋରା ପୀରତି ରହିଛି ବୋଲି ଭାପୁର ବଜାର ଘାଟରେ ଆଲୋଚନା ଚାଲିଛି । ମଦ ଓ ଗଞ୍ଜେଇ ବ୍ୟତୀତ କଫ ସିରପ, ବ୍ରାଉନସୁଗାର, ଭାଙ୍ଗ ଆଦି ନିଶାର କାରବାର ବଢ଼ି ଚାଲିଛି । ଗତ ସାଧାରଣ ନିର୍ବାଚନ ପରେ ଏବଂ ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନ ପାଇଁ ବର୍ତ୍ତମାନ ଠାରୁ ଗାଁଗଣ୍ଡାରେ ରାଜନୈତିକ ଉଷ୍ମତା ଆରମ୍ଭ ହେଲାଣି କିନ୍ତୁ, ପୋଲିସ ପ୍ରଶାସନ ପାଇଁ ଦେଶୀ ବିଦେଶୀ ମଦର ଅବାଧ କାରବାର ମୁଣ୍ଡ ବ୍ୟଥାର କାରଣ ହୋଇଛି । ପୋଲିସ ତାର ଶାନ୍ତିଶୃଙ୍ଖଳାକୁ ବଜାୟ ରଖିବ ନା ଚୋରା ମଦ କାରବାରକୁ ଦୃଷ୍ଟି ଦେବ ବୋଲି ସାଧାରଣରେ ଆଲୋଚନା ଚାଲିଛି । ଅବାଧ ଚୋରା ନିଶା କାରବାର ବନ୍ଦ ନ ହେଲେ ପ୍ରତି ଗାଁ ମାନଙ୍କରେ ବିଶୃଙ୍ଖଳା ବଢ଼ିଯିବାର ଆଶଙ୍କା ରହିଛି । ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଭାପୁର ବ୍ଲକର ବୁଦ୍ଧିଜୀବିମାନେ ଦାବୀ କରିଛନ୍ତି ।

୨କ୍ୱିଣ୍ଟାଲରୁ ଅଧିକ ବିଦ୍ୟୁତ ତାର ଜବତ : ଗୋଦାମ ମାଲିକ ଗିରଫ

କଣ୍ଟିଲୋ,(ନିପ୍ର): ଗତକାଲି ସନ୍ଧ୍ୟାରେ ଚଢ଼ାଉ ବେଳେ କଣ୍ଟିଲୋ ପୋଲିସ ରାଜକିଆରୀ ଛକ ନିକଟରେ ଥିବା ଏକ କବାଡି ଗୋଦାମରୁ ୨କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ପରିମାଣର ସିଲଭର ତାର ଜବତ କରିବା ସହିତ ଗୋଦାମ ମାଲିକଙ୍କୁ ଗିରଫ କରିଛି । ଜବତ ସିଲଭର ବିଦ୍ୟୁତ ତାର ସବୁ ଖଣ୍ଡଖଣ୍ଡ କରି ବ୍ୟାଗରେ ଭର୍ତ୍ତି ହୋଇ ରହିଥିଲା । ଏନେଇ ଗୋଦାମ ମାଲିକ କନାସିଙ୍ଗ ଗ୍ରାମର ତ୍ରିଲୋଚନ ସାହୁଙ୍କୁ ପଚରାଉଚରା ପରେ ଆଜି କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ଡାଙ୍ଗ ସୂଚନା ଦେଇଛନ୍ତି ।

କୁଚିଣ୍ଡା ମହାବିଦ୍ୟାଳୟରେ ପିଏମ୍ ଉଷା ଅନ୍ତର୍ଗତ ସେମିନାର



କୁଚିଣ୍ଡା(ନିପ୍ର): କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ପିଏମ ଉଷା ଅନ୍ତର୍ଗତ ଏକ ଆନ୍ତଃ ମହାବିଦ୍ୟାଳୟ ସେମିନାର ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଅଧ୍ୟକ୍ଷ ପ୍ରମୋଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରକୁ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଞ୍ଜୁଶ୍ରୀ ସାହୁ ସଂଯୋଜନା କରିଥିଲାବେଳେ ପିଏମ ଉଷା ଉପ-ନିର୍ଦ୍ଦେଶକ ଦେବଦତ୍ତ ଭୋଇ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାଜନୀତି ବିଭାଗ ମୁଖ୍ୟ ତଥା ପିଏମ ଉଷା ନିର୍ଦ୍ଦେଶକ ଡ. ସୁଧାଂଶୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ସମ୍ବଲପୁର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ଡାଇରେକ୍ଟର ଡ. ମୁରଲୀଧର ମାଝୀ, ଡାଏଟ ସମ୍ବଲପୁର ଅଧ୍ୟକ୍ଷ ଡ. ଗୀତାଞ୍ଜଳି ଭୋଇ ମୁଖ୍ୟ ବକ୍ତା ଓ ଅନ୍ୟତମ ଅତିଥିଭାବେ ହୀରାକୁଦ ମହାବିଦ୍ୟାଳୟ ଅଧ୍ୟାପକ ତଥା ଜିଲ୍ଲା ସଂଯୋଜକ (ପିଏମ ଉଷା) ଡ. ସିଦ୍ଧାନ୍ତ ମହାନ୍ତି, କୁଚିଣ୍ଡା ଚାଇଲ୍ଡ ଲାଇନ ଡାଇରେକ୍ଟର ପ୍ରଦୀପ ମହାକୁଲ ଯୋଗଦାନ କରିଥିଲେ ।

ରୋଟାରୀ କ୍ଲବ ନୟାଗଡ଼ର ୩୭ତମ ପ୍ରତିଷ୍ଠା ଦିବସ

ନୟାଗଡ଼, (ନିପ୍ର): ରୋଟାରୀ କ୍ଲବ ନୟାଗଡ଼ର ୩୭ତମ ପ୍ରତିଷ୍ଠା ଦିବସ ଆଜି ନୟାଗଡ଼ସ୍ଥିତ ରୋଟାରୀ ଭବନଠାରେ ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଯାଇଛି । ଏହି ଅବସରରେ ନୟାଗଡ଼ର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବି. ସୂର୍ଯ୍ୟ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କ୍ଲବର ସଭାପତି ବାସୁଦେବ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କ୍ଲବର ଚାର୍ଟର ସଦସ୍ୟ ସୁବୋଧ ଚନ୍ଦ୍ର ପଟ୍ଟନାୟକ ଓ ଗୋଦାବରୀଶ ସାହୁଙ୍କୁ ସେମାନଙ୍କ ଅବଦାନ ଓ ଦୀର୍ଘଦିନର ସମର୍ପିତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ରୋଟାରିଆନମାନେ ରୋଟାରୀ ସହ ଜଡ଼ିତ ନିଜ ନିଜର ଅନୁଭୂତି ଓ ସ୍ମୃତି ବଖାଣିବା ସହ ସମାଜସେବା କ୍ଷେତ୍ରରେ ରୋଟାରୀର ଭୂମିକା ଏବଂ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଚାର୍ଟର ଡେ ଅବସରରେ କ୍ଲବ ପକ୍ଷରୁ ନୂଆଗାଁ ବ୍ଲକ ଅନ୍ତର୍ଗତ ବିରୁଡ଼ା ଗ୍ରାମସ୍ଥିତ ମା' ରାମଚଣ୍ଡୀ ମନ୍ଦିରରେ ଏକ ଥଣ୍ଡା ପାନୀୟ ଜଳ ବଣ୍ଟନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କୁ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ଯୋଗାଇବାର ଉଦ୍ୟମ କରାଯାଇଛି ।

ମୁଣ୍ଡକୁ ଇଟାରେ ଛେଚି ହତ୍ୟା

ରେଳଧାରଣା କଡରେ ଫିଙ୍ଗି ପ୍ରମାଣ ନଷ୍ଟ ଉଦ୍ୟମ, ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, (ନି.ପ୍ର) : ପାରିବାରିକ କଳହର ସମାଧାନ ପାଇଁ ଡାକି ଜଣେ ଅନ୍ୟ ଜଣଙ୍କୁ ହତ୍ୟା କରିଛି । ଭୁବନେଶ୍ୱରର ସହିଦନଗର ଥାନା ଅନ୍ତର୍ଗତ ତାରିଣୀ ବସ୍ତିରେ ଏଭଳି ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅଞ୍ଚଳର ପଠାଣି ସାହୁ (୪୦) । ଏହି ଘଟଣାରେ ଅଭିଯୁକ୍ତ ସୁରେଶ ସିଂହଙ୍କୁ ପୁଲିସ ଗିରଫ କରିଛି । ଅଭିଯୋଗ ଅନୁଯାୟୀ, ସୁରେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ ବିବାଦ ଲାଗି ରହିଥିଲା । ଏହି କାରଣରୁ ଗତ ୧୫ ଦିନ ହେବ ତାଙ୍କ ପତ୍ନୀ ସୁନ୍ଦରପଦାସ୍ଥିତ ନିଜ ସାନ ଭଉଣୀଙ୍କ ଘରେ ରହୁଥିଲେ । ବିବାଦର ଆପୋସ ସମାଧାନ କରିବା ପାଇଁ ସୁରେଶ ପଠାଣି ସାହୁଙ୍କୁ ସହିଦନଗର ତାରିଣୀ ବସ୍ତିସ୍ଥିତ ଘରକୁ ଡାକିଥିଲେ । ଘଟଣାର ପ୍ରାୟ ୪ ଦିନ ପୂର୍ବରୁ ସୁରେଶ ମୃତକଙ୍କୁ ନିଜ ଘରକୁ ଡାକିଥିଲେ । ଗତ ୬ ତାରିଖ ରାତିରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ଉତ୍ତ୍ୟକ୍ତ ହୋଇ ସୁରେଶ ଏକ ସିମେଣ୍ଟ ଇଟାରେ ପଠାଣିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ପଠାଣିଙ୍କ ମୃତ୍ୟୁ ହୋଇଥିଲା । ହତ୍ୟା ପରେ ଏହାକୁ ଦୁର୍ଘଟଣାର ରୂପ ଦେବା ଓ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ମୃତଦେହକୁ ପ୍ରାୟ ୩୦ ମିଟର ଘୋଷାଡ଼ି ନେଇ ରେଳ ଧାରଣା ନିକଟରେ ଫିଙ୍ଗି ଦେଇଥିଲେ । ଏହା ଜଣାପଡିବା ପରେ ମୃତକଙ୍କ ପୁଅ ବିଟୁଲୁ ସାହୁ ହତ୍ୟାକାଣ୍ଡ ନେଇ ଶହିଦନଗର ଥାନାରେ ଏତଲା ଦେଇଥିଲେ । ଏହାକୁ ଆଧାର କରି ସହିଦନଗର ଥାନାରେ କେସ୍ ନଂ ୫୮୨, ତାରିଖ ୦୭.୧୧.୨୦୨୬, ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧)/୨୩୮ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ: ଯବାନ ଗିରଫ

ଭୁବନେଶ୍ୱର, (ନି.ପ୍ର) : ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଜଣେ ଏସଓଜି ଯବାନଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଏଓଜି ଯବାନ ପୂର୍ଣ୍ଣଚନ୍ଦ୍ର ମହାନ୍ତି । ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କ ଘର ଯାଜପୁର ଜିଲ୍ଲାରେ । ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପୀଡିତାଙ୍କ ଏତଲା ପାଇ ନୟାପଲ୍ଲୀ ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା ଦଫା ୬୯ରେ ଏକ ମାମଲା (ନଂ.୯୦୨/୨୦୨୬) ରୁଜୁ କରାଯାଇଛି । ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୋଲିସ ସୂଚନା ଅନୁଯାୟୀ, ୨୩ ବର୍ଷୀୟା ପୀଡିତାଙ୍କୁ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ପ୍ରେମ କରୁଥିଲେ । ଏଥିସହିତ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ । ବେଶ କିଛିଦିନ ଧରି ବିଭିନ୍ନ ଆଡେ ବୁଲାଇବା ପରେ ତାଙ୍କ ସହ ପ୍ରତାରଣ କରିଥିଲେ । ଯୁବତୀ ଜଣକ ବିବାହ କରିବାକୁ ଜିଦ ଧରିବାରୁ ସେ ତାଙ୍କୁ ଧମକଚମକ ଦେଇଥିଲେ । ତେବେ ଶେଷ ଥର ତଥା ଅକ୍ଟୋବର ୨୮ ତାରିଖରେ ପୀଡିତାଙ୍କ ସହ ନୂଆପଲ୍ଲୀର ଏକ ଲଜରେ ଶାରିରୀକ ସମ୍ପର୍କ ରଖିଥିବାରୁ ଯୁବତୀ ଜଣକ ଏନେଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତଦନ୍ତ ବେଳେ ଘଟଣାର ସତ୍ୟାସତ୍ୟ ଜଣାପଡିବାରୁ ଆଜି ଯବାନଙ୍କୁ ଗିରଫ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଅପରାଧିକ ମାମଲାରେ ଫସି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏକାଧିକ ପୋଲିସ କର୍ମଚାରୀ ଗିରଫ ହୋଇଛନ୍ତି । ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗରେ ଗତ ଅଗଷ୍ଟ ଶେଷ ସପ୍ତାହରେ ଭଦ୍ରକ ଟାଉନ ଥାନା ଏସଆଇ ଗଣନାଥ ସେଠୀ ଗିରଫ ହୋଇଥିଲେ । ଭଦ୍ରକ ଟାଉନ ଥାନା ପକ୍ଷରୁ ଗଣନାଥଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା । ଗଣନାଥଙ୍କ ଘର ନୟାଗଡ଼ ଜିଲା ଦଶପଲ୍ଲାରେ ବୋଲି ଜଣାପଡିଛି ।

କୋର୍ଟ ପରିସରରେ ମହିଳାଙ୍କ ଉନ୍ମତ୍ତ କାଣ୍ଡ; ଲୁହାଛଡ଼ରେ କଲେ ଆକ୍ରମଣ

ଝରିଗାଁ/ନବରଙ୍ଗପୁର: ନବରଙ୍ଗପୁର ଜିଲ୍ଲା ଝରିଗାଁ ଜେଏମଏଫସି କୋର୍ଟ ପରିସରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏକ ମାମଲାର ଅଭିଯୋଗକାରିଣୀ ମହିଳା ବ୍ୟାଗରେ ଲୁହା ଛଡ଼ ଲୁଚାଇ ଆଣି ବିଚାରପତି ସ୍ମିତା ଲାକ୍ରା, ସହକାରୀ ସରକାରୀ ଓକିଲ (ଏପିପି) ପ୍ରଦୀପ କୁମାର ପଟ୍ଟନାୟକ ଏବଂ କୋର୍ଟ ଏଏସଆଇ ମୀନକେତନ ଗନ୍ତାୟତଙ୍କ ଉପରକୁ ପ୍ରାଣାନ୍ତକ ଆକ୍ରମଣ କରି ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି ବୋଲି କହିଛନ୍ତି ଝରିଗାଁ ଥାନା ଅଧିକାରୀ ରଚିତା ମାଡକାମୀ । ଏନେଇ ଝରିଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଝରିଗାଁ ବ୍ଲକର କରଷାହାଣ୍ଡି ଗ୍ରାମର ସନମତି ମାଝୀ(ଅଙ୍ଗନୱାଡୀ କର୍ମୀ) ନାମକ ଜଣେ ମହିଳାଙ୍କର ଯୌତୁକ ନିର୍ଯାତନା ତଥା ଘରୋଇ ହିଂସା ସମ୍ପର୍କିତ ଏକ ମାମଲା ଏହି କୋର୍ଟରେ ବିଚାରାଧୀନ ରହିଛି । ଗତ ଦୁଇ ତାରିଖ ଦିନ ଏହି ମାମଲାର ଶୁଣାଣୀ ଝରିଗାଁ ଜେଏମଏଫସି କୋର୍ଟରେ ରହିଥିଲା । ଉକ୍ତ ଦିନ ମହିଳା ଜଣକ ଅନୁପସ୍ଥିତ ରହିଥିଲେ । ଆଜି ଦିନ ପ୍ରାୟ ୧ଟା ସମୟରେ, ସାକ୍ଷୀମାନଙ୍କ ଜେରା କାର୍ଯ୍ୟ ଶେଷ କରି ଏପିପି ଶ୍ରୀ ପଟ୍ଟନାୟକ ବାର୍ ରୁମ୍‌କୁ ଆସିଥିଲେ । ସେଠାରେ 'ଜି.ଆର ୧୪/୨୦୨୬' ମାମଲାର ଅଭିଯୋଗକାରିଣୀ ସନ୍‌ମତି ମାଝୀଙ୍କ ସହ ହୋଇଥିଲା । ଶ୍ରୀ ପଟ୍ଟନାୟକ ଫୋନ୍‌ରେ କଥା ହେଉଥିବା ସମୟରେ, ଅଭିଯୁକ୍ତ ସନମତି ହଠାତ୍ ବିନା କୌଣସି କାରଣରେ ଏକ ଲୁହା ରଡ୍ ଦ୍ୱାରା ଏପିପି ମୁଣ୍ଡକୁ ଆଘାତ କଲେ ଏବଂ ଘଟଣାସ୍ଥଳରୁ ପଳାଇବାକୁ ଚେଷ୍ଟା କଲେ । ଏଥିରେ ଏପିପିଙ୍କ ମୁଣ୍ଡ ଫାଟିଯାଇ ରକ୍ତାକ୍ତ ହୋଇଥିଲେ । କୋର୍ଟ କର୍ମଚାରୀ, ଅନ୍ୟ ସାକ୍ଷୀମାନେ ଏବଂ ଝରିଗାଁର ମାନ୍ୟବର ଜେ.ଏମ୍.ଏଫ୍.ସି. ସ୍ମିତା ଲାକ୍ରା ଏପିପିଙ୍କୁ ଉଦ୍ଧାର କରିବାକୁ ଆସିଥିଲେ ।

୩୦ ହଜାର ନେଇ ଧରାପଡ଼ିଲେ ଆଇଟିଆଇର ଅଧ୍ୟକ୍ଷ ସୁରେଶ କୁମାର

ଚଢ଼ାଉ ବେଳେ ପୁଳାପୁଳା ସଂପତ୍ତି ଠାବ, ନଗଦ ୫.୧୬ ଲକ୍ଷ ଟଙ୍କା ଜବତ

କଟକ(ନିପ୍ର): ଅତିଥି ଇନ୍‌ଷ୍ଟ୍ରକ୍ଟରଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ବଲାଙ୍ଗିର ସରକାରୀ ଆଇଟିଆଇର ଅଧ୍ୟକ୍ଷ ସୁରେଶ କୁମାର ଦଳବେହେରା ଠୁଳ କରିଛନ୍ତି ପୁଳାପୁଳା ସମ୍ପତ୍ତି । ତାଙ୍କର ଏକାଧିକ ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିବା ପରେ ସାମ୍ନାକୁ ଆସିଛି ତାଙ୍କର ସମ୍ପତ୍ତି ସଂପର୍କିତ ତଥ୍ୟ । ଅଧ୍ୟକ୍ଷ ଶ୍ରୀ ଦଳବେହେରା ଓ ତାଙ୍କ ପରିବାର ଲୋକଙ୍କ ନାଁରେ ୨ଟି କୋଠା ଓ ୧୧ଟି ମୂଲ୍ୟବାନ ପ୍ଲଟ ଥିବା ବେଳେ ତାଙ୍କ ଘରୁ ୨୬୨ ଗ୍ରାମ ସୁନା ଅଳଙ୍କାର, ଅଢ଼େଇ କେଜି ରୁପା ସହିତ ନଗଦ ୫ ଲକ୍ଷ ୧୬ ହଜାର ଟଙ୍କା ଜବତ କରାଯାଇଛି । ତାଙ୍କର ଗୋଟିଏ କାର ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି । ୨ଟି କୋଠା ମଧ୍ୟରୁ ଗୋଟିଏ ହେଉଛି ଦ୍ୱିମହଲା, ଯାହା ରାଉରକେଲାରେ ଅଛି । ୧୧ଟି ମୂଲ୍ୟବାନ ପ୍ଲଟ୍‌ଗୁଡ଼ିକ ରାଉରକେଲା, ସୁନ୍ଦରଗଡ଼, ଜଟଣୀ, କଟକ ଓ କେନ୍ଦ୍ରାପଡ଼ାର ମହାକାଳପଡ଼ାରେ ଅଛି । ଅଧ୍ୟକ୍ଷ ଶ୍ରୀ ଦଳବେହେରାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ଏତେ ସମ୍ପତ୍ତି କିପରି ଠୁଳ କଲେ, ତା'ର ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ । ବଲାଙ୍ଗିର ସରକାରୀ ଆଇଟିଆଇର ୯ ଜଣ ଅତିଥି ଇନ୍‌ଷ୍ଟ୍ରକ୍ଟରଙ୍କୁ ମୋଟ ୧ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଅତିଥି ଇନ୍‌ଷ୍ଟ୍ରକ୍ଟର ଭାବେ ଆଗକୁ ସେମାନଙ୍କୁ ନିୟୋଜିତ କରି ରଖିବାକୁ ତଥା ନିୟମିତ ଭାବେ ଦରମା ପ୍ରଦାନ କରିବାକୁ ସେ ଏହି ଲାଞ୍ଚ ମାଗିଥିଲେ । ଲାଞ୍ଚ ନଦେଲେ ସେମାନଙ୍କୁ ଦରମା ନଦେବାକୁ ତଥା ବାହାର କରି ଦେବାକୁ ଅଧ୍ୟକ୍ଷ ଶ୍ରୀ ଦଳବେହେରା ଧମକ ଦେଇଥିଲେ । ଅନ୍ୟ କୌଣସି ଉପାୟ ନପାଇ ଏହି ଅତିଥି ଇନ୍‌ଷ୍ଟ୍ରକ୍ଟରମାନେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଯୋଜନା ପ୍ରକାରେ ଗତକାଲି ଜଣେ ଅତିଥି ଇନ୍‌ଷ୍ଟ୍ରକ୍ଟର ଅଧ୍ୟକ୍ଷଙ୍କୁ ଭେଟି ୩୦ ହଜାର ଟଙ୍କା ଦେଇଥିଲେ । ଏହା ଥିଲା ସେ ମାଗିଥିବା ୧ ଲକ୍ଷ ୧୫ ହଜାର ଟଙ୍କର ପ୍ରଥମ କିସ୍ତି । ସେ ବଲାଙ୍ଗିର ରେଳ ଷ୍ଟେସନରେ ଏହି ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା । ଏହା ପରେ ଅଧ୍ୟକ୍ଷ ଶ୍ରୀ ଦଳବେହେରାଙ୍କ ୩ଟି ଠିକଣାରେ ଚଢ଼ାଉ କରାଯାଇଥିଲା । ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଅଧ୍ୟକ୍ଷଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି ।

୭ ହଜାର ଲାଞ୍ଚ ପାଇଁ ଜେଲ୍

କୋର୍ଟ ଚାଲାଣ ହେଲେ ବାଲିଆପାଳ ସବ ରେଜିଷ୍ଟ୍ରାର

କଟକ(ନିପ୍ର): ଭିଜିଲାନ୍ସ ଜାଲରେ ସବ୍ ରେଜିଷ୍ଟ୍ରାର । ଜମିର ବିକ୍ରୟ କବଲା ପଞ୍ଜୀକରଣ ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲିଆପାଳ ସବ୍-ରେଜିଷ୍ଟ୍ରାର ମନୀଷା ମିଶ୍ରଙ୍କୁ ରଙ୍ଗେହାତ ଧରିଛି ଓଡ଼ିଶା ଭିଜିଲାନ୍ସ । ପୂର୍ବରୁ ସେ ଏଥିପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ । ପରେ କ୍ରେତାଙ୍କ ସହ କଥାବାର୍ତ୍ତା କରି ୭ ହଜାର ଟଙ୍କାରେ ରାଜି ହୋଇଥିଲେ । କ୍ରେତାଙ୍କ ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ତାଙ୍କୁ କାବୁ କରିବା ସହ ସମ୍ପୂର୍ଣ୍ଣ ଟଙ୍କା ଜବତ କରିଛି । ମନୀଷା ମିଶ୍ର ନାମକ ଜଣେ ନବନିଯୁକ୍ତ ପ୍ରୋବେସନାରୀ ସବ୍-ରେଜିଷ୍ଟ୍ରାରଙ୍କ ନାଁ ମଧ୍ୟ ଲାଞ୍ଚ ମାମଲାରେ ସାମ୍ନାକୁ ଆସିଛି । ଜମି କିଣିଥିବା ଜଣେ ବ୍ୟକ୍ତିଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଧରିଥିବା ସୂଚନା ମିଳିଛି । ଚାକିରି ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଏଭଳି ଅଭିଯୋଗ ଉଠିବା ନିଶ୍ଚିତ ଭାବେ ଚିନ୍ତାଜନକ । ଜମି ରେଜେଷ୍ଟ୍ରି କରିବା ପାଇଁ ସବରେଜିଷ୍ଟର ମନିଷା ମିଶ୍ର ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଛି ଭିଜିଲାନ୍ସ । ଚଢ଼ଉ ସମୟରେ ବାରିପଦା ଭିଜିଲାନ୍ସ ବିଭାଗର ୮ ଜଣିଆ ଟିମ ଥିଲେ । ଟଙ୍କା ଜବତ ସହ ତାଙ୍କୁ ଗିରଫ କରାଯାଇଛି । ସବୁଠୁ ବଡ଼ କଥା ହେଲା ମନିଷାଙ୍କର ମାତ୍ର ୨ ବର୍ଷର ଚାକିରି । ଏପରିକି ପ୍ରୋବେସନ ପିରିୟଡ ବି ସରିନି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳରେ ସବ ରେଜିଷ୍ଟର ଦୀର୍ଘ ୮ ମାସ ଧରି କାର୍ଯ୍ୟ କରି ଆସୁଛନ୍ତି ମନୀଷା ମିଶ୍ର । ସେ ବିଭିନ୍ନ ସମୟରେ ବିଭିନ୍ନ କାମ ପାଇଁ ଲାଞ୍ଚ ନେଉଥିବା ଅଭିଯୋଗ ଥିଲା । କିନ୍ତୁ ସବୁଦିନ ସମୟ ସମାନ ନୁହେଁ । ବାଲିଆପାଳ ଅଞ୍ଚଳର ଜ୍ଞାନ ରଞ୍ଜନ ପାତ୍ରଙ୍କର ଜମିରେ ରେଜେଷ୍ଟ୍ରି କରିବା ପାଇଁ ସବ ରେଜିଷ୍ଟର ମନୀଷା ମିଶ୍ର ୧୦ ହଜାଇ ଟଙ୍କା ଲାଞ୍ଚ ମାଗିଥିଲେ । ପରବର୍ତ୍ତୀ ସମୟରେ ୭ ହଜାର ଟଙ୍କାରେ ଡିଲ ଫାଇନାଲ ହୋଇଥିଲା । ଏନେଇ ଜ୍ଞାନ ବାରିପଦା ଭିଜିଲାନ୍ସ ବିଭାଗକୁ ଜଣାଇ ଥିଲେ । ପାଖାପାଖି ମଧ୍ୟାହ୍ନ ସମୟରେ ଜ୍ଞାନ ହଜାର ଟଙ୍କା ନେଇ ସବ ରେଜିଷ୍ଟର ମନୀଷା ମିଶ୍ରଙ୍କ ପାଖକୁ ଆସିଥିଲେ । ଟଙ୍କା ଦେଇଥିଲେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଭିଜିଲାନ୍ସ ବିଭାଗର ୮ ଜଣିଆ ଟିମ ମାଡି ବସିଥିଲା । ବାଲେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି । ୨୦୨୪ରେ ଚାକିରିରେ ଯୋଗ ଦେଇ ପ୍ରୋବେସନରେ ଥିବା ଏହି ଅଧିକାରୀଙ୍କ ବିରୋଧରେ ତଦନ୍ତ ଜାରି ଥିବା ନେଇ ଭିଜିଲାନ୍ସ ଏସପି ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି ।

ଚୋରା ଚାଲାଣ ପଣ୍ଡ: ୨୩୦ କଇଁଛ ଜବତ, ୨ ଅଟକ

ପିପିଲି: ପିପିଲିରେ ବଡ଼ଧରଣର ଚୋରା ଚାଲାଣ ପଣ୍ଡ । ୨୩୦ କଇଁଛ ଜବତ, ୨ ଅଟକ । ପୁରୀରୁ ପଶ୍ଚିମବଙ୍ଗ ଚାଲାଣ ବେଳେ ଧରାପଡ଼ିଲା କାର୍ । ୮ ବସ୍ତା କଇଁଛ ଜବତ କଲା ପିପିଲି ପୋଲିସ । ପିପିଲି ଟୋଲ୍ ଗେଟ୍ ନିକଟରେ ଚେକିଂ ବେଳେ ମାଡ଼ିବସିଲା ପୋଲିସ । ପଶ୍ଚିମବଙ୍ଗ ଲିଙ୍କ୍ ଖୋଜୁଛି ପୋଲିସ । ୨୩୦ କଇଁଛ ଜବତ । ପଶ୍ଚିମବଙ୍ଗ ଚାଲାଣ ବେଳେ ପିପିଲି ପୋଲିସ ଦ୍ୱାରା ୨୩୦ କଇଁଛ ଜବତ । ଚୋରା ଚାଲାଣ ବେଳେ ୨ ଅଟକ । ପୁରୀରୁ ଭୁବନେଶ୍ୱର ଯାଉଥିବା ପଶ୍ଚିମବଙ୍ଗର ଏକ କାରରୁ ପିପିଲି ପୋଲିସ ଏହି କଇଁଛ ଜବତ କରିଛି । ପିପିଲି ଟୋଲ ଗେଟ ନିକଟରେ ପିପିଲି ପୋଲିସର ଚେକିଂ ଚାଲୁଥିବା ସମୟରେ ଏହି ଗାଡ଼ିଟି ଆସିଥିଲା । ଏହାକୁ ଚେକିଂ ସମୟରେ କାର ଭିତରୁ ୮ ବସ୍ତା କଇଁଛ ବାହାରିଥିଲା ।

ଗୁରୁତର ଆହତ ଆଦିବାସୀ ଯୁବକର ଡାକ୍ତରଖାନାରେ ମୃତ୍ୟୁ

ଆଠଗଡ଼,(ନିପ୍ର): ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ବାଳିଠାରେ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଥିବା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ଶବର ସାହିର ମାନସ ଦେହୁରୀ (୨୬)ଙ୍କର ଗତକାଲି କଟକ ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି । ସେ ଗତ ଦେଢ଼ ବର୍ଷ ତଳେ ବିବାହ କରିଥିଲେ । ଗତ ଗୁରୁବାର ରାତିରେ କଟକ ବଡ଼ ଡାକ୍ତରଖାନାରୁ ଭଉଣୀର ସ୍ୱାସ୍ଥ୍ୟ ଖବର ବୁଝି ବାଇକରେ ଘରକୁ ଫେରୁଥିବା ବେଳେ ଗୁରୁଡିଝାଟିଆ ଥାନା ନିକଟ ବାଳି ବଜାର ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ଆହତ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ବାଳି ବଜାରର କେତେକ ଯୁବକ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେବା ସହିତ ଆମ୍ବୁଲାନ୍ସ ଡାକି କଟକ ପଠାଇ ଦେଇଥିଲେ । ଗୁରୁଡିଝାଟିଆ ଆଇଆଇସି ଘଟଣା ସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହିତ ଏକ ମାମଲା କରିଥିଲେ । ମାନସ ଗତକାଲି ଭୋର ସମୟରେ ସେଠାରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିବା ପରେ ତାର ମୃତ ଦେହ ବ୍ୟବଛେଦ କରି ପରିବାର ଲୋକଙ୍କୁ ଦେଇଥିଲେ ।

ପୋଲିସ ପକ୍ଷରୁ ହେଭେନ୍ ସ୍ପା ସେଣ୍ଟରରେ ଚଢଉ : ୪ ଅଟକ

ପୁରୀ, (ନିପ୍ର): ପୁରୀ ସହରର ସମୁଦ୍ରକୂଳ ଥାନା ଅଧୀନସ୍ଥ ସିଟି ରୋଡ୍ ନିକଟସ୍ଥ ହେଭେନ୍ ସ୍ପା ସେଣ୍ଟରରେ ଅନୈତିକ କାର୍ଯ୍ୟକଳାପ ଚାଲିଥିବା ସମ୍ପର୍କରେ ସୂଚନା ପାଇ ସମୁଦ୍ରକୂଳ ଥାନା ପୋଲିସ ଚଢ଼ଉ କରିଥିଲା । ଏହି ଚଢ଼ଉ ସମୟରେ ଘଟଣାସ୍ଥଳରୁ ଜଣେ ଗ୍ରାହକ ଅଭିଯୁକ୍ତ, ଜଣେ ରିସେପ୍ସନିଷ୍ଟଙ୍କୁ ଧରାଯାଇଥିବା ବେଳେ ଦୁଇ ଜଣ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇଥିଲା । ଘଟଣା ସମ୍ପର୍କରେ ସି ବିଚ ଥାନା ପୋଲିସ ପକ୍ଷରୁ ୩୬୯/୨୬ ରେ କେସ ରେଜିଷ୍ଟର ହୋଇ ତଦନ୍ତ ଜାରି ରହିଛି । ଏହି କାର୍ଯ୍ୟକଳାପରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ କରାଯାଉଛି । ପୀଡ଼ିତାଙ୍କ ସୁରକ୍ଷା ଓ ଆବଶ୍ୟକୀୟ ସହାୟତା ନିମନ୍ତେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି ।

ରୋମାଞ୍ଚକର ମୁକାବିଲାରେ ଭାରତ ବିଜୟୀ

୧୧୩ ରନ୍‌ରେ ପଡ଼ିଥିଲା ୭ ୱିକେଟ୍, ଶୃଙ୍ଖଳା ୨-୦ରେ ଅଗ୍ରଣୀ

ୱେଲିଂଟନ୍,୭।୧୧: ଭାରତୀୟ କ୍ରିକେଟ୍ ଟିମ୍ ନିଜର ପ୍ରଶଂସକମାନଙ୍କୁ ଦୀପାବଳି ଭେଟି ଦେଇଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୱେଲିଂଟନରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଭାରତ ବିଜୟୀ ହୋଇଛି। ଛୋଟ ଲକ୍ଷ୍ୟକୁ ଭାରତ ସହଜରେ ବିଜୟ ହାସଲ କରିଛି। ବର୍ଷା ବାଧିତ ମ୍ୟାଚ୍‌ରେ ଡିଏଲ୍‌ଏସ୍ ନିୟମ ଅନୁଯାୟୀ ଫଳାଫଳ ଘୋଷଣା କରାଯାଇଛି। ଭାରତ ଏହି ମୁକାବିଲାକୁ ୪ ରନ୍‌ର ଜିତିଛି। ଏଥି ସହିତ ଶୃଙ୍ଖଳାର ୨-୦ରେ ଅଗ୍ରଣୀ ହାସଲ କରିଛି। ୧୩୫ ରନ୍‌ର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ୨୬ ଓଭରରେ ୭ଟି ୱିକେଟ୍ ହରାଇ ୧୧୩ ରନ୍ ସଂଗ୍ରହ କରିଥିଲା। ଏହି ସମୟରେ ବର୍ଷା ଆରମ୍ଭ ହୋଇଯାଇଥିଲା, ଯେଉଁଥି ପାଇଁ ମ୍ୟାଚ୍‌କୁ ପୁଣି ସ୍ଥଗିତ କରାଯାଇଥିଲଶ। ଭାରତକୁ ବିଜୟ ପାଇଁ ୧୫ ଓଭରରେ ୨୨ ରନ୍ ଦରକାର ଥିଲା।



ତେବେ ଡିଏଲ୍‌ଏସ୍ ନିୟମ ଅନୁଯାୟୀ ଭାରତକୁ ବିଜୟ ଠାରୁ ୪ ରନ୍ ଆଗୁଆ ଥିଲା। ଭାରତ ପାଇଁ ରୋହିତ ଶର୍ମା ୨୩ ରନ୍, ଏ ଶ୍ରେୟସ ଆୟର ୩୦ ରନ୍, କେଏଲ୍ ରାହୁଲ ୨୬ ରନ୍, ନମନ ଧୀର ୧୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ବ୍ୟାଟିଂରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଡେରିଲ ମିଚେଲ ଏବଂ ମିଚେଲ ସାଣ୍ଟନରଙ୍କ ବ୍ୟତୀତ ଘରୋଇ ଦଳର ଅନ୍ୟ ଖେଳାଳିମାନେ ଭଲ ବ୍ୟାଟିଂ କରିପାରି ନାହାନ୍ତି। କିୱି ଦଳ ୪୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା। ଫଳରେ ଭାରତକୁ ଏହି ମୁକାବିଲା ଜିତିବା ପାଇଁ ୧୩୫ ରନ୍ ଦରକାର ଥିଲା। ଭାରତ ପାଇଁ ଗୁରନୁର ବ୍ରାରର ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ଆକିବ ନବି, ଅଂଶୁଲ କମ୍ବୋଜ ଏବଂ ଅକ୍ଷର ପଟେଲଙ୍କୁ ୨-୨ ୱିକେଟ୍ ମିଳିଥିଲା। ଡେରିଲ ମିଚେଲ ୫୫ ରନ୍ ସଂଗ୍ରହ କରିଥିଲେ। ସେ ୧୦୪ଟି ବଲ୍ ଖେଳି ୫ଟି ଚେ?କା ଏବଂ ୨ଟି ଛକା ମାରିଥିଲେ। ମିଚେଲ ସାଣ୍ଟନରଙ୍କ ବ୍ୟାଟରୁ ୩୧ ରନ୍ ଆସିଥିଲେ। ସେ ୩୮ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ଷଷ୍ଠ ୱିକେଟରେ ୫୯ ରନ୍‌ର ଭାଗିଦାରୀ କରିଥିଲା। ସ୍କୋର ୧୧୨ ରନ୍‌ରେ ଡେରିଲ ମିଚେଲ ଆଉଟ ହେଲା ପରେ ଦଳର ବିପର୍ଯ୍ୟୟ ଖୁବ ଶୀଘ୍ର ହୋଇଥିଲା। କିୱି ଦଳର ୧୧୯ ରନ୍‌ରେ ମିଚେଲ ସାଣ୍ଟନର, ୧୨୭ରେ କାଏଲ ଜେମିସନ ଏବଂ ୧୩୨ ରନ୍‌ରେ ନାଥାନ ସ୍ମିତ ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡ ୫୩ ରନ୍‌ରେ ଦୁଇ ଜଣ ବିସ୍ଫୋରକ ବ୍ୟାଟର (ଟମ ଲଥାମ ଏବଂ ଗ୍ଲେନ ଫିଲିପ୍ସ)ଙ୍କୁ ହରାଇଥିଲା। ଲଥାମ ମାତ୍ର ୭ ରନ୍ ସଂଗ୍ରହ କରି ପାଭିଲିଅନକୁ ଫେରିଥିଲେ। ସେହିପରି ଫିଲିପ୍ସ ଖାତା ଖୋଲିପାରି ନଥିଲେ। ଏହା ପୂର୍ବରୁ ଦଳ ସ୍କୋର ୨୩ ରନ୍‌ରେ ଘରୋଇ ଦଳ ଆଗଧାଡ଼ିର ୩ ଜଣ ଖେଳାଳିଙ୍କୁ ହରାଇଥିଲା। ପ୍ରାରମ୍ଭିକ ବ୍ୟାଟର ୱିଲ ୟଙ୍ଗ ୬ ରନ୍, ଟିମ୍ ସେଫର୍ଟ ଶୂନ୍ୟ ରନ୍ ଏବଂ ହେନରୀ ନିକୋଲ୍ସ ୧୧ ରନ୍‌ରେ ଆଉଟ୍ ହୋଇଛନ୍ତି। ଦଳ ୧ ରନ୍‌ରେ ପ୍ରଥମ, ୧୧ ରନ୍‌ରେ ଦ୍ୱିତୀୟ ଏବଂ ୨୩ ରନ୍‌ରେ ତୃତୀୟ ୱିକେଟ୍ ହରାଇଥିଲା। ଷଷ୍ଠ ଓଭରର ଚତୁର୍ଥ ବଲ୍‌ରେ ଆକିବ୍ ନବି ୱିଲ୍ ୟଙ୍ଗଙ୍କୁ ଆଉଟ୍ କରିଛନ୍ତି। ନବି ମଧ୍ୟ ପ୍ରଥମ ୱିକେଟ୍ ନେଇଥିଲେ। ନବମ ଓଭରର ଚତୁର୍ଥ ବଲ୍‌ରେ ଅଂଶୁଲ୍ କମ୍ବୋଜ୍ ନ୍ୟୁଜିଲାଣ୍ଡର ତୃତୀୟ ୱିକେଟ୍ ନେଇ ଦିନର ତାଙ୍କର ପ୍ରଥମ ୱିକେଟ୍ ନେଇଛନ୍ତି।

କଣ୍ଟିଲୋ ପ୍ରିମିୟର ଲିଗ : ରୟାଲ କିଙ୍ଗସ ଓ ବିକାଶ ୱାରିୟର୍ସ ବିଜୟୀ



କଣ୍ଟିଲୋ,୭।୧୧(ନି.ପ୍ର): କଣ୍ଟିଲୋ ପଲଟନ ପଡିଆଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ୨୦ତମ ଲିଗ ପର୍ଯ୍ୟାୟ ମ୍ୟାଚରେ ରୟାଲ କିଙ୍ଗସ ଓ ୨୧ତମ ମ୍ୟାଚରେ ବିକାଶ ୱାରିୟର୍ସ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୨ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ଟସ ଜିତି ଦିପୁ କିଙ୍ଗସ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂକରି ରୟାଲ କିଙ୍ଗସ ୫ ଉଇକେଟ ବିନିମୟ ରେ ୧୬୬ରନ ସଂଗ୍ରହ କରିଥିଲା। ଜବାବରେ ଦିପୁ କିଙ୍ଗସ ସମାନ ଓଭର ଖେଳି ୬ଉଇକେଟ ରେ ୧୫୦ରନରେ ସୀମିତ ରହିଥିଲା। ରୟାଲ କିଙ୍ଗ ର ଜ୍ୟୋତି ରଞ୍ଜନ ବରାଳ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ତଥା ୨୧ତମ ଲିଗ ମ୍ୟାଚ ରେ ବିକାଶ ୱାରିୟର୍ସ ,ଆର କ୍ଲବ ଇଲେଭେନକୁ ୯ଉଇକେଟ ରେ ପରାସ୍ତ କରିଛି। ୧୨ ଓଭର ବିଶିଷ୍ଟ ମ୍ୟାଚ ରେ ଟସ ଜିତି ବିକାଶ ୱାରିୟର୍ସ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା।ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ ଆର କ୍ଲବ ଇଲେଭେନ ୧୨ଓଭର ରେ ଟିମ ୯ଉଇକେଟ ବିନିମୟରେ ୮୭ ରନ ସଂଗ୍ରହ କରିଥିଲା। ଜବାବ ରେ ବିକାଶ ୱାରିୟର୍ସ ୭. ୫ଓଭର ରେ ମାତ୍ର ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ବିଜୟୀ ଟିମ ର ସିପୁନ ସ୍ୱାଇଁ ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ।

ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଅଭିଯୋଗ: ଅଭିଯୁକ୍ତ କୋର୍ଟ ଚାଲାଣ



କାକଟପୁର,୭।୧୧(ନିପ୍ର): କାକଟପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲତାହାରଣ ମଣ୍ଡଳ ସଭାପତି ରାକେଶ କୁମାର ବିଶ୍ୱାଳଙ୍କୁ ଆକ୍ରମଣ ଓ ଲୁଟ୍ ଅଭିଯୋଗ ଘଟଣାରେ କାକଟପୁର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋକୁଳପୁର ଗ୍ରାମର ଅଭି ଓରଫ ଅଭିରାମ ବିଶ୍ୱାଳ (୨୫)। ପୁଲିସ ସୂଚନା ଅନୁଯାୟୀ, ଲତାହାରଣ ଗ୍ରାମର ରାକେଶ କୁମାର ବିଶ୍ୱାଳ (୩୬) ଗତ ୬ ତାରିଖରେ ବିଭିନ୍ନ ଜନସମସ୍ୟା ନେଇ କାକଟପୁର ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟାଳୟରୁ ଫେରିବା ସମୟରେ ମୋଟରସାଇକେଲ ଷ୍ଟାର୍ଟ କରୁଥିବା ବେଳେ ଏକ ଗୋଷ୍ଠୀର କିଛି ବ୍ୟକ୍ତି ତାଙ୍କ ନିକଟକୁ ଆସି ମାଡ଼ ମାରିଥିବା ଏବଂ ଭବିଷ୍ୟତରେ ବ୍ଲକ୍ କାର୍ଯ୍ୟାଳୟକୁ ନ ଆସିବା ପାଇଁ ଧମକ ଦେଇଥିବା ସେ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଆକ୍ରମଣରେ ତାଙ୍କ ଛାତି ଓ ମୁଣ୍ଡରେ ଆଘାତ ଲାଗିଥିବା ମଧ୍ୟ ଅଭିଯୋଗ ହୋଇଛି। ଏଥିସହ ଆକ୍ରମଣକାରୀ ମାନେ ତାଙ୍କ ହାତଘଣ୍ଟା, ପ୍ରାୟ ୨୦ ଗ୍ରାମ ଓଜନର ସୁନାଚେନ୍, ନଗଦ ୬ ହଜାର ଟଙ୍କା ଏବଂ ପର୍ସରେ ଥିବା କେତେକ କାଗଜପତ୍ର ଜୋରଜବରଦସ୍ତ ନେଇ ଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ କାକଟପୁର ଥାନା ପୁଲିସ କେସ୍ ନଂ ୪୧୩, ତାରିଖ ୦୬.୧୧. ୨୦୨୬ରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଭିଯୋଗକାରୀ ଓ ଅନ୍ୟ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲା। ଆହତ ରାକେଶଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ବେଳେ ଡାକ୍ତରୀ ରିପୋର୍ଟ ଅପେକ୍ଷାରେ ରହିଛି। ଏହି ମାମଲାରେ ଅଭିଯୁକ୍ତ ଅଭି ଓରଫ ଅଭିରାମ ବିଶ୍ୱାଳଙ୍କୁ ଗିରଫ କରାଯାଇ କାକଟପୁର ଜେଏମ୍‌ଏଫ୍‌ସି ଅଦାଲତକୁ ବିଚାର ପାଇଁ ପଠାଯାଇଛି। ଘଟଣାର ଅନ୍ୟ ଦିଗ ଓ ଅଭିଯୋଗର ସତ୍ୟାସତ୍ୟ ନେଇ ପୁଲିସର ଅଧିକ ତଦନ୍ତ ଜାରି ରହିଛି।

ଅବକାରୀ ବିଭାଗର ଚଢ଼ାଉ: ବିପୁଳ ପରିମାଣରେ ଗୁଟଖା ଜବତ

ଭାପୁର,୭।୧୧(ନିପ୍ର): ନୟାଗଡ଼ ଜିଲ୍ଲା ଇନଫୋର୍ସମେଣ୍ଟ ଟିମ ସହିତ ଖଣ୍ଡପଡା ଅବକାରୀ ବିଭାଗର ମିଳିତ ଚଢ଼ାଉ ଭାପୁର ଅଞ୍ଚଳରେ ଶନିବାର ଦେଖିବାକୁ ମିଳିଥିଲା। ଟିମର ମୁଖ୍ୟ ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡା ଅବକାରୀ ଇନ୍ସପେକ୍ଟର ସତ୍ୟପ୍ରିୟ ସ୍ୱାଇଁ, ଦୀନବନ୍ଧୁ ସାହୁଙ୍କ ସହିତ ଅବକାରୀ କର୍ମଚାରୀ ବୃନ୍ଦ ବାହାଡା ଛକ ଏବଂ ଭାପୁର ବ୍ଲକ ବିଜିପୁର ଗ୍ରାମର ଏକ ଗୋଦାମ ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଗୁଟୁଖା ଜବତ କରିବା ସହିତ ୩୪୦୦ ଟଙ୍କା କୋଟପା ଜୋରିମନା ଆଦାୟ କରିଥିବା ଅବକାରୀ ବିଭାଗ ତରଫରୁ ପ୍ରକାଶ। ଏହି ଚଢ଼ାଉ ସମୟରେ ଫତେଗଡ଼ ପୋଲିସ ସହାୟତା କରିଥିଲେ।

ପୋଲିସ୍ ଏସଆଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମୁନିଗୁଡ଼ା,୭।୧୧:କ୍ୱାର୍ଟର୍ସରେ ଝୁଲନ୍ତା ଅବସ୍ଥାରେ ପୋଲିସ୍ ଏସଆଇଙ୍କ ମୃତଦେହ ଉଦ୍ଧାର ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି। ରାୟଗଡ଼ା ଜିଲ୍ଲା ଅମ୍ବାଦୋଳା ଥାନାରେ କାର୍ଯ୍ୟରତ ଏସଆଇ ଅଶୋକ ପ୍ରଧାନଙ୍କ ମୃତଦେହ ଉଦ୍ଧାର ହୋଇଛି। ମାତ୍ର ଥାନା ପରିସରରେ ତାଙ୍କ ମୃତ୍ୟୁର କାରଣ ଏଯାଏଁ ଅସ୍ପଷ୍ଟ ରହିଛି। ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଭିଡ଼ ପରିଚାଳନା ଓ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ପୂର୍ବତଟ ରେଳପଥର ନିବେଦନ

ଭୁବନେଶ୍ୱର,୭।୧୧: ଚଳିତ ପାର୍ବଣ ଋତୁରେ ଯାତ୍ରୀଙ୍କ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ଏହାର ପରିସୀମା ମଧ୍ୟରେ ଯାତ୍ରା କରୁଥିବା ସମସ୍ତ ରେଳଯାତ୍ରୀଙ୍କୁ ରେଳବାଇ କର୍ତ୍ତୃପକ୍ଷଙ୍କ ସହଯୋଗ କରିବା ସହିତ ରେଳ ଷ୍ଟେସନ ଓ ଟ୍ରେନ୍ ମଧ୍ୟରେ ଭିଡ଼ ପରିଚାଳନା ଏବଂ ସୁରକ୍ଷା ସମ୍ବନ୍ଧୀୟ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିବେଦନ କରିଛି। ବିଶେଷକରି ପାର୍ବଣ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ଆରାମଦାୟକ ଓ ସୁଗମ ଯାତ୍ରା ସୁନିଶ୍ଚିତ କରିବା ଏହି ନିବେଦନର ମୁଖ୍ୟ ଉଦ୍ଦେଶ୍ୟ। ଯାତ୍ରୀଙ୍କ ଅଧିକ ଭିଡ଼କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ, ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳବାଇ ପୋଲିସ କର୍ମଚାରୀଙ୍କ ନିୟୋଜନ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଯାତ୍ରୀଙ୍କ ଚଳପ୍ରଚଳ ଉପରେ ନିରନ୍ତର ନଜର ରଖିବା ଆଦି ଅନ୍ତର୍ଭୁକ୍ତ। ତେବେ, ଏହି ସମସ୍ତ ବ୍ୟବସ୍ଥାର ସଫଳତା ଯାତ୍ରୀମାନଙ୍କ ସହଯୋଗ, ଶୃଙ୍ଖଳା ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ ଅଧିକ ନିର୍ଭର କରେ। ଯାତ୍ରୀମାନଙ୍କୁ ଷ୍ଟେସନରେ ପ୍ରବେଶ ଓ ପ୍ରସ୍ଥାନ ସମୟରେ, ଟିକେଟ୍ କ୍ରୟ କରିବା ଏବଂ ଟ୍ରେନ୍ ?ରେ ଚଢ଼ିବା ସମୟରେ ସୁବ୍ୟବସ୍ଥିତ ଧାଡ଼ି ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଫୁଟ୍ ଓଭର ବ୍ରିଜ୍, ଏସ୍କେଲେଟର୍, ସିଡ଼ି ଏବଂ ପ୍ଲାଟଫର୍ମର ଧାର ନିକଟରେ ତରବରିଆ ହେବା, ଠେଲାପେଲା କରିବା କିମ୍ବା ଅଯଥା ଭିଡ଼ ସୃଷ୍ଟି କରିବାରୁ ନିବୃତ୍ତ ରହିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ପ୍ଲାଟଫର୍ମରେ ବିପଦପୂର୍ଣ୍ଣ ଭିଡ଼କୁ ଏଡ଼ାଇବା ପାଇଁ ଷ୍ଟେସନରେ ଉପଲବ୍ଧ ନିର୍ଦ୍ଦିଷ୍ଟ ହୋଲ୍ଡିଂ ଏରିଆ ବ୍ୟବହାର କରିବା ସହିତ ଟ୍ରେନ୍‌ରେ ଚଢ଼ିବା ପାଇଁ ଅନୁମତି ମିଳିବା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରିବାକୁ ମଧ୍ୟ ପରାମର୍ଶ।

ଦୀପାବଳି ପାଇଁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ

ପୁରୀ,୭।୧୧(ନିପ୍ର): ଆଉ କେଇ ଘଣ୍ଟା ପରେ ଆଲୋକ ର ପର୍ବ ଦୀପାବଳି ଉତ୍ସବ ମନାଇବେ ରାଜ୍ୟବାସୀ। ଏବେ ଠାରୁ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ରାଜ୍ୟ ଓ ରାଜ୍ୟ ବାହାରୁ ସିଂହଦ୍ୱାର ସମ୍ମୁଖରେ କାଉଁରିଆ ଜଳାଇ ବଡବଡିଆ ଡାକିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ତାଳବଣିଆ ଠାରେ ବାଣ ଦୋକାନ ଖୋଲିଯାଇଛି। ବିଭିନ୍ନ କିସମର ବାଣ ଦୋକାନ ରେ ବାଣ ବିକ୍ରି ହେଉଥିବା ଦେଖାଯାଇଛି। ବାଣର ଦର ଅତ୍ୟଧିକ ହୋଇଥିବାରୁ କେତାମାନେ ଅଳ୍ପ କିଛି ବାଣ କିଣି ନେଉଥିବା ଦେଖାଯାଇଥିଲା। ଏହିପରି ବଡ଼ଶଙ୍ଖଠାରୁ ମରିଚିକୋଟ ପର୍ଯ୍ୟନ୍ତ କାଉଁରିଆ କାଠି, ପୋଲାଙ୍ଗ ତେଲ, ରାଶି ତେଲ ପସରା ଖୋଲିଯିବା ସହ ମାଟି ଦୀପ, ଚାଇନା ଦୀପ, ସାଜସଜ୍ଜା ପାଇଁ ବିଭିନ୍ନ କିସମର ବିଦ୍ୟୁତ ସାମଗ୍ରୀ



ବିକ୍ରୀ ହେଉଥିବା ଦେଖାଯାଇଥିଲା। ଦୋକାନଗୁଡିକରେ ଜିନିଷ କିଣିବା ଗ୍ରାହକ ମାନଙ୍କ ମଧ୍ୟରେ ଭିଡ଼ ଲାଗିରହିଥିଲା। କାଳୀ ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା ପାଇଁ କାରିଗର ମାନେ ଶେଷ ସ୍ପର୍ଶ ଦେବାରେ ଲାଗି ପଡିଛନ୍ତି। ପୂଜା ମଣ୍ଡପ ଗୁଡିକର ସାଜସଜ୍ଜା ମଧ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି।

ଗଞ୍ଜାମରେ ଇ-ବସ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର,୭।୧୧: ଗଞ୍ଜାମ ଜିଲ୍ଲାରେ ଗଣପରିବହନ ବ୍ୟବସ୍ଥାକୁ ଅଧିକ ଆଧୁନିକ, ସୁଗମ ଓ ପରିବେଶ ଅନୁକୂଳ କରିବା ଲକ୍ଷ୍ୟରେ ୮ଟି ପ୍ରମୁଖ ରୁଟ୍ ରେ ୨୫ଟି ଇ-ବସ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପତାକା ଦେଖାଇ ବସ୍ ଗୁଡିକର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ସୋନାପୁର, ତାରାତାରିଣୀ ଓ ହିଞ୍ଜିଳି ସମେତ ଜିଲ୍ଲାର ବିଭିନ୍ନ ପ୍ରମୁଖ ସ୍ଥାନକୁ ଯାତାୟାତ ଅଧିକ ସହଜ ହେବ। ଏହି ବସ୍ ସେବା ଛାତ୍ରଛାତ୍ରୀ, କର୍ମଜୀବୀ, ବ୍ୟବସାୟୀ ଓ ସାଧାରଣ ଯାତ୍ରୀଙ୍କୁ ସୁରକ୍ଷିତ, ସୁଲଭ ଓ ଆରାମଦାୟକ ଯାତ୍ରାର ସୁବିଧା ଯୋଗାଇବ। ଏଥିସହ ପ୍ରଦୂଷଣ ହ୍ରାସ ସହ ପର୍ଯ୍ୟଟନ, ବାଣିଜ୍ୟ ଓ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ନୂଆ ଉତ୍ସାହ ମିଳିବ। ଜନସାଧାରଣଙ୍କ ପାଇଁ ଉନ୍ନତ ଯାତାୟାତ ସୁବିଧା ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ସବୁଜ ଓ ଆଧୁନିକ ଗଣପରିବହନ ଦିଗରେ ଗଞ୍ଜାମର ଏକ ଉଲ୍ଲେଖନୀୟ ପଦକ୍ଷେପ।

ପିଆଇବିର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ସାକ୍ଷାତ କଲା ଓଡ଼ିଶା କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ସଂଗଠନ

ଗଂଜାମ,୭।୧୧: ଓଡ଼ିଶା କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ସଂଗଠନର ଅଧ୍ୟକ୍ଷ ତଥା ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର ନବୀନର ସମ୍ପାଦକ ରବି ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ପିଆଇବିର ଅତିରିକ୍ତ ନିର୍ଦ୍ଦେଶକ ତଥା ପ୍ରେସ୍ ସେବା ପୋର୍ଟାଲର ଓଡ଼ିଶାର ମୁଖ୍ୟ ଅଖିଳ କୁମାର ମିଶ୍ରଙ୍କ ସହ ସାକ୍ଷାତ କରି କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସଭାପତି ଶ୍ରୀ ରଥ ଡିଏଭିପି ଦ୍ୱାରା ପଞ୍ଜିକୃତ ସମ୍ବାଦପତ୍ରଗୁଡ଼ିକୁ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ଆମ୍ବେଦକର ଜୟନ୍ତୀ ଭଳି ୫ଟି ବିଜ୍ଞାପନ ପୂର୍ବରୁ ଦିଆଯାଉଥିଲା। ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ସରକାରୀ ବିଜ୍ଞାପନ ଉପରେ ନିର୍ଭର କରୁଥିବାରୁ ଏହାକୁ ପୁନଃ ପ୍ରଚଳନ କରିବାକୁ ଅନୁରୋଧ କରିଥିଲେ । ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏ ଦିଗରେ ଦୃଷ୍ଟି ଦିଆଯିବ ଏବଂ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକୁ ପ୍ରଚାର ପ୍ରସାର ପାଇଁ ପିଆଇବିର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମିଶ୍ର ସହଯୋଗ କରିବାକୁ କହିଥିଲେ । ଏହି ଆଲୋଚନା ବେଳେ ପିଆଇବିର ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀଙ୍କ ସମେତ ଦକ୍ଷତାର ସମ୍ପାଦକ ଡ ଜୀବନ କୁମାର ଦୀକ୍ଷିତ, ପରିବର୍ତ୍ତନର ସମ୍ପାଦକ ରମାକାନ୍ତ ପରିଜା, ଭୂମିବାର୍ତ୍ତାର ସମ୍ପାଦକ ସ୍ୱଦେଶ ଚନ୍ଦ୍ର ଦାସ ଆଲୋଚନାରେଅଂଶଗ୍ରହଣ କରିଥିଲେ ।




ଶୁଭେଚ୍ଛା

ଆଲୋକର ପର୍ବ
ଦୀପାବଳି ଉପଲକ୍ଷେ
କେନ୍ଦ୍ରାପଡ଼ା ଘାଗରା
ପଞ୍ଚାୟତ ସମିତିର
ଜନସାଧାରଣଙ୍କୁ
ଅଭିନନ୍ଦନ ଓ ଶୁଭେଚ୍ଛା ।

ଶ୍ରୀମତୀ ପ୍ରିୟଦର୍ଶିନୀ ବିଶ୍ୱାଳ
ସରପଞ୍ଚ
ଘାଗରା, କେନ୍ଦ୍ରାପଡା ପଞ୍ଚାୟତ ସମିତି

'ବନ୍ଦେ ମାତରମ୍' ରଚନାର ୧୫୧ ବର୍ଷ ପୂର୍ତ୍ତି
ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୧୧: 'ବନ୍ଦେ ମାତରମ୍' ରଚନାର ୧୫୧ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ଜାତୀୟ ଚେତନାର ପ୍ରତୀକ 'ବନ୍ଦେ ମାତରମ୍'ରଚନାର ଗୌରବମୟ ପୂର୍ତ୍ତି ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।୧୮୭୫ ମସିହା ଆଜିର ଦିନରେ ଋଷି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କଦ୍ୱାରା ରଚିତ ଏହି କାଳଜୟୀ ସଙ୍ଗୀତ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ଲକ୍ଷ ଲକ୍ଷ ସଂଗ୍ରାମୀଙ୍କୁ ଦେଶମାତୃକାର ମୁକ୍ତି ଲାଗି ସର୍ବସ୍ୱ ସମର୍ପଣ କରିବାକୁ ଅନନ୍ୟ ପ୍ରେରଣା ଯୋଗାଇଥିଲା।



ଶୁଭେଚ୍ଛା

ଆଲୋକର ପର୍ବ
ଦୀପାବଳି ଉପଲକ୍ଷେ
ଖଣ୍ଡପଡ଼ା କଣ୍ଟିଲୋ
ଜୋନ୍‌ର ଜନସାଧାରଣଙ୍କୁ
ଜନସାଧାରଣଙ୍କୁ
ଅଭିନନ୍ଦନ ଓ ଶୁଭେଚ୍ଛା ।

ଟିଟନ ସାହୁ
ବିଜେପି ମଣ୍ଡଳ ସଭାପତି
କଣ୍ଟିଲୋ ଜୋନ୍ (ଖଣ୍ଡପଡ଼ା)

ଧାମନଗରରେ ବିକାଶର ନୂଆ ଫର୍ଦ୍ଦ

ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କଲେ ସୂର୍ଯ୍ୟବଂଶୀ ସୂରଜ

ଧାମନଗର,୭।୧୧(ନିପ୍ର): ଧାମନଗର ନିର୍ବାଚନମଣ୍ଡଳୀର ବିକାଶ ଯାତ୍ରାକୁ ଆହୁରି ଦ୍ରୁତଗାମୀ କରିବା ପାଇଁ ଭିତ୍ତିଭୂମି ଉନ୍ନୟନ, ପ୍ରାଶାସନିକ ସୁବିଧା, କ୍ରୀଡ଼ା ଏବଂ ସାଂସ୍କୃତିକ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ଏନ୍.ଏ.ସି. ଏବଂ ଗ୍ରାମାଞ୍ଚଳ ଗସ୍ତ କରି ଏକାଧିକ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଧାମନଗର ଏନ୍.ଏ.ସି.ର ବିକାଶ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଉପସ୍ଥିତିରେ ଜୟନଗର ଠାରେ ୫୦୦ ଏବଂ ଦକ୍ଷିଣବାଡ଼ ଠାରେ ୩୦୦ କ୍ଷମତା ବିଶିଷ୍ଟ ଦୁଇଟି ବହୁମୁଖୀ ସଭାଗୃହର ଉଦ୍‌ଘାଟନ କରାଯାଇଛି। ଧାମନଗରକୁ ଏକ ଆଧୁନିକ ଓ ସୁଦୃଢ଼ ସହର ଭାବେ ଗଢ଼ି ତୋଳିବାକୁ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାସହ ଦକ୍ଷିଣବାଡ଼ଠାରେ ପୂର୍ତ୍ତ ବିଭାଗ ରାସ୍ତାରୁ ସନ୍ତୋଷ ଯେନାଙ୍କ ଘର ଭାୟା ଦୁର୍ଗା ଦାଣ୍ଡ ରାସ୍ତାର ଉନ୍ନତିକରଣ ଏବଂ ଧାମନଗର ମେଳଣ ପଡ଼ିଆରେ ନୂତନ ଯଜ୍ଞ ମଣ୍ଡପ ନିର୍ମାଣର ଶୁଭ ଶିଳାନ୍ୟାସ କରାଯାଇଛି।



ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୋବଲ କାଳୀ ପଡ଼ିଆଠାରେ ଏକ ବହୁମୁଖୀ ଷ୍ଟାଡିୟମ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। 'ପଡ଼ିଆରୁ ପୋଡ଼ିୟମ' ଯାଏଁ ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବାରେ ଏହି ଷ୍ଟାଡିୟମ୍ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଗମନାଗମନ କ୍ଷେତ୍ରରେ ପ୍ରମୁଖ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମୁସ୍ତଫାପୁର ଠାରେ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ, ପାରିପାର୍ଶ୍ୱିକ ଉନ୍ନତିକରଣ ତଥା ପୂର୍ତ୍ତ ବିଭାଗ ରାସ୍ତାରୁ ଦୋବଲ-ସୋଧ ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହାବ୍ୟତୀତ, ଖଡ଼ିପଦା ପଞ୍ଚାୟତର କାଞ୍ଚିଆପାଳ ମଠରେ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିବା ବେଳେ ସୋହଡ଼ା ପଞ୍ଚାୟତ ବେଦପୁର ଠାରେ ଜଳସମ୍ପଦ ବିଭାଗର ଆଧୁନିକ ଡାକବଙ୍ଗଳା ଏବଂ ଜୟନ୍ତରା ଠାରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ରର ଲୋକାର୍ପଣ କରାଯାଇଛି। ଶେଷରେ ମନ୍ତ୍ରୀ ଦଳାଙ୍ଗ ପଞ୍ଚାୟତର ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କ ସହ ମତ ବିନିମୟ କରିଥିଲେ। ଧାମନଗର ବାସୀଙ୍କ ଶ୍ରଦ୍ଧା ଓ ବିଶ୍ୱାସ ହିଁ ପ୍ରଗତି ପାଇଁ ଆହୁରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଉଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବ୍ୟକ୍ତ କରିଛନ୍ତି।

Government of Odisha
"E"Procurement Notice

E-mailID:eepwd765017@gmail.com
Phone-(06856)233066

OFFICEOFTHESUPERINTENDINGENGINEER, RAYAGADA(R&B)DIVISION NO -II

BidIdentificationNo:RC(RANDB)RGD No-II 13/2026-27 (Online tender)

No.....4412..... Dated 04/11/26

1. Total No. of the works : -16 no Works(Single cover System) 34001/1130/2627
2.Approximate estimated Cost: -Rs1.33 Lakhs to 16.30 lakhs
3. Period of completion : -01 (One) & 12 (Twelve) Calendar months
4. Date & Time of availability of bid document in theportal:-11.00 Hrs Of dated 11.11.2026 to 17.00 Hrs. of dated 19.11.2026 for online bidding.
5. Last date/Time for receipt of bids in the portal: - Up to17.00Hrs.ofdated19.11.2026
6. Name and address of the officer inviting BID: - Superintending Engineer, Rayagada(R&B) Division No-II
7. Date of opening of Technical Bid at 11.00 Hours on dated20.11.2026
8. Further detailscanbeseenfromthee-Procurementportal: www.tendersodisha.gov.in.
9. Further Addendum/Corrigendumifanywill behostedintheabove websiteonly.

Superintending Engineer
Rayagada(R&B)Division No-II

OIPR 34001/34139/1/26-27/0011 -

AFFIDAVIT

By virtue of an affidavit sworn before The Executive Magistrate, Tarbha, affidavit no.181, dtd.02.09.2026, I Jagnyeswari Karmi D/o-Birendra Karmi, At-Garamahul, Po-Badbhainro, Ps-Tarbha, Dist-Subarnapur, Odisha-767016 do hereby declare that, I have changed my name from Jagnyeswari Karmi to Barsha Karmi. Henceforth I shall be known as Barsha Karmi for all purposes.

Sd/-Jagnyeswari Karmi

AFFIDAVIT

By virtue of an affidavit sworn before the Executive Magistrate, Banpur, on dated 05/11/2026, I Swapna Jally, W/O-Suman Jally, At-Atharabatia, P. O-Badakul, P.S.-Balugaon , Dist- Khordha, Odisha, pin- 752030, Declare that I have changed the name of my minor daughter from Surhti Jally to Srusti Jally. Henceforth my daughter's Name shall be known as Srusti Jally for all purposes .

Sd-Swapna Jally

AFFIDAVIT

By virtue of an affidavit before The Executive Magistrate Nayagarh on 14/10/2026,bearing no. 523/524, I Radha Pradhan W/O-Late Laxmidhar Pradhan village-Aswasthapada P.O-Khuntubandha P.S./Dist-Nayagarh declare that ,in my ICICI Prudential insurance Policy vide no.18291591 my name has been advertently mentioned as Radha Dei & D. O. B. is 07/05/1958 instead of My actual name according to my Aadhar and PAN is Radha Pradhan.& D. O. B is16/04/1950.Radha Pradhan W/O-late Laxmidhar Pradhan and Radha Dei W/O-Late Laxmidhar Pradhan are one and the same person .This fact is true and necessary to the authority concerned.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ